

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-168 ◆SUNDAY ◆14 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୬୮ ◆ରବିବାର ◆୧୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


### ମେସିଙ୍କ ଝଲକ ପାଇଁ ପ୍ରଶଂସକଙ୍କ ହଙ୍ଗାମା

# ସଲ୍ଟ ଲେକ୍‌ରେ ଭଙ୍ଗାରୁଜା



■ କୋଲକାତା, ୧୩।୧୨ (ଏଜେନ୍ସି): ବିଶ୍ୱପ୍ରସିଦ୍ଧ ଫୁଟବଲ ତାରକା ତଥା ବିଶ୍ୱଚାମ୍ପିଅନ ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଆଜି ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ନେଇ କୋଲକତାରେ ଅଶାନ୍ତ ବାତାବରଣ ଦେଖାଦେଇଛି । ଏହି ଗସ୍ତରେ ସେ ପ୍ରଥମେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା । ତାଙ୍କର ଝଲକ ପାଇବା ଲାଗି ଦର୍ଶକମାନେ ୫ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଟିକଟ କିଣିଥିଲେ । ମେସି ଷ୍ଟାଡିୟମ।।ରେ ପ୍ରବେଶ କରିବା ମାତ୍ରେ ଦର୍ଶକ ଉତ୍ସାହିତ ହୋଇପଡ଼ିଥିଲେ । କନ୍ତୁ ସୁରକ୍ଷା କର୍ମୀ ଓ କେତେକ ଆୟୋଜକ ମେସିଙ୍କୁ ଘେରି ରହିବାରୁ ଦର୍ଶକ ତାଙ୍କୁ ଦେଖି ପାରି ନଥିଲେ । ଏହାପରେ ଆରମ୍ଭ ହୋଇଯାଇଥିଲା ଉତ୍ତେଜନା । ଅନେକ ଦର୍ଶକ ପାଟିତୁଣ୍ଡ କରିବା ସହିତ ଷ୍ଟାଡିୟମ ଭିତରକୁ ବୋତଲ ଫିଙ୍ଗିବା ଆରମ୍ଭ କରିଥିଲେ । ତେଣୁ ସୁରକ୍ଷା ଦୃଷ୍ଟିରୁ ଅଳ୍ପ ସମୟ ପରେ ମେସିଙ୍କୁ

**କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ମମତା**

ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା । ତାଙ୍କୁ ଦେଖି ନ ପାରି ଦର୍ଶକମାନେ ହଙ୍ଗାମା କରିଥିଲେ । ଯାହାଫଳରେ ମେସିଙ୍କ ଅଢ଼େଇ ଘଣ୍ଟାର କାର୍ଯ୍ୟକ୍ରମ ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା । ଆୟୋଜକମାନେ ▶ପୃଷ୍ଠା-୭

# ନାଗରିକତା ଛାଡୁଛନ୍ତି ବର୍ଷକୁ ୨ ଲକ୍ଷ

## ୫ ବର୍ଷରେ ବିଦେଶ ପଳାଇଲେଣି ୯ ଲକ୍ଷ ଭାରତୀୟ

■ ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି): ଭାରତୀୟ ନାଗରିକତା ଛାଡିବା ପ୍ରକ୍ରିୟା ଓ ଏହାର ସଂଖ୍ୟରେ ଲଗାତର ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ବିଦେଶ ମନ୍ତ୍ରଣାଳୟ ତରଫରୁ ସଂସଦରେ ତଥ୍ୟ ପ୍ରଦାନ କରାଯାଇଛି । ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷ ଭାରତୀୟ ନାଗରିକତା ଛାଡି ବିଦେଶରେ ସ୍ଥାୟୀ ଭାବେ ବସବାସ କରିଛନ୍ତି ବୋଲି କୁହାଯାଇଛି । ରାଜ୍ୟସଭାରେ ଏ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ରାଜ୍ୟମନ୍ତ୍ରୀ କିର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ, ୨୦୧୧ରୁ ୨୦୨୪ ମଧ୍ୟରେ ପାଖାପାଖି ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଛନ୍ତି; କିନ୍ତୁ ୨୦୨୧ ପରେ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି । ୨୦୨୦ କରୋନା ମହାମାରୀ ବର୍ଷରେ ଏହି ସଂଖ୍ୟାରେ ଅବନତି ହୋଇଥିଲା ଓ ଏହା



୮୫ ହଜାରରେ ପହଞ୍ଚିଥିଲା । କିନ୍ତୁ ଏହାପରେ ଏହି ସଂଖ୍ୟା ୨ ଲକ୍ଷ ଆଖପାଖରେ ପହଞ୍ଚିଛି । ୨୦୧୧ରେ ୧୨୨୮୧୯, ୨୦୧୨ରେ ୧୨୦୯୨୧, ୨୦୧୩ରେ ୧୩୧୪୦୫, ୨୦୧୪ରେ ୧୨୯୩୨୮, ୨୦୧୫ରେ ୧୩୧୪୮୯, ୨୦୧୬ରେ ୧୪୧୬୦୩, ୨୦୧୭ରେ ୧୩୩୦୪୯, ୨୦୧୮ରେ ୧୩୪୫୬୧,

### କୋଭିଡ ମହାମାରୀ ପରେ ବଢ଼ିଛି ବିଦେଶ ପ୍ରୀତି

୨୦୧୯ରେ ୧୪୪୦୧୭, ୨୦୨୦ରେ ୮୫୨୫୬, ୨୦୨୧ରେ ୧୬୩୩୭୦, ୨୦୨୨ରେ ୨୨୫୬୨୦, ୨୦୨୩ରେ ୨୧୬୨୧୯ ଓ ୨୦୨୪ରେ ୨୦୬୩୭୮ ଲୋକ ଭାରତୀୟ ନାଗରିକତା ଛାଡିଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ତେବେ ଗତ ୩ ବର୍ଷ ମଧ୍ୟରେ ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ୫,୯୫୪ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସୁରକ୍ଷା କାରଣରୁ ଏହି ନାଗରିକଙ୍କୁ ସେଠାରୁ ବିଦା କରାଯାଇଥିଲା ।

ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଇସ୍ରାଏଲରୁ 'ଅପରେସନ ଅଜୟ', ଇରାନ- ଇସ୍ରାଏଲର 'ଅପରେସନ ସିନ୍ଧୁ' ମାଧ୍ୟମରେ ଭାରତୀୟଙ୍କୁ ବିଦେଶରୁ ଅଣାଯାଇଛି । ପୁଣି କୁଏତ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ୪୫ ଜଣ ଭାରତୀୟଙ୍କ ମୃତଦେହକୁ ମଧ୍ୟ ଭାରତ ଅଣାଯାଇଛି ।

# ବର୍ଦ୍ଧିତ ଦରମା ନେବେନି ନବୀନ

## ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

■ ଭୁବନେଶ୍ୱର, ୧୩।୧୨ (ସମିସ): ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଧାନସଭା ଶୀତକାଳୀନ ଅଧିବେଶନରେ ସରକାର ୪ଟି ବିଲ୍ ଆଣି ବାଚସ୍ପତି, ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭତ୍ତାକୁ ଅଢ଼େଇ ଗୁଣ ବୃଦ୍ଧି କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଶନିବାର ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖି ତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତା ରାଜ୍ୟ ଗରିବ ଲୋକଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ଅନୁରୋଧ କରିଛନ୍ତି । ତାଙ୍କର ଏହି ନିଷ୍ପତ୍ତି ପ୍ରତୀକାତ୍ମକ ଭାବେ ନୈତିକତାର ବାର୍ତ୍ତା ଦେଇଛି ।

ଗତ ୯ ତାରିଖରେ ରାଜ୍ୟ ବିଧାନସଭାରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାସ୍ ହୋଇଛି । ଏହି ବିଲ୍ ପାସ ପରେ ରାଜ୍ୟର ସମସ୍ତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଛି । ବିଧାୟକମାନଙ୍କର ଅନ୍ୟୁନ ଅଢ଼େଇ ଗୁଣା ଦରମା ବଢ଼ିଥିବା

**ମୋ ପ୍ରତି ଏବଂ ମୋ ପିତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ**

**'ଫନୀ' ସମୟରେ ୬ ମାସର ଦରମା ଦାନ କରିଥିଲେ ନବୀନ**

**୨୦୧୫ରେ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ କରିଛନ୍ତି ଦାନ**



ବେଳେ ବିରୋଧୀ ଦଳ ନେତା ଭାବେ ନବୀନଙ୍କର ବର୍ଦ୍ଧିତ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାରରେ ପହଞ୍ଚିଛି ।

ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ଭଲ ପାଇବା, ସ୍ନେହ, ସମର୍ଥନ ଏବଂ ଆଶୀର୍ବାଦ ପାଇଛି । ମୋ ପ୍ରତି ଏବଂ ମୋ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ । ଆପଣ ଜାଣିଥିବେ ଯେ ୨୦୧୫ ମସିହାରେ ଆମ ପରିବାର କଟକସ୍ଥିତ ନିଜ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ ରାଜ୍ୟବାସୀଙ୍କ ବ୍ୟବହାର ପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲୁ । ସେହିଭଳି ଓଡ଼ିଶା ବିଧାନସଭାରେ ନିକଟରେ ପାରିତ ହୋଇଥିବା ବିରୋଧୀ ଦଳ ନେତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତାକୁ ମଧ୍ୟ ମୁଁ ତ୍ୟାଗ କରିବାକୁ ଚାହୁଁଛି । ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ ଏହି ଅର୍ଥକୁ ଆମ ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରିବାକୁ ନବୀନ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଏହି ପତ୍ରକୁ ନବୀନ ବାଚସ୍ପତି ସୁରମା ପାଢୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ମଧ ▶ପୃଷ୍ଠା-୭

### ମାଲକାନଗିରି ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ଅପେକ୍ଷା

# ଇଣ୍ଟରନେଟ୍ ସେବା ଆଉ ୩୬ ଘଣ୍ଟା ବନ୍ଦ

■ ମାଲକାନଗିରି, ୧୩।୧୨ (ସମିସ): ଏମ୍‌ଭି-୨୬ ଗ୍ରାମରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଉଚ୍ଛେଦ କରାଯାଇଛି ବୋଲି ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ମଧ୍ୟ ଉପସ୍ଥିତ ଥିଲେ । ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ଜିଲ୍ଲାପାଳ ଏଥିରେ ସୂଚନା ଦେଇଛନ୍ତି । ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ଫେରିଛି । ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା ଅର୍ଥାତ୍ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ



**ଏମ୍‌ଭି-୨୬ ଗ୍ରାମରୁ ଉଠିଲା ବିଏନ୍‌ଏସ୍‌ଏସ୍ ଧାରା ୧୬୩**

**ପୋଡ଼ାଜଳା ଘଟଣାରେ ୬ ଗିରଫ**

କରାଯାଇଛି । କରାଯାଇଥିବା ଶାନ୍ତି କମିଟି ବୈଠକ ମଧ୍ୟ ସଫଳ ହୋଇଛି । ସମସ୍ତଙ୍କ ମଧ୍ୟରେ ଶାନ୍ତି ପୂର୍ବଭଳି ଫେରିଥିବା ଜିଲ୍ଲପାଳ ସୂଚାଇଛନ୍ତି । ପୁଲିସ୍ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳମାନଙ୍କରେ ମଧ୍ୟ ଶାନ୍ତି କମିଟି ବୈଠକ କରାଯାଉଛି । ସେହିପରି ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଅହରହ ଯୋଗାଯୋଗରେ ଥିବା ପ୍ରକାଶ କରିଛନ୍ତି ଜିଲ୍ଲାପାଳ । ଏଥିସହ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ ▶ପୃଷ୍ଠା-୭

# ଆଜିଠୁ କମିବ ଜାଡ଼

■ ଭୁବନେଶ୍ୱର, ୧୩।୧୨ (ସମିସ): ରାଜ୍ୟରେ ଲଗାତାର ୮ ଦିନ ହେବ ଶୀତ ଲହରୀ ଜାରି ରହିଛି । ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହିଛି । ଏହାସହ ଗତ ୨୪ ଘଣ୍ଟାରେ ରାଜ୍ୟର ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି । ଏହି ସ୍ଥିତି ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତାକାଲିଠାରୁ ଜାଡ଼ କମିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି ସେମିଳିଗୁଡାରେ ପାରଦ ୪.୬ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୫.୫, ଦାରିଙ୍ଗବାଡିରେ ୬, କୋରାପୁଟ ୬.୫, ଚିପିଲିମା ୭.୮, ନବରଙ୍ଗପୁର, ରାଉରକେଲା ୮, ଝାରସୁଗୁଡା ୮.୨, ଭବାନୀପାଟଣା ୮.୫, ଅନୁଗୁଳ ୯, ସୁନ୍ଦରଗଡ଼ର କିରେଇ ୯.୨, ଢେଙ୍କାନାଳ, ରାୟଗଡ଼ା, ବୌଦ୍ଧ ଏବଂ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ କରାଯାଇଛି । ପାଣିପାଗ କେନ୍ଦରର ▶ପୃଷ୍ଠା-୭






### ମଣ୍ଡି ଖୋଲୁଛି; ଧାନ ଉଠୁନି

# ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ ଚାଷୀ

■ ପଦ୍ମପୁର, ୧୩।୧୨ (ସମିସ): ଧାନବସ୍ତା ପକାଇ ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ; ରାସ୍ତା ଉପରେ ଆଣ୍ଠେଇ ଦୁଇ ହାତଯୋଡ଼ି ମୁଣ୍ଡିଆ ବି ମାରିଲେ । ଖାଲି ଗୋଟିଏ ଦାବି ପୂରଣ କର, ଆମ ଧାନ କିଣିନିଅ । ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ଆସିଥିବା ଏଭଳି ଏକ ଚିତ୍ର ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ବରଗଡ଼ରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ସରକାର-ମିଲର୍‌ଙ୍କ ମଧ୍ୟରେ ଟଣାଓଟରା ଏବଂ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ସରକାରୀ ଅବ୍ୟବସ୍ଥାର ଫଳ ଚାଷୀକୁ ଭୋଗିବାକୁ ପଡୁଛି । ଫଳରେ, ପାଖାପାଖି ମାସେ ତଳୁ ଅମଳ କରିଥିବା ଧାନ



ଏବେ ଖଳାରେ ଶୀତ କାକର ଖାଉଛି । ଧାନମଣ୍ଡି ଖୋଲୁଥିଲେ ହେଁ ଚାଷୀଙ୍କ ଧାନ ଉଠୁନାହିଁ । ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବରରେ ଏହାକୁ ନେଇ ଆଜି ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ ଜଣାଇଥିଲେ । ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଧିଆ ପଡ଼ି ଧାନ ଉଠାଇବା ପାଇଁ ଗୁହାରି କରିଥିଲେ ।

ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ବହୁ ସଂଖ୍ୟାରେ ଚାଷୀ ପଦ୍ମପୁର

**ଶୀଘ୍ର ଧାନ କିଣା ନ ହେଲେ ଆତ୍ମହତ୍ୟା ଚେତାବନୀ**

**ପଦ୍ମପୁର ଉପଖଣ୍ଡରେ ଧାନ ବିକ୍ରି ସମସ୍ୟା ଉତ୍କଟ**

ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକାଠି ହୋଇଥିଲେ । ପରେ ସେମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ ତଳେ ▶ପୃଷ୍ଠା-୭



# ପାକିସ୍ତାନ କୋର୍ଟରେ 'ଧୂରନ୍ଧର'

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନର କରାଚୀର ଏକ କୋର୍ଟରେ ବଲିଉଡ ସିନେମା 'ଧୂରନ୍ଧର' ବିରୋଧରେ ଏକ ଆବେଦନ ଦାଏର କରାଯାଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ଏହି ସିନେମାରେ ପାକ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ଫଟୋ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ର ପତାକା ଓ ପାର୍ଟି ରାଲିଗୁଡିକର ଚିତ୍ର ବିନା ଅନୁମତିରେ ବ୍ୟବହାର କରାଯାଇଛି। ପୁଣି ଆତଙ୍କବାଦକୁ ପିପିପି ସମର୍ଥନ କରୁଛି ବୋଲି ଏହି ସିନେମାରେ ଦର୍ଶାଇବାକୁ ପ୍ରୟାସ କରାଯାଇଛି ବୋଲି କୁହାଯାଇଛି। ପିପିପି କର୍ମୀ ମହମ୍ମଦ ଆମୀର କରାଚୀର ଜିଲ୍ଲା ଓ ସେସନ କୋର୍ଟରେ ଏ ନେଇ ଆବେଦନ କରିଛନ୍ତି। ସିନେମାର ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ସିନେମା ପ୍ରଚାର ସହିତ ଜଡିତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏଫ୍ଆଇଆର୍ ଦାଏର କରିବାକୁ ଆବେଦନରେ ଦାବି କରାଯାଇଛି। ସିନେମାର ପ୍ରମୁଖ ଅଭିନେତା ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ଆର ମାଧବନ, ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ସମେତ ନିର୍ଦ୍ଦେଶକ ଆଦିତ୍ୟ ଧର, ନିର୍ମାତା ଲୋକେଶ ଧର ଓ ଜ୍ୟୋତି କିଶୋର ଦେଶପାଣ୍ଡେଙ୍କ ନାମ ଆବେଦନରେ ଉଲ୍ଲେଖ କରାଯାଇଛି। ପାକିସ୍ତାନ ବିରୋଧୀ ଆଭିମୁଖ୍ୟ ପାଇଁ ଧୂରନ୍ଧରକୁ ୬ଟି ଉପସାଗରୀୟ ଦେଶରେ ନିଷିଦ୍ଧ କରାଯାଇଛି। ମୁକ୍ତିଲାଭ କରିବାର ୯ମ ଦିନରେ ଏହି ସିନେମା ୧୫.୭୮ କୋଟି ଟଙ୍କା ଆୟ କରିଛି। ଏଥିସହ ଧୂରନ୍ଧର ମୋଟ ଉପରେ ୨୫୫.୫୩ କୋଟି ଟଙ୍କା ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି।



# ନୋବେଲ ପୁରସ୍କାର ବିଜୟିନୀ ଗିରଫ

ତେହେରାନ, ୧୩।୧୨ (ଏଜେନ୍ସି): ଇରାନରେ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ମାନବାଧିକାର କର୍ମୀ ନର୍ଗିସ ମହମ୍ମଦୀଙ୍କୁ ପୁଣିଥରେ ଗିରଫ କରାଯାଇଛି। ନର୍ଗିସ ମଶହଦ ଶହରରେ ଏକ ଶୋକ ସଭାରେ ସାମିଲ ହେବାକୁ ଯାଇଥିଲେ। ସେଠାରେ ହିଁ ତାଙ୍କ ଗିରଫ କରାଯାଇଛି। ସେ ସ୍ୱର୍ଗତ ମାନବାଧିକାର ଓକିଲ ଖୋସରୋ ଅଲକୋର୍ଦୀଙ୍କ ସ୍ମୃତି ସଭାରେ ଯୋଗ ଦେବାକୁ ଯାଇଥିଲେ। ଗତ ସପ୍ତାହରେ ଅଲକୋର୍ଦୀଙ୍କୁ ନିଜ କାର୍ଯ୍ୟାଳୟରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେ ହୃଦ୍‌ଘାତ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ଇରାନ ଅଧିକାରୀମାନେ କହିଥିଲେ। କିନ୍ତୁ ଏହାକୁ ସନ୍ଦେହ କରାଯାଉଛି। ବିନା ହିଜାବରେ ସେ ଭାଷଣ ଦେଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ନର୍ଗିସଙ୍କୁ କେଉଁଠାରେ ରଖାଯାଇଛି ସେ ନେଇ କିଛି କୁହାଯାଇନାହିଁ। ନର୍ଗିସଙ୍କ ଗିରଫ ନେଇ ନୋବେଲ କମିଟି ଚିନ୍ତା ପ୍ରକଟ କରିଛି। ୨୦୨୩ରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଇରାନ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସଂଘର୍ଷ ଓ ମାନବାଧିକାରଗୁଡିକୁ ଆଗକୁ ବଢ଼ାଇବା ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା। ଇରାନରେ ମୃତ୍ୟୁଦଣ୍ଡ, ଜବରଦସ୍ତି ହିଜାବ ପିନ୍ଧାଇବା, ଅଭିବ୍ୟକ୍ତିର ସ୍ୱାଧୀନତା ନେଇ ଲଗାଯାଇଥିବା କଟକଣା ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଏହି କାରଣରୁ ତାଙ୍କୁ ୨୦୨୧ରେ ଗିରଫ କରାଯାଇଥିଲା।

# ପାକିସ୍ତାନରେ ପଢ଼ା ହେବ ସଂସ୍କୃତ, ଗୀତା

ଲାହୋର, ୧୩।୧୨(ଏଜେନ୍ସି): ସ୍ୱାଧୀନତା ପରେ ପାକିସ୍ତାନରେ ପ୍ରଥମଥର ପାଇଁ ସଂସ୍କୃତ ଭାଷାରେ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଲାହୋର ୟୁନିଭର୍ସିଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍ସ (ଏଲ୍ୟୁଏମ୍ଏସ୍)ରେ ପ୍ରଥମ ୩ ମାସରେ ଏ ନେଇ ଏକ କ୍ଷୁଦ୍ରକାଳୀନ ସପ୍ତାହନ୍ତ କର୍ମଶାଳା ଆରମ୍ଭ କରିଛି। ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସଂସ୍କୃତ ଭାଷା ସହିତ ଭଗବତ ଗୀତା ଓ ମହାଭାରତକୁ ମଧ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି କୁହାଯାଇଛି। ଏହି ପଦକ୍ଷେପ ଧାର୍ମିକ ନୁହେଁ ବରଂ ଏହା ଶିକ୍ଷାଗତ ଓ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅଧ୍ୟାପକମାନେ କହିଛନ୍ତି। ଜଣେ ଅଧ୍ୟାପକ କହିଛନ୍ତି ଯେ, ସଂସ୍କୃତ ଏହି ଭୂମି ପାଇଁ ବିଦେଶୀ ନୁହେଁ। ଏହା ଏହି ଅଞ୍ଚଳର ଭାଷା, ସାହିତ୍ୟ ଓ ଚିନ୍ତାଧାରକୁ ନୂଆ ରୂପ ଦେଇଛି। ଏହାକୁ ଅଧ୍ୟୟନ କଲେ ଆମେ ଆମର ନିଜସ୍ୱ ଅତୀତକୁ ଭଲଭାବେ ବୁଝିବାରେ ସକ୍ଷମ ହୋଇପାରିବୁ। ସଂସ୍କୃତ କୌଣସି ଗୋଟିଏ ଧର୍ମରେ ବନ୍ଧା ନୁହେଁ ବୋଲି କୁହାଯାଇଛି।

# 'ଜାନୁଆରୀରେ ଶିବ୍‌କୁମାର ମୁଖ୍ୟମନ୍ତ୍ରୀ ହେବେ'

ବେଙ୍ଗାଲୁରୁ, ୧୩।୧୨(ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ବିଧାୟକ ଇକବାଲ ହୁସେନ ଏକ ବଡ଼ ଭବିଷ୍ୟବାଣୀ କରି ହଇଚଇ ସୃଷ୍ଟି କରିଛନ୍ତି। ବିଧାନସଭାର ଶୀତକାଳୀନ ଅଧିବେଶନ ପରେ ଅର୍ଥାତ ଡିସେମ୍ବର ୬ରେ ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବେ ବୋଲି ସେ କହିଛନ୍ତି। ଫଳରେ କର୍ଣ୍ଣାଟକରେ କଂଗ୍ରେସ ନେତୃତ୍ୱ ନେଇ ହେଉଥିବା ଆକଳନ, ଆଲୋଚନ ଓ ଅନୁମାନ ଆହୁରି ଜୋରଧରିଛି। ଇକବାଲ ରାମନଗର ବିଧାୟକ ଭାବେ ଶିବକୁମାର ଓ ଅନ୍ୟ ବିଧାୟକଙ୍କ ବିଳମ୍ବିତ ରାତି ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି। ଏହି ବୈଠକରେ ୫୦ରୁ ୫୫ ବିଧାୟକ ଯୋଗ ଦେଇଥିଲେ। ତେବେ ଏହା ଶକ୍ତି ପ୍ରଦର୍ଶନ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ପଦ ପାଇଁ ଶିବକୁମାର ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ମଧ୍ୟ ଟଣାଓଟଣା ଦୀର୍ଘ ବର୍ଷ ଧରି ଚାଲୁ ରହିଛି।

# ୟୁପି ବିଜେପିର ନୂଆ ଅଧ୍ୟକ୍ଷ ହେବେ ପଙ୍କଜ ଚୌଧୁରୀ

ଲକ୍ଷ୍ନୌ, ୧୩।୧୨(ଏଜେନ୍ସି): କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ ଉତ୍ତରପ୍ରଦେଶ ବିଜେପିର ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ରାଜଧାନୀ ଲକ୍ଷ୍ନୌସ୍ଥିତ ବିଜେପି କାର୍ଯ୍ୟାଳୟରେ ସେ ନିଜର ନାମାଙ୍କନ ଦାଖଲ କରିଛନ୍ତି। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିବାର ସମୟସୀମା ଥିଲା। କିନ୍ତୁ ଆଉ କେହି ନାମାଙ୍କନ ଦାଖଲ କରି ନଥିବାରୁ ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବିରୋଧରେ ବିଜେପି ଅଧ୍ୟକ୍ଷ ହେବା ସ୍ପଷ୍ଟ ହୋଇଛି। ପଙ୍କଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟତର ଭାବେ ଜଣାଶୁଣା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକଙ୍କ ସମେତ ୧୦ଜଣ ନେତା ପଙ୍କଜଙ୍କ ନାମକୁ ନେଇ ପ୍ରସ୍ତାବ ଦେଇଥିଲେ। ଏବେ ରବିବାର ଲୋହିଆ ନ୍ୟାସନାଲ ଲ ୟୁନିଭର୍ସିଟିରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ନୂଆ ଅଧ୍ୟକ୍ଷ ଭାବେ ପଙ୍କଜଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି। ପଙ୍କଜ ଯୋଗୀଙ୍କ ଗଡ଼ ଗୋରଖପୁରରୁ ଆସିଛନ୍ତି ଓ ସେ ମହରାଜଗଞ୍ଜରୁ ୭ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି।

# ଗୁଇନ୍ଦାଗିରି ଅଭିଯୋଗରେ ସେନା ଅଧିକାରୀ ଗିରଫ

ଗୌହାଟୀ, ୧୩।୧୨(ଏଜେନ୍ସି): ପାକିସ୍ତାନ ଗୁପ୍ତଚର ନେଟ୍‌ୱର୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଆସାମରେ ଜଣେ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଆସାମ ପୁଲିସ ବାୟୁସେନା ଅଧିକାରୀ କୁଳେନ୍ଦ୍ର ଶର୍ମାଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। କୁଳେନ୍ଦ୍ର ତେଜପୁରର ପଟିଆ ଅଞ୍ଚଳରେ ବାସିନ୍ଦା। ପୁଲିସ ତାଙ୍କ ଉପରେ ଲଗାତର ନଜର ରଖିଥିଲା ଓ ପ୍ରାଥମିକ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଏକ ଗୁପ୍ତଚର ସଂସ୍ଥାକୁ ସେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ଦେଉଥିବାର ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ ଓ ଲାପଟପ୍‌ରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେହଜନକ ସାମଗ୍ରୀ ଜବତ କରାଯାଇଛି। ଅବସର ନେବା ପୂର୍ବରୁ ତାଙ୍କୁ ତେଜପୁରର ଏୟାର ଫୋର୍ସ ଷ୍ଟେସନରେ ଜୁନିଅର ୱାରେଣ୍ଟ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା। ୨୦୦୨ରେ ସେ ଅବସର ନେଇଥିଲେ। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରାଯାଇଛି ବୋଲି ପୁଲିସ କହିଛି।

# ପଶ୍ଚିମବଙ୍ଗ ଏସ୍ଆଇଆର୍‌ରେ କଟିଲା ୫୮ ଲକ୍ଷ ଭୋଟରଙ୍କ ନାମ

କୋଲକାତା, ୧୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଶେଷ ପରେ ନିର୍ବାଚନ କମିଶନ ଶୁକ୍ରବାର ଆସନ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଛି। ରାଜ୍ୟରେ ମୋଟ୍ ୫୮ ଲକ୍ଷରୁ ଅଧିକ ନାମ ଭୋଟର ତାଲିକାରୁ ହଟାଯାଇଛି ବୋଲି କମିଶନ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ଆସନରୁ ୪୪, ୭୮୭ ଭୋଟରଙ୍କ ନାମ ହଟାଯାଇଛି। ଏଠାରେ ଗତ ଜାନୁଆରୀରେ ତାଲିକାରେ ୧, ୬୧, ୫୦୯ ଭୋଟର ଥିଲେ। ସେହିପରି ବିଜେପି ନେତା ତଥା ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନନ୍ଦୀଗ୍ରାମ ଆସନରେ ୧୦, ୫୯୯ ଭୋଟ ହଟାଯାଇଛି। ଏସ୍ଆଇଆର୍ ପୂର୍ବରୁ ଏଠାରେ ୨, ୭୮, ୨୧୨ ଭୋଟର ଥିଲେ। ଜିଲ୍ଲାଗୁଡିକୁ ନେଇ ପ୍ରକାଶିତ ପରିସଂଖ୍ୟାନରେ ସାଉଥ ୨୪ ପ୍ରଗଣା ସବୁଠାରୁ ଉପରେ ରହିବ। ଏହି ଜିଲ୍ଲାରେ ୮ ଲକ୍ଷ ୧୬ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ ହଟାଯାଇଛି। ଏହି ଅଞ୍ଚଳ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ବୋଲି ବିବେଚନା କରାଯାଇଥାଏ। ସେ ଡାଇମଣ୍ଡ ହାର୍ବର ଆସନରେ ଗତ ଲୋକସଭା ନିର୍ବାଚନରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ସେପଟେ ବିଜେପି ନେତା ଅମିତ ମାଲବୀୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡିସେମ୍ବର ୧୧ ପୂର୍ବରୁ ଅନ୍ତିମ ତାରିଖରେ ନିଜ ଏସ୍ଆଇଆର ଫର୍ମ ପୂରଣ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ମମତା ପୁଣି ଥରେ ଲୋକଙ୍କୁ ଭୂଆଁ ବୁଲାଇବାକୁ ପ୍ରୟାସ କରିବାର ନିଜର ପୁରୁଣା ପ୍ରକୃତିକୁ ଦୋହରାଇଛନ୍ତି। ସେ ଡିସେମ୍ବର ୧୧ରେ ନିଜର ଏସ୍ଆଇଆର ଫର୍ମ ଭରିଛନ୍ତି। ପଶ୍ଚିମବଙ୍ଗର ଜଣେ ବୈଧ ମତଦାତା ଭାବେ ବଜାୟ ରହିବା ପାଇଁ ସେ ଫର୍ମ ପୂରଣ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।



■ ମମତାଙ୍କ ଆସନରେ ୪୪ ହଜାର ନାମ କଟାଗଲା
■ ସାଉଥ ପ୍ରଗଣା ଜିଲ୍ଲାରେ ବାଦ୍ ପଡ଼ିଲେ ୮ ଲକ୍ଷ

ନିର୍ବାଚନ କମିଶନ ଦେଇଥିବା ପରିସଂଖ୍ୟାନ ଅନୁସାରେ ରାଜ୍ୟର ୧୯୪ଟି ବିଧନସଭା ଆସନଗୁଡିକ ମଧ୍ୟରୁ କୋଲକାତାର ଚୋରଙ୍ଗି ଓ କୋଲକାତା ପୋର୍ଟ ଭଳି କ୍ଷେତ୍ରରେ ସର୍ବାଧିକ ନାମ କଟାଯାଇଛି। ଚୋରଙ୍ଗି ଆସନରେ ୭୪, ୫୫୩ ନାମ ହଟାଯାଇଛି। ଏଠାରେ ନୟନା ବନ୍ଦୋପାଧ୍ୟାୟ ଟିଏମସି ଟିକେଟରେ ନିର୍ବାଚିତ ହୋଇଥିଲେ। ସେହିପରି କୋଲକାତା ପୋର୍ଟରୁ ୬୩, ୭୩୦ ନାମ ଭୋଟର ତାଲିକାରୁ କଟାଯାଇଛି। ଏଠାରୁ ବରିଷ୍ଠ ମନ୍ତ୍ରୀ ଫିରହାଦ ହାକିମ ବିଜୟୀ ହୋଇଥିଲେ। ସେହିପରି ଟାଲିଗଞ୍ଜରୁ ୩୫, ୩୦୯ ନାମ ହଟାଯାଇଛି। ତେବେ ବାଙ୍କୁରା ଜିଲ୍ଲାର କୋତୁଲପୁରରୁ ସବୁଠାରୁ କମ୍ ୫, ୬୭୮ ନାମ କଟାଯାଇଛି। ମତଦାତାଙ୍କ ମୃତ୍ୟୁ, ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେବା ଓ ନକଲି ପ୍ରବେଶ କାରଣରୁ ଭୋଟରମାନଙ୍କ ଏହି ନାମଗୁଡିକୁ କଟାଯାଇଛି। ବିଜେପି ବିଧାୟକଙ୍କ କ୍ଷେତ୍ରରୁ ମଧ୍ୟ ନାମ କଟାଯାଇଛି। ଏହି କ୍ରମରେ ନନ୍ଦୀଗ୍ରାମରେ ସର୍ବାଧିକ ନାମ କଟାଯାଇଛି। ଆସନସୋଲ ସାଉଥରୁ ୩୯, ୨୦୨, ସିଲିଗୁଡିରୁ ୩୧, ୧୮୧ ନାମ କଟାଯାଇଛି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ମତଦାତା ସୂଚୀ ପ୍ରକାଶ ପାଇବ।




ସଂସଦ ଆକ୍ରମଣ ଘଟଣାର ୨୪ ବର୍ଷ ପୂରିଛି। ଏହି ଅବସରରେ ସଂସଦ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପ ରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ସାଂସଦ ସହିଦ ସୁରକ୍ଷାକର୍ମୀଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରୁଛନ୍ତି।

# ସେନାରେ ୪୯୧ ନୂଆ ଯୁବ ଅଧିକାରୀ

ଡେରାଡୁନ୍, ୧୩।୧୨(ଏଜେନ୍ସି): ଡେରାଡୁନସ୍ଥିତ ଭାରତୀୟ ସୈନ୍ୟ ଏକାଡେମୀ (ଆଇଏମ୍ଏ)ର ଐତିହାସିକ ଡ୍ରିଲ ସ୍କୋୟାରରେ ଶନିବାର ୧୫୭ତମ ପାସିଂ ଆଉଟ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପରେଡ୍‌ରେ ପରମ୍ପରା, ଅନୁସାଶନ, ସୈନ୍ୟ ଗାରିମାର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ କଠିନ ପ୍ରଶିକ୍ଷଣ ପୂରା କରିଥିବା ଅଧିକାରୀଙ୍କୁ କ୍ୟାଡେଟ ଭାରତୀୟ ସେନାରେ କମିଶନ ପ୍ରଦାନ କରାଯାଇଥିଲା। ଏହିକ୍ରମରେ ନୂଆ ୪୯୧ ଅଧିକାରୀ ଭାରତୀୟ ସେନାରେ ଯୋଗ ଦେଇଥିଲେ।

# ଅସହ୍ୟ ହେଲା ଦିଲ୍ଲୀ ପ୍ରଦୂଷଣ



ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ଅତିଶୟ ହୋଇଛି ଓ ବାୟୁ ବିଷାକ୍ତ ହେବାରେ ଲାଗିଛି। ଏହି ବର୍ଦ୍ଧିତ ଏକ୍ୟୁଆଇକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିକ୍ୟୁଏଏମ୍) ଜିଆର୍ଏପି-୪ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ଗୋଟିଏ ଦିନରେ ଦୁଇଥର ଗ୍ରାପ ବଦଳାଯାଇଛି। ସକାଳେ ଗ୍ରାପ୍-୩ ଲାଗୁ କରାଯାଇଥିଲା। କିନ୍ତୁ ପରେ ଏହରାକୁ ହଟାଇ ଗ୍ରାପ୍-୪ ଲାଗୁ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବାୟୁ ଗୁଣବତ୍ତା ଶନିବାର ସନ୍ଧ୍ୟାରେ ଆହୁରି ଖରାପ ହୋଇଥିଲା। ସନ୍ଧ୍ୟା ୪ଟାରେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୪୩୧ ଥିଲା। ଏହାର ଦୁଇଘଣ୍ଟା ପରେ ୬ଟାରେ ଏକ୍ୟୁଆଇ ୪୪୧ରେ ପହଞ୍ଚିଥିଲା। ସ୍ଥିର ବାୟୁ ଓ ବାତାବରଣ ଏବଂ ଖରାପ ପାଗ ସ୍ଥିତିକୁ ଆହୁରି ବିଗାଡିଛି। ଗ୍ରାପ-୪ ଲାଗୁ ହେବା ପରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲାଗୁ କରାଯାଇଥାଏ। ଜାତୀୟ ରାଜପଥ, ସଡ଼କ, ଫ୍ଲାଏ ଓଭର, ଓଭର ବ୍ରିଜ୍, ବିଜୁଳି ବଣ୍ଟନ ସମ୍ପର୍କିତ ଯୋଜନା ଓ ଅତିଆବଶ୍ୟକୀୟ କାର୍ଯ୍ୟକୁ ବାଦ ଦେଲେ ଅନ୍ୟ ସବୁପ୍ରକାର ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରାଯାଇଥାଏ। ପୁଣି ଦିଲ୍ଲୀରେ ଟ୍ରକର ପ୍ରବେଶକୁ ରୋକା ଯାଇଥାଏ ଓ ଅନ୍ୟାନ୍ୟ କେତୋଟି କଟକଣା ଲାଗୁ କରାଯାଇଥାଏ। ଦିଲ୍ଲୀ ବାହାରର ପଞ୍ଜୀକୃତ ଗାଡ଼ିକୁ ଭିତରକୁ ଛଡାଯାଇନଥାଏ। ସେହିପରି ସ୍କୁଲ୍‌ରେ ଷଷ୍ଠରୁ ୯ମ ଓ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅନଲାଇନ୍ କ୍ଲାସ କରିବାକୁ କିମ୍ବା ହାଇବ୍ରିଡ୍ ମୋଡରେ କ୍ଲାସ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। ଏକ୍ୟୁଆଇ ଯେତେବେଳେ ୪୫୦ ପାର କରିଥାଏ ସେତେବେଳେ ହିଁ ଗ୍ରାପ୍-୪ ଲାଗୁ କରାଯାଇଥାଏ।

■ ଦିଲ୍ଲୀ-ଏନ୍‌ସିଆରରେ ଗ୍ରାପ୍-୪ ଲାଗୁ

## କେରଳ ପୌର ନିର୍ବାଚନ, ୟୁଡିଏଫ୍‌ର ବାଜିମାତ୍

# ବିଜେପି ଛଡ଼ାଇନେଲା ଥିରୁବନନ୍ତପୁରମ ନିଗମ

ଥିରୁଅନନ୍ଦପୁରମ, ୧୩।୧୨(ଏଜେନ୍ସି): କେରଳର ସ୍ଥାନୀୟ ନଗରପାଳିକା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଐତିହାସିକ ସଫଳତା ହାସଲ କରିଛି। ଏହା କେରଳ ରାଜନୈତିକ ଦୃଶ୍ୟପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି। ପୂର୍ବରୁ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରଭାବ ଥିଲା। ଏବେ ଏହି ପ୍ରଭାବ କ୍ଷୁଣ୍ଣ ହେବାରେ ଲାଗିଛି।

ରାଜଧାନୀ ଥିରୁବନନ୍ଦପୁରମ ନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ଏନ୍‌ଡିଏ ୫୦ଟିରେ ବିଜୟୀ ହୋଇଛି। ଗତ ୪୫ ବର୍ଷ ଧରି ଏହା ବାମ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅକ୍ତିଆରରେ ଥିଲା। ନିର୍ବାଚନରେ ଏଲ୍‌ଡିଏଫ୍ ୨୯ ଓ କଂଗ୍ରେସ ମେଣ୍ଟ (ୟୁଡିଏଫ୍) ୧୯ଟି ୱାର୍ଡରେ ବିଜୟୀ ହୋଇଛି। ପୂର୍ବରୁ ୨୦୨୦ ନିର୍ବାଚନରେ ଏଲ୍‌ଡିଏଫ୍ ୫୧ଟି ୱାର୍ଡରେ ବିଜୟୀ ହୋଇଥିଲା ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୫ଟି ୱାର୍ଡରେ ବିଜୟ ମିଳିଥିଲା। ସେହିପରି ୟୁଡିଏଫ୍ ୧୦ଟିରେ ବିଜୟ ହାସଲ କରିଥିଲା। ତିରୁବନନ୍ତପୁରମକୁ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ଗଡ଼ ବୋଲି ବିବେଚନା କରାଯାଏ। ସେ ୨୦୦୯ ରୁ ଏହି ଲୋକସଭା ଆସନରୁ ବିଜୟୀ ହୋଇ ଆସୁଛନ୍ତି। ଏନଡିଏର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟର ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଜେପିର ଏହି ଐତିହାସିକ ବିଜୟରେ ଶଶି ଥରୁର ଅଭିନନ୍ଦନ ଜଣାଇଛନ୍ତି। ଜନାଦେଶକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ପୌର/ପଞ୍ଚାୟତ ନିର୍ବାଚନରେ ୬ଟି ପୌର ନିଗମ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪ଟିରେ ବିଜୟୀ ହୋଇଥିବା ବେଳେ ବାମ ସାମ୍ମୁଖ୍ୟ ଓ ଏନଡିଏ ଗୋଟିଏ ଲେଖାଏଁ ନିଗମରେ ବିଜୟୀ ହୋଇଛନ୍ତି। ସେହିଭଳି ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ୟୁଡିଏଫ ସର୍ବାଧିକ ୫୯ଟିରେ ବିଜୟୀ ହୋଇଥିବା ବେଳେ ୩୦ରେ ଏଲଡିଏଫ୍ ଏବଂ ଦୁଇଟିରେ ଏନଡିଏ ବିଜୟୀ ହୋଇଛି। ବ୍ଲକ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୧୦୬୩, ଏଲଡିଏଫକୁ ୮୨୩ ଏବଂ ଏନଡିଏକୁ ୫୦ ମିଳିଥିବା ବେଳେ ଗ୍ରାମ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୭୪୫୧, ଏଲଡିଏଫକୁ ୬୧୩୭ ଏବଂ ଏନଡିଏକୁ ୧୩୬୩ ମିଳିଛି। ଆସନ୍ତା ବର୍ଷ କେରଳ ବିଧାନସଭା ନିର୍ବାଚନ ।।ହେବାକୁ ଯାଉଥିବା ବେଳେ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି।

# ମସ୍କଙ୍କ ସହାୟତା ଲୋଡ଼ିଲେ ଇମ୍ରାନଙ୍କ ପୂର୍ବତନ ପତ୍ନୀ ଜେମିମା

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପୂର୍ବତନ ପତ୍ନୀ ଜେମିମା ଗୋଲ୍ଡସ୍ମିଥ ସାମାଜିକ ଗଣମାଧ୍ୟମ 'ଏକ୍ସ'ର ମାଲିକ ଏଲନ ମସ୍କଙ୍କୁ ଏକ ଖାସ୍ ନିବେଦନ କରିଛନ୍ତି। ଇମ୍ରାନଙ୍କୁ ନେଇ ଏକ୍ସରେ ଯେଉଁ ପୋଷ୍ଟ କରୁଛି, ତାହା ଲୋକଙ୍କ ପାଖରେ ପହଞ୍ଚିବାକୁ ଦିଆଯାଉନାହିଁ। ଖାସ୍ କରି ଇମ୍ରାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅନ୍ୟାୟ ନେଇ କରୁଥିବା ପୋଷ୍ଟ ଲୋକଙ୍କ ପାଖରେ ପହଞ୍ଚୁନାହିଁ ବୋଲି କହିଛନ୍ତି। ଏଥିପାଇଁ ଏକ୍ସ ଏକାଉଣ୍ଟର ଭିଜିବିଲିଟି ଫିଲ୍ଟରିଂକୁ ଠିକ୍ କରିବାକୁ ସେ ନିବେଦନ କରିଛନ୍ତି। ଏକ୍ସକୁ ପୂର୍ବରୁ ଟୁଇଟର ବୋଲି କୁହାଯାଉଥିଲା। ମୋର ଦୁଇ ପୁଅଙ୍କୁ ଇମ୍ରାନଙ୍କ ସହ ଭେଟିବାକୁ ଓ କଥା ହେବାକୁ ସୁଯୋଗ ଦିଆଯାଉନାହିଁ ବୋଲି ଜେମିମା ଅଭିଯୋଗ କରିଛନ୍ତି। ତେଣୁ କେବଳ ଏକ୍ସରେ ହିଁ ସେ ଇମ୍ରାନଙ୍କ ବିଷୟରେ ଯାହା କିଛି ଉଲ୍ଲେଖ କରିପାରିବେ। ମୋ ପୋଷ୍ଟର ପହଞ୍ଚକୁ ପ୍ରତିବନ୍ଧିତ କରାଯାଇଛି। ତେଣୁ ଏ ନେଇ ସେ ମସ୍କଙ୍କଠାରୁ ସାହଯ୍ୟ ଲୋଡିଛନ୍ତି।



# ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ'କୁ ଆମେରିକାରେ ଜୋର୍‌ଦାର୍ ବିରୋଧ

ୱାଶିଂଟନ, ୧୩।୧୨ (ଏଜେନ୍ସି): କ୍ଷମତାସୀନ ହେବା ଦିନଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଛତ୍ରନୀତିକୁ ସବୁଠି ସମାଲୋଚନା କରାଯାଉଛି। କେବେ ଶୁଳ୍କ ଲଗାଇ ତ ଆଉ କେବେ ପ୍ରବାସୀଙ୍କୁ ଅତ୍ୟାଚାର ଦେଇ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛନ୍ତି। ଏବେ ପୁଣି ଭିସା ନୀତି ଆଣି ମୂଲ୍ୟ ବୃଦ୍ଧି କରିଦେଇଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ ଭିସା' ଆବେଦନ ପାଇଁ ଟ୍ରମ୍ପ ପ୍ରଶାସନ ୧ ନିୟୁତ ଡଲାର ତଥା ୯ କୋଟି ଟଙ୍କା ନେଉଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନିଜ ଦେଶରେ ଜୋରଦାର ବିରୋଧ କରାଯାଉଛି। ଆମେରିକାର ୨୦ ରାଜ୍ୟ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ରାଜ୍ୟ ମଧ୍ୟରେ ନ୍ୟୁୟର୍କ, ଇଲିନୟ, ୱାଶିଂଟନ, ମାସାଚୁସେଟ୍‌ସ ପ୍ରମୁଖ ସାମିଲ ଅଛନ୍ତି। ଟ୍ରମ୍ପ ପ୍ରଶାସନ ଲଗାଇଥିବା ଦେୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଏହି ରାଜ୍ୟଗୁଡ଼ିକ କହିଛନ୍ତି। ଏହା ଦ୍ୱାରା କର୍ମଚାରୀଙ୍କ ଘୋର ଅଭାବ ଦେଖାଦେବ। ଏବେ ରାଜ୍ୟର ଡାକ୍ତରଖାନା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସେବାରେ ଡାକ୍ତର,ଶିକ୍ଷକ ଅଭାବ ଜନିତ ସମସ୍ୟା ଭୋଗୁଛି। ଏଭଳି ସ୍ଥିତିରେ ଭିସା ମୂଲ୍ୟ ବୃଦ୍ଧି ପାଇଁ ସ୍ଥିତି ଅଧିକ ସଙ୍ଗୀନ ହୋଇଯିବ।

■ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ୨୦ ରାଜ୍ୟ
■ ଡାକ୍ତର, ଶିକ୍ଷକ ଅଭାବ ସମସ୍ୟା ବୃଦ୍ଧି ପାଇବ
■ ଆମେରିକାର ୭୫% ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ

କାଲିଫର୍ଣ୍ଣିଆର ଆଟର୍ଣ୍ଣି ଜେନେରାଲ ରବ୍ ବୋଣ୍ଟା କହିଛନ୍ତି ଯେ ଡାକ୍ତର, ଇଞ୍ଜିନିୟର, ନର୍ସ, ବୈଜ୍ଞାନିକ, ଶିକ୍ଷକଙ୍କ ଭଳି ଦକ୍ଷ ବୃତ୍ତିଗତଙ୍କ ପାଇଁ ହୋଇଥାଏ। ସାରା ବିଶ୍ୱର ଉଦୀୟମାନ ପ୍ରତିଭା ଆମେରିକା ଆସିଲେ ସାରା ଦେଶ ଆଗକୁ ବଢ଼ିଥାଏ। ରାଜ୍ୟଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ଏଚ-୧ବି ଭିସା ମୂଲ୍ୟ ହଜାରେରୁ ୭,୫୦୦ ଡଲାର (ଲକ୍ଷେରୁ ୬ ଲକ୍ଷ ଟଙ୍କା) ମଧ୍ୟରେ ଥିଲା। କିନ୍ତୁ ସଂସଦର ମଞ୍ଜୁରୀ ନ ନେଇ ସରକାର ଏହି ମୂଲ୍ୟକୁ ବଢ଼ାଇ ଦେଇଥିଲେ। ଏପରି କରିବା ବେଆଇନ। ଏହି ମୂଲ୍ୟ ଭିସା ପ୍ରୋସେସିଂର ବାସ୍ତବିକ ଖର୍ଚ୍ଚଠାରୁ ଶତାଧିକ ଗୁଣ ଅଧିକ। ଏପରି କରି ସରକାର ପ୍ରଶାସନିକ ପ୍ରକ୍ରିୟା ନିୟମ (ଏପିଏ) ଉଲ୍ଲଙ୍ଘନ କରିଛନ୍ତି। କାରଣ ବିନା ନୋଟିସ ଏବଂ ସାର୍ବଜନୀନ ମତାମତ ବିନା ଏଭଳି ନିୟମ ଅଣା ଯାଇପାରିବ ନାହିଁ।

ରାଜ୍ୟଗୁଡ଼ିକ ମତରେ ଭିସା ନିୟମର ସର୍ବାଧିକ ପ୍ରଭାବ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଉପରେ ପଡ଼ିବ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଡାକ୍ତରଖାନା ଗୁଡ଼ିକୁ ଭିସାରେ ଆଶ୍ୱସ୍ତି ମିଳୁଥିଲା। କିନ୍ତୁ ଏବେ ଶିକ୍ଷକ ଏବଂ ଡାକ୍ତର ଆଣିବାରେ ୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ସଂସ୍ଥାଗୁଡ଼ିକୁ ସେବା ହଟାଇବାକୁ ପଡ଼ିବ କିମ୍ବା ଅନ୍ୟ ଜରୁରୀ ଯୋଜନାରୁ ଖର୍ଚ୍ଚ କାଟ କରିବାକୁ ହେବ। ଆମେରିକା ଶିକ୍ଷା ବିଭାଗର ସଦ୍ୟ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆମରିକାର ପ୍ରାୟ ୭୫ ପ୍ରତିଶତ ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ ରହିଛି। ବିଶେଷ କରି ସ୍ୱତନ୍ତ୍ର ଶିକ୍ଷା, ବିଜ୍ଞାନ ଏବଂ ଦ୍ୱିଭାଷୀ ଶିକ୍ଷକଙ୍କ ଘୋର ଅଭାବ ରହିଛି। ସେହିପରି ୨୦୨୪ରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଏବଂ ନର୍ସଙ୍କୁ ୧୭ ହଜାର ଭିସା ଦିଆଯାଇଥିଲା।

# ପାରିବାରିକ କଳହରୁ ସ୍ୱାମୀକୁ ହତ୍ୟା!

ଖଣ୍ଡପଡ଼ା, ୧୩।୧୨(ସମିସ): ଖଣ୍ଡପଡ଼ା ଥାନା ଅଧୀନ ଖଲିସାହି ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର (ପୁଆଣିଆଁ) ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଗ୍ରାମର ମଧୁସୂଦନ ମହାପାତ୍ରଙ୍କ ଏକମାତ୍ର ପୁଅ ବାପୁନି ମହାପାତ୍ର (୩୮)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବାପୁନିଙ୍କୁ



ତାଙ୍କ ସ୍ତ୍ରୀ ଶଶିରେଖା ଓରଫ୍ ଲକି ହତ୍ୟା କରିଥିବା ନେଇ ବାପୁନିଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ପୁଲିସ ଶଶିରେଖାଙ୍କୁ ଅଟକ ରଖି ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ପରଦା ହଟିବ ବୋଲି ପୁଲିସ ଆଶାବାଦୀ ରହିଛି।

ସୂଚନାନୁଯାୟୀ, ଶଶିରେଖାଙ୍କୁ ବାପୁନି ୬ମାସ ତଳେ ପ୍ରେମ ବିବାହ କରିଥିଲେ। ପରିବାରଲୋକଙ୍କ କହିବା ଅନୁଯାୟୀ, ବିବାହ ପରଠାରୁ ବିଭିନ୍ନ ସମୟରେ ବାପୁନିଙ୍କୁ ସେ ମାନସିକ ଯନ୍ତ୍ରଣା ଦେବା ସହ ଧମକଚମକ ଦେବା ଯୋଗୁଁ ଘରେ ଅଶାନ୍ତି ଲାଗି ରହିଥିଲା। ଏପରିକି, ଏସବୁ କାର୍ଯ୍ୟରେ ଶଶିରେଖାଙ୍କ ବାପା ଏବଂ ଭିଣୋଇ ସହଯୋଗ ଓ ସାହସ ଦେଉଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ଖରାପ ହୋଇଯାଇଥିଲା। ବାପୁନିଙ୍କ ବାପା ମଧୁସୂଦନ ଏବଂ ମା' ବାସନ୍ତୀ ଶୁକ୍ରବାର ଏକ ଦଶାହ କାର୍ଯ୍ୟରେ ନିଜ ସମ୍ପର୍କୀୟ ଘରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଶଶିରେଖା ଏବଂ ତାଙ୍କ ସମ୍ପର୍କୀୟ ମିଳିମିଶି ବିଳମ୍ବିତ ରାତିରେ ବାପୁନିଙ୍କୁ ହତ୍ୟା କରିଥିବା ତାଙ୍କ ପରିବାରଲୋକ



- ଗୁରୁତର ଅଭିଯୋଗ ଆଣିଲେ ପରିବାରଲୋକ
- ମହିଳାଙ୍କୁ ଅଟକ ରଖି ପୁଲିସର ପଚରାଉଚରା
- ହତ୍ୟାରେ ମହିଳାଙ୍କ ବାପା ଓ ଭିଣୋଇଙ୍କ ସଂପୃକ୍ତି ସନ୍ଦେହ

ଅଭିଯୋଗ କରିଛନ୍ତି। ମୃତ୍ୟୁର ରହସ୍ୟ ଜାଣିବା ପାଇଁ ଶଶିରେଖାଙ୍କୁ ଖଣ୍ଡପଡ଼ା ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ତଥା ଡିଏସ୍‌ପି ନୀହାର ରଞ୍ଜନ ମହାନ୍ତି କହିଛନ୍ତି।

# ମହାନଦୀ ସଙ୍କଟର ସମାଧାନ କେବେ

## ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୧୩।୧୨(ସମିସ): ମହାନଦୀ ହେଉଛି ଓଡିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଓଡିଶାବାସୀଙ୍କ ମା' ସମାନ ମହାନଦୀର ଜୀବନସ୍ରୋତକୁ ସଂକୁଚିତ କରି ବିକଳାଙ୍ଗ କରିଦେବାର ହୀନ ଚକ୍ରାନ୍ତ ସମଗ୍ର ଓଡିଶାବାସୀଙ୍କ ପାଇଁ ବେଦନା ଦାୟକ ହୋଇପଡିଛି। ଏହାର ଆର୍ତ୍ତଚିତ୍କାର ନା କେନ୍ଦ୍ର ସରକାର ଶୁଣିପାରୁଛନ୍ତି ନା ଛତିଶଗଡ଼ ସରକାର। ଓଡ଼ିଶା ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀ ଜଳ ସଂପର୍କିତ ସମସ୍ତ ବିଧିବିଧାନକୁ ବେଖାତିର କରି ଛତିଶଗଡ଼ ରାଜ୍ୟ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି ଏବଂ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବୋଲି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ ଆହୁରି କହିଛନ୍ତି, ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ମନଇଚ୍ଛା ନିଜ ଅଧୀନରେ ରଖି ଓଡିଶାରେ ମହାନଦୀର ଧାରାକୁ ଶୁଷ୍କ ଓ ନିରସ କରି ରଖିଥିବା ଛତିଶଗଡ଼ ସରକାରଙ୍କ ମନମୁଖି କାର୍ଯ୍ୟ ଓଡିଶାର ଦାରୁଣ କ୍ଷତି ଘଟାଉଛି। ପୂର୍ବତନ ରାଜ୍ୟ ସରକାରଙ୍କ ସକଳ ଅନୁରୋଧ ଓ ଆବେଦନ ଛତିଶଗଡ଼ ସରକାର ତ ଶୁଣିଲେ ନାହିଁ, କେନ୍ଦ୍ର ସରକାର ଓ କେନ୍ଦ୍ର ଜଳ ଆୟୋଗ ମଧ୍ୟ ନୀରବ ଦ୍ରଷ୍ଟା ସାଜିଲେ। ଜଳସେଚନର ଦ୍ୱାହି ଦେଇ ଛତିଶଗଡ଼ ସରକାର



ମହାନଦୀର ଉପର ମୁଣ୍ଡର କୂଳେ କୂଳେ ଅଗଣିତ ଘରୋଇ ଶିଳ୍ପମାନଙ୍କୁ ଅଜସ୍ର ଜଳ ପ୍ରଦାନ କରି ଓଡିଶାର ମହାନଦୀର ତଳ ମୁଣ୍ଡରେ ଜଳ ସଂକଟ ସୃଷ୍ଟି କଲେ। ଓଡ଼ିଶାରେ ଯେଉଁ ମହାନଦୀ ଦିନେ ବର୍ଷତମାମ୍ ଚଳଚଞ୍ଚଳ ଓ ଜଳ ପରିପୂର୍ଣ୍ଣ ରହୁଥିଲା, ତାହା ଆଜି ଶୁଷ୍କ ଓ ରୁଗ୍ଣ ହେବାକୁ ଯାଉଛି। ଏହି ପକ୍ରିୟା ଜାରି ରହିଲେ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହେବ ଓ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ଗୋଟିଏ ଦଳର ସରକାର ରହିଛି। ତେଣୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ 'ଆକାଶ କଇଁଆ ଚିଲିକା ମାଛ'ରେ ପରିଣତ ହୋଇଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି; କିନ୍ତୁ ଫଳ ଶୂନ୍। ମହାନଦୀ ଟ୍ରିବ୍ୟୁନାଲରେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମାମଲା ପଡ଼ି ରହିଥିଲେ ସୁଦ୍ଧା କେବଳ ତାରିଖ ପରେ ତାରିଖ ଗଡୁଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; କିନ୍ତୁ ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ। ବର୍ତ୍ତମାନ ରାଜ୍ୟ ସରକାର ଆପୋଷ ସମାଧାନର ପ୍ରସ୍ତାବନା କରିଛନ୍ତି। ତେବେ ଆପୋଷ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ କ'ଣ ରହିବ? ସରକାର ଟ୍ରିବ୍ୟୁନାଲରୁ ଓହରିଯିବେ କି? ରାଜ୍ୟ ସରକାର ଆପୋଷ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଂଗଠନମାନଙ୍କୁ ବିଶ୍ୱାସକୁ ନେଇ ତାଙ୍କ ସହ

- ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି
- ରାଜ୍ୟ ସରକାରଙ୍କ କମିଟି ପରେ କମିଟି ଗଠନ; ଫଳ ଶୂନ୍

ଆଲୋଚନା କରିବେ କି? ଛତିଶଗଡ଼ ସରକାର ଏବେ ସୁଦ୍ଧା ଚାଲୁ ରଖିଥିବା ମହାନଦୀ ଓ ତାର ଶାଖା ନଦୀମାନଙ୍କରେ ନିର୍ମାଣାଧୀନ ଆନିକଟ କାର୍ଯ୍ୟକୁ ଆପୋଷ ଆଲୋଚନାରେ ବନ୍ଦ କରିବେ କି? ମହାନଦୀ ଟ୍ରିବ୍ୟୁନାଲର ଦୈନନ୍ଦିନ କାର୍ଯ୍ୟ ବସ୍ତୁତ ବନ୍ଦ ରହିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିବେ କି? ରାଜ୍ୟବାସୀ ଟ୍ରିପଲ୍ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ରକ୍ତମୁଖା ବାଲିମାଫିଆ

## ଫୁଟିଲା ଗୁଳି; ଅଶାନ୍ତ ଗିଲାଯୋଡ଼ି

ବସ୍ତା ବ୍ଲକ, ୧୩।୧୨ (ସମିସ): ଦିନକୁ ଦିନ ବାଲିର ଅବାଧ ଚୋରା ଚାଲାଣ ଥମିବାର ନାମ ନେଉ ନାହିଁ। ପ୍ରଶାସନ ନିଜର ସରକାରୀ କଳ ଲଗାଇ ବାଲି ଚୋରି ଓ ଖନନକୁ ରୋକିବାକୁ ଅସମର୍ଥ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବାଲି ମାଫିଆଙ୍କୁ ରୋକ ଦେବା ପାଇଁ ସତେ ଯେପରି ସେମାନେ ଅସହାୟ ହୋଇ ପଡ଼ିଥିବା କୁହାଯାଉଛି। ଅନ୍ୟପକ୍ଷେ ବାଲି ଚୋରି କରି ଶହ ଶହ ଡମ୍ଫର ଟ୍ରାକ୍ଟର ରାତି ସାରା ବାଲି ବୋହୁଥିବା ବେଳେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡୁଛନ୍ତି। ଯାହାକୁ ନେଇ ଏହି ଚୋରି ରୋକିବାକୁ ସ୍ଥାନୀୟ ଗ୍ରାମବାସୀ ଅଣ୍ଟା ଭିଡୁଥିବା ବେଳେ ମାଫିଆ ମାନେ ରକ୍ତ ମୁଖା ହୋଇ ଉଠୁଛନ୍ତି। ଯିଏ ତାଙ୍କ ବ୍ୟବସାୟରେ କଣ୍ଟା ହେଲା ତାକୁ ଆକ୍ରମଣ କରିବାର ଦୂରର କଥା ଆଇନ, ପୁଲିସ ଓ ପ୍ରଶାସନକୁ ଖୋଲା ଚାଲେଞ୍ଜ କରି ବିରୋଧ କାରୀଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିବା ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଦେଇଛି। ଧିରେ ଧିରେ ମାଫିଆମାନେ ଖୋଲା ଖୋଲି ଅସାମାଜିକ କାରବାର ରେ ବନ୍ଧୁକ ବ୍ୟବହାର କରିବା ଚିନ୍ତାର କାରଣ ପାଲଟିଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡି ଅଶାନ୍ତ ହୋଇ ପଡ଼ିଛି। ଏକ ମାସ ମଧ୍ୟରେ ବାଲି ଚାଲାଣକୁ ବିରୋଧ କରୁଥିବା ଲୋକଙ୍କ ଦୋକାନ ପୋଡ଼ି, ଭୁଜାଲିରେ ମରଣାନ୍ତକ ଆକ୍ରମଣ ଭଳି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ୩ଟି କାରରେ ବାଲି ମାଫିଆ ବାହାର ଅଞ୍ଚଳରୁ କିଛି ଗୁଣ୍ଡା କୁ ଧରି ଗ୍ରାମ ଭିତରେ ପଶି ଗୁଳି ଫୁଟାଇବା ଘଟଣା ବସ୍ତା ଅଞ୍ଚଳରେ



### ୨ କାର୍ ଭଙ୍ଗାରୁଜା, ୪ ଜଣଙ୍କୁ ପୁଲିସ ଜିମା

ଆଲୋଡନ ଖେଳାଇ ଦେଇଛି। ଏହାର ପରିଣାମ ସ୍ୱରୂପ ଗ୍ରାମବାସୀ ସେମାନଙ୍କୁ ଘେରି ଯିବା ଫଳରେ ସେମାନେ ଫେରାର ହେବାକୁ ମସୁଧା କରୁଥିବା ବେଳେ ଶେଷରେ ସମସ୍ତେ ଖସି ନ ପାରି ୪ ଜଣ ଦୁର୍ବୃତ୍ତ ଲୋକଙ୍କ ହାତରେ ଧାରା ପଡ଼ିବା ସହିତ ୨ଟି କାର ଛାଡ଼ି ପଳାଇଥିବା ବେଳେ ଉତ୍ୟକ୍ତ ଲୋକ ଦୁଇଟି ଗାଡ଼ିକୁ ଭାଙ୍ଗି ଦେବା ସହିତ ଅଟକଙ୍କୁ ସିଂଲା ପୁଲିସକୁ ହସ୍ତାନ୍ତର କରି ଥିବା ଜଣା ପଡିଛି।

ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଅମ୍ବାକୁଡୁଚି ଗ୍ରାମରେ ଥିବା ବାଲି ଖାଦାନ କୁ ନେଇ ଗତ ନଭେମ୍ବର ୨୮ ତାରିଖରେ ଗିଲୋଜୋଡି ଗ୍ରାମରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଜଣେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବା ସହ ଏକାଧିକ ଗୁରୁତର ହୋଇ ଥିଲେ। ଯାହାକୁ ନେଇ ସେବେଠାରୁ ଗ୍ରାମରେ ପୁଲିସ ଫୋର୍ସ ମୁତୟନ କରା ଯାଇଛି। ମାତ୍ର ଶୁକ୍ରବାର ବିଳମ୍ବିତ ରାତିରେ ସନ୍ଦେହ ଅବସ୍ଥାରେ ତିନୋଟି କାର ରେ କିଛି ଯୁବକ ଗ୍ରାମ ଭିତରକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକାଇ ପଚରାଉଚରା କରିବାରୁ ସେମାନେ ଫାଙ୍କା ଗୁଳି ଚାଳନା କରି ଗୋଟିଏ କାର ସହ ପାଞ୍ଚ ଜଣ ଯୁବକ ଫେରାର ହୋଇଥିବା ବେଳେ ଦୁଇଟି କାର ଯାଇ ପାରିନଥିଲା। ତେବେ କାର ଭିତରେ ଥିବା ଚାରି ଜଣ ଯୁବକଙ୍କୁ ଗ୍ରାମବାସୀ ଅଟକ କରି ଥାନା କୁ ହସ୍ତାନ୍ତର କରିଥିଲେ। ସିଂଲା ପୁଲିସ ଓ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ପୁଲିସ, ଜନପ୍ରତିନିଧି ଓ ଗ୍ରାମବାସୀଙ୍କୁ ନେଇ ଏକ ଶାନ୍ତି କମିଟି ହୋଇଥିବା ଜଣା ପଡିଛି।

- ଏସ୍‌ଆଇ ଚାକିରି ବିକ୍ରି ମାମଲା

## ନିତୁ ଆରୋରାକୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୧୩।୧୨(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲା ସିବିଆଇ ହାତକୁ ଆସିବା ପରେ ଖୋଲିବାରେ ଲାଗିଛି ରାଜ୍ୟ ବାହାର ଲିଙ୍କ୍। ଶନିବାର ରାଜ୍ୟ ବାହାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସିବିଆଇ। ସେ ହେଲେ ନିତୁ ଆରୋରା। ଗୁଜୁରାଟରୁ ତାଙ୍କୁ ଗିରଫ କରାଯାଇଛି ବୋଲି ସିବିଆଇ ପକ୍ଷରୁ ସୂଚନା ମିଳିଛି। ଗିରଫ କରାଯିବା ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସିବିଆଇକୁ ଦୁଇ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡର ଅନୁମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱର ଅଣାଯାଉଛି। ଭୁବନେଶ୍ୱର ଆଣାଯିବା ପରେ ନିତୁଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବ। ପୂର୍ବରୁ ନିତେଶ ନାମକ ଯୁବକଙ୍କୁ ସିବିଆଇ ବିହାରରୁ ଗିରଫ କରିଥିଲା। ସିବିଆଇ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ନିତୁ କ୍ରାଇମ୍ ସିଣ୍ଡିକେଟ୍‌କୁ ରାଜ୍ୟବାହାରେ ଲଜିଷ୍ଟିକ୍ ସପୋର୍ଟର୍ ପ୍ରଦାନ କରୁଥିଲେ। ରାଜ୍ୟ ବାହାରେ ସିଣ୍ଡିକେଟ୍ କିଭଳି କାମ କରିପାରିବ। ଟ୍ରେନିଂ ପାଇଁ ଆସୁଥିବା ଲୋକଙ୍କୁ କେଉଁଠି ରଖାଯିବ। ଏସବୁକୁ ନିତୁ ହିଁ ବୁଝୁଥିଲେ। ଏହାବ୍ୟତୀତ ସିଲିକନ୍ ମୁଖ୍ୟ ସୁରେଶ ନାୟକଙ୍କ ସେ ହେଉଛନ୍ତି ଅତି ନିକଟତର ବୋଲି ଚର୍ଚ୍ଚା ହେଉଛି। ସୁରେଶଙ୍କ ସହ ତାଙ୍କର ବହୁ ସମୟରେ କଥାବାର୍ତ୍ତା କରିଥିବା ନେଇ ସିବିଆଇକୁ ପ୍ରମାଣ ମିଳିଛି।

## ସ୍ୱପ୍ନ ପାଲଟିବ ସହରାଞ୍ଚଳ ଜମିକିଣା

# ବର୍ଷକୁ ୫ ପ୍ରତିଶତ ବଢ଼ିବ ବେଞ୍ଚମାର୍କ ମୂଲ୍ୟ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଜମିର ବେଞ୍ଚମାର୍କ ମୂଲ୍ୟ ପ୍ରତିବର୍ଷ ୫ ପ୍ରତିଶତ ବୃଦ୍ଧି ପାଇବ। ପୂର୍ବରୁ ସର୍ବୋଚ୍ଚ ନିଲାମ ମୂଲ୍ୟକୁ ଭିତ୍ତି କରି ଦର ଧାର୍ଯ୍ୟ କରାଯାଉଥିବା ବେଳେ ଏବେ ସେହି ଅଞ୍ଚଳର 'ହାରାହାରି ନିଲାମ ମୂଲ୍ୟ'କୁ ବେଞ୍ଚମାର୍କ ଭାଲ୍ୟୁ ଭାବେ ଗ୍ରହଣ କରାଯିବ। ଏହାସହ, ଏଣିକି ଏପ୍ରିଲ ୧ ତାରିଖରୁ ପ୍ରତି ଦୁଇବର୍ଷରେ ଥରେ ବେଞ୍ଚମାର୍କ ଭାଲ୍ୟୁ ସଂଶୋଧନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡ଼ିଶା ଷ୍ଟାମ୍ପ ନିୟମ, ୧୯୫୨କୁ ସଂଶୋଧନ କରି ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାକୁ ଓଡ଼ିଶା ଷ୍ଟାମ୍ପ (ସଂଶୋଧନ) ନିୟମ, ୨୦୨୫ ଭାବେ ନାମିତ କାରଯାଇଛି। ଗେଜେଟ୍‌ରେ ପ୍ରକାଶିତ ହେବା ଦିନଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି, ସହରାଞ୍ଚଳରେ ସଂଶୋଧନର ପ୍ରଥମ ବର୍ଷ ପରେ ସ୍ଥାବର ସମ୍ପତ୍ତିର ମୂଲ୍ୟରେ ସ୍ୱୟଂଚାଳିତ ଭାବେ ୫ ପ୍ରତିଶତ ବୃଦ୍ଧି ପାଇବ। ଏହି ସଂଶୋଧିତ ବିଜ୍ଞପ୍ତିର ନିୟମ-୪୦(୨) ଅନୁସାରେ, ଯଦି ଜିଲ୍ଲାସ୍ତରୀୟ କମିଟି ନିର୍ଦ୍ଧାରିତ ସମୟ ଦୁଇବର୍ଷ ମଧ୍ୟରେ ଜମିର ବେଞ୍ଚମାର୍କ ଭାଲ୍ୟୁ ସଂଶୋଧନ କରିବାରେ ବିଫଳ ହୁଅନ୍ତି, ତା'ହେଲେ ଜିଲ୍ଲାପାଳ ସିଧାସଳଖ ପୂର୍ବଦରର ୧୦ପ୍ରତିଶତ ବୃଦ୍ଧି କରିପାରିବେ। ଅନ୍ୟପଟେ ଏଥିରେ ଗ୍ରାମାଞ୍ଚଳର କୃଷି ଜମିର ବର୍ଗୀକରଣ ତାଲିକାରେ ଜମିକୁ ରାସ୍ତାକଡ଼ ଓ ଗାଁ ଭିତରର ଜମି ଭାବରେ ଅଲଗା କରାଯାଇଛି। ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଥିବା ଜମିକୁ ରାସ୍ତାଠାରୁ ଦୂରତା ଅନୁସାରେ ମଧ୍ୟ ଦୁଇଟି ଭାଗରେ ବଣ୍ଟାଯାଇଛି। ଜୋନ୍-୧ରେ ରାସ୍ତାଠାରୁ ୫୦ ମିଟର ପର୍ଯ୍ୟନ୍ତ ଜମିକୁ ରଖାଯାଇଥିବା ବେଳେ ଜୋନ୍-୨ରେ ରାସ୍ତାଠାରୁ ୫୦ରୁ ୨୦୦ ମିଟର ପର୍ଯ୍ୟନ୍ତ ଜମିଗୁଡ଼ିକ ରହିଛି। ଏଥିରେ ଜଳସେଚିତ ଓ ଅଣ-ଜଳସେଚିତ ଜମିକୁ ଦୋଫସଲି, ଏକଫସଲି କିମ୍ବା ପଡ଼ିଆ ଜମି ଭାବେ ରେକର୍ଡ କରିବାର ବ୍ୟବସ୍ଥା ରହିଛି।

ଏହାବ୍ୟତୀତ, ଘର ଓ କୋଠାବାଡ଼ିର ମୂଲ୍ୟାୟନ ପାଇଁ ମଧ୍ୟ ନିୟମରେ ଦୃଷ୍ଟି ଦିଆଯାଇଛି। ବିଜ୍ଞପ୍ତିରେ ଦର୍ଶାଯାଇଥିବା ନିୟମ ୪୨ର ସଂଶୋଧନ ଅନୁସାରେ ଏଣିକି ଗୃହ ନିର୍ମାଣ କେଉଁସ୍ତରରେ ପହଞ୍ଚିଛି ଓ ଘର ତିଆରିରେ ବ୍ୟବୃହତ ସାମଗ୍ରୀ ଯଥା ଆଜବେଷ୍ଟସ୍, ଟିଣ, କଂକ୍ରିଟ୍, ଛାତ ଆଦି ଦେଖି ମୂଲ୍ୟାୟନ କରାଯିବାର ବ୍ୟବସ୍ଥା କରାଯାଇଛି। ବେଞ୍ଚମାର୍କ ଭାଲ୍ୟୁରେ ପ୍ରତିବର୍ଷ ସ୍ୱୟଂଚାଳିତ ଭାବେ ୫ ପ୍ରତିଶତ ବୃଦ୍ଧି ଓ ଅଫିସରଙ୍କ ବିଫଳତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ୧୦ ପ୍ରତିଶତ ବୃଦ୍ଧି ବ୍ୟବସ୍ଥା ସରକାରଙ୍କ ପାଇଁ ରାଜସ୍ୱ ବୃଦ୍ଧିର ବାଟ ଖୋଲିଥିଲେ ମଧ୍ୟ ଏହା ଜନସାଧାରଣଙ୍କ ପାଇଁ ଆର୍ଥିକ ବୋଝ ପାଲଟିବାର ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ଯେଉଁମାନେ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ଭଳି ଯେକୌଣସି ସହରାଞ୍ଚଳରେ ଜମି ଓ ଘର କିଣିବା ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କ ପାଇଁ ଆଗକୁ ବଡ଼ ପରିମାଣର ଅର୍ଥ ସରକାରଙ୍କୁ ଦେବା ଏକପ୍ରକାର ନିଶ୍ଚିତ ହୋଇଛି।

# ମନ୍ତ୍ରୀ, ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ରାଜ୍ୟ ରାଜକୋଷକୁ ଦୁର୍ବଳ କରିବ: ଯୁବ କଂଗ୍ରେସ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟର ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୁବପିଢ଼ି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି। ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ରାଜ୍ୟର ସଚିବାଳୟଠାରୁ ଶୌଚାଳୟ କାର୍ଯ୍ୟ ଚାଲିଛି। କୃଷି ଅର୍ଥନୀତି ଉପରେ ନିର୍ଭର କରୁଥିବା ଆମ ରାଜ୍ୟର ହେଉଛି, ବର୍ତ୍ତମାନ ସର୍ବାଧିକ ମାତ୍ର ୫୦୦ ଟଙ୍କାରେ ଅନ୍‌ଲିମିଟେଡ୍ କଲ୍ ଓ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ଥିବାବେଳେ ଏ ବାବଦରେ ୧୫୦୦୦ ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ରାଜ୍ୟ ରାଜକୋଷରେ ଅର୍ଥ ଅଭାବ ଯୋଗୁଁ ହଜାର ହଜାର ଯୁବକ ଯୁବତୀ ଆଜି ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ସ୍ୱଳ୍ପ



### ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ୱାର୍ଥ ଭୁଲି ବିଧାୟକଙ୍କ ୩ ଗୁଣା ଦରମା ବୃଦ୍ଧି ନିନ୍ଦନୀୟ

ଦରମାରେ କାର୍ଯ୍ୟ କରୁଛନ୍ତି। ଏହାସହ ବହୁ ସରକାରୀ ପଦବୀ ବର୍ତ୍ତମାନ ଖାଲିପଡିଥିବାବେଳେ ଏନେଇ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ। ଫଳରେ ରାଜ୍ୟର ବହୁ ମେଧାବି ଛାତ୍ରଛାତ୍ରୀଙ୍କ ବୟସ ସୀମା ଅତିକ୍ରାନ୍ତ କରିଯିବ ସିନା, ସେମାନେ ନିଯୁକ୍ତି ପାଇପାରିବେ ନାହିଁ ବୋଲି ଡଃ ଲେଙ୍କା ଅଭିଯୋଗ କରିଛନ୍ତି।

କୃଷକମାନଙ୍କ ଅବସ୍ଥା ମଧ୍ୟ ଦୟନୀୟ। ଏପରି ସ୍ଥିତିରେ ରାଜ୍ୟର ଜନପ୍ରତିନିଧି ବିଶେଷକରି ମନ୍ତ୍ରୀ, ବିଧାୟକମାନଙ୍କୁ ନୂଆବର୍ଷ ଭେଟି ଭାବରେ ତିନିଗୁଣା ଦରମା ବୃଦ୍ଧି ସହିତ ପେନ୍‌ସନ୍ ବାବଦରେ ଲକ୍ଷାଧିକ ଟଙ୍କା ବରାଦ କରିବା ସମଗ୍ର ଦେଶରେ ରାଜ୍ୟକୁ ନିନ୍ଦିତ କରିଛି ବୋଲି ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ତଥା ସର୍ବଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଡଃ ଲେଙ୍କା କହିଛନ୍ତି, ଲୋକତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନପ୍ରତିନିଧିମାନେ ସେମାନଙ୍କ ସେବା ପାଇଁ ରହିଥା'ନ୍ତି। କିନ୍ତୁ ଜନତାଙ୍କ ପ୍ରତିନିଧି ଭାବେ ଜନ ସେବା ପାଇଁ ନିର୍ବାଚିତ ହେଉଥିବା ପ୍ରତିନିଧିମାନେ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥରେ ନିଜର ଦରମା ତିନିଗୁଣ ବୃଦ୍ଧି କରି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରିବା ନିମନ୍ତେ ବିଧେୟକ ପାରିତ କରିଛନ୍ତି। ବଡ଼ କଥା

ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଉଥିବାବେଳେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସିପାରୁ ନାହିଁ। ଏ ପରିସ୍ଥିତିରେ ଜନପ୍ରତିନିଧିମାନେ ରାଜ୍ୟ ରାଜକୋଷରୁ ସିଂହଭାଗ ଅର୍ଥ ନେବା ନିଶ୍ଚିତ ଭାବେ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ଆହୁରି ଦୁର୍ବଳ କରିଦେବ। ତେଣୁ ଜନପ୍ରତନିଧିମାନଙ୍କ ଏହି ଅହେତୁକ ଦରମା ବୃଦ୍ଧି ପ୍ରତ୍ୟାହାର ଓ ରାଜ୍ୟରେ ଆଉଟ୍ ସୋର୍ସିଂ ସଂସ୍ଥାମାନଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଡଃ ଲେଙ୍କା କହିଛନ୍ତି।

**ନାବାଳକକୁ ହତ୍ୟା ଘଟଣା**

# ଜାଳିଦେଲେ ଅଭିଯୁକ୍ତ ମହିଳାଙ୍କ ଘର

କବିସୂର୍ଯ୍ୟନଗର,୧୩।୧୨(ସମିସ): କବିସୂର୍ଯ୍ୟନଗର ଥାନା ଅଧୀନ ସାମନ୍ତରାପୁର ଗାଁରେ ଗତ ବୁଧବାର ଜଣେ ନାବାଳକଙ୍କ ମୃତଦେହ ତାଙ୍କ ଆଇ ଘର ବାଡ଼ିପଟୁ ଉଦ୍ଧାର ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ପୁଲିସ ଗତକାଲି ପଡ଼ୋଶୀ ସୋନାଲି ସ୍ୱାଇଁଙ୍କୁ ଗିରଫ କରିଥିଲା। ଆଜି ଉତ୍ୟକ୍ତ ଗ୍ରାମବାସୀ ଗିରଫ ମହିଳାଙ୍କ ଘରେ ନିଆଁ ଲଗାଇବା ସହ ଭଙ୍ଗାରୁଜା କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ଆଉ ଏକ ମାମଲା ରୁଜୁ କରିଛି। ପାଖାପାଖି ବର୍ଷେ ତଳେ ସୋନାଲିଙ୍କର ୧୦ ବର୍ଷର ପୁଅର ଅକାଳ ମୃତ୍ୟୁ ଘଟିଥିଲା। ଏହାକୁ ସୋନାଲି ସହଜରେ ଗ୍ରହଣ କରିପାରିନଥିଲେ। ପୁଅ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର ରହିଥିବା ସେ ସନ୍ଦେହ କରିଥିଲେ। ତେଣୁ, ମୃତ୍ୟୁର ରହସ୍ୟ ଜାଣିବା ପାଇଁ ବହୁ ଗୁଣିଆଙ୍କ ନିକଟକୁ ଯାଇଥିଲେ। ପଡ଼ୋଶୀ ସନିଆ ଭୂୟାଁଙ୍କ ପରିବାରଲୋକ ଗୁଣି କରି ତାଙ୍କ ପୁଅକୁ ମାରିଦେଇଥିବା ଜଣେ ଗୁଣିଆ କହିବା ପରେ ସୋନାଲି ପ୍ରତିଶୋଧ ପରାୟଣ ହୋଇଯାଇଥିଲେ। ସେବେଠାରୁ ସେ ସୁଯୋଗ ଅପେକ୍ଷାରେ ରହିଥିଲେ। ଗତ ୧୦ତାରିଖ ଦିନ ସନିଆଙ୍କ ଘରକୁ ତାଙ୍କ ନାତି ଶେରଗଡ଼ ବ୍ଲକ୍ ଖମାର ଗ୍ରାମର ଆଦିତ୍ୟ ଜେନା (୯) ବୁଲି ଆସିଥିଲେ। ପୁଅମୃତ୍ୟୁର ପ୍ରତିଶୋଧ ନେବାକୁ ସୋନାଲି ଏହାକୁ ମୌକା ବୋଲି ଭାବି ନେଇଥିଲେ। ଆଦିତ୍ୟଙ୍କୁ ହତ୍ୟା କରିବାକୁ ସେ ଯୋଜନା କରିଥିଲେ। ବୁଧବାର ଦିନ ସେ ଆଦିତ୍ୟକୁ ନିଜ ଘରକୁ ଡାକି ତା'ର ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ବାଡ଼ିପଟେ ଶବକୁ ପକାଇ ଦେଇଥିଲେ।



**ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ**

# ପୂର୍ବରୁ ହେଉଥିଲା; ଏବେ ଅସୁବିଧା କେଉଁଠି?

ପୁରୀ, ୧୩।୧୨(ସମିସ): ପୁରୀ ସହରବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏହି ଦାବିର ବି ପ୍ରାସଙ୍ଗିକତା ରହିଛି। ସବୁ ସମୟରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛନ୍ତି ପୁରୀବାସୀ। ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ 'ଅତିଥି ଦେବୋ ଭବ' ନୀତିକୁ ଆପଣାଇ ପ୍ରଶାସନର ସବୁ କଟକଣାକୁ ମାନି ନେଉଛନ୍ତି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରବେଶ ପାଇଁ ଯେଉଁ କଟକଣା କରାଯାଇଛି, ତାହା ବିଶେଷକରି ପୁରୀବାସୀଙ୍କୁ ଅଧିକ କଷ୍ଟ ଦେଉଛି। ତେଣୁ ସେମାନଙ୍କ ମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ମଞ୍ଚ ବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଜଣାଇସାରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଏହାର ସମାଧାନର ବାଟ ଅସମ୍ଭବ ବି ନୁହେଁ। ପୂର୍ବରୁ ପୁରୀ ସହରବାସୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ଥିଲା। ନିଜର ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ସେମାନେ ମନ୍ଦିରକୁ ପ୍ରବେଶ କରୁଥିଲେ। ହେଲେ ବର୍ତ୍ତମାନ ଏହି ସୁବିଧା କରିବାରେ ଅସୁବିଧା କେଉଁଠି ବୋଲି ବୁଦ୍ଧିଜୀବୀମହଲ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ଏବଂ ସରକାରଙ୍କ ଇଚ୍ଛାଶକ୍ତି ରହିଲେ ପୁରୀବାସୀଙ୍କ ଦାବି ପୂରଣ ହୋଇପାରିବ ବୋଲି ସେମାନେ କହିଛନ୍ତି।

ସମୟ ଥିଲା, ପୁରୀ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି,



ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ, ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛି ବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ପୂର୍ବଭଳି ଆଉ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ପ୍ରଶାସନିକ କଟକଣା ଯୋଗୁଁ ଏକପ୍ରକାର ରୁନ୍ଧି ହୋଇଯାଇଛନ୍ତି।

ପୁରୀ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରକୁ ଅବାଧରେ ଯା'ଆସ କରିବା

- ଜିଲ୍ଲାପାଳଙ୍କଠୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ପହଞ୍ଚିଲାଣି
- ନିଷ୍କର୍ଷ ବାହାରିପାରୁନି

ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତ ସ୍ୱପ୍ନ ପାଲଟିଯାଇଛି। ମନ୍ଦିର ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରି ଆସୁଛନ୍ତି।

ଏହି ଦାବି ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟସଭାରେ ବି ଉଠିଛି। ବିଧାନସଭାରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଏବଂ ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହି ପ୍ରସଙ୍ଗ ଉଠାଇଛନ୍ତି। ପ୍ରାୟ ୨ମାସରୁ ଊର୍ଦ୍ଧ୍ୱ ହେବ, ବିଭିନ୍ନ ଫୋରମ୍‌ରେ ସେମାନଙ୍କ ଦାବି ଉଠାଇବା ସହ ସମୂହ ଦୀପଦାନ, ନିରବ ପ୍ରତିବାଦ କରି ଆସୁଛନ୍ତି ପୁରୀବାସୀ। ଏପିରକି, ଏଥିପାଇଁ ଗଠିତ ମଞ୍ଚର ପ୍ରତିନିଧି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ସେମାନେ କାହିଁକି ଏହି ଦାବି କରିଆସୁଛନ୍ତି, ସେ ବିଷୟରେ ବି ଅବଗତ କରାଇଛନ୍ତି। ହେଲେ ଏଯାଏ ଏହାର ବାଟ ଫିଟିପାରିନାହିଁ।

ଶୁକ୍ରବାର ଛତିଶାନିଯୋଗ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏଥିପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମାଧ୍ୟମରେ ପ୍ରସ୍ତାବ ମଗାଯାଇଛି। ସେମାନେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଯାହା ପ୍ରସ୍ତାବ ଦେବେ, ତାହା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ତେବେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇବା ପରେ ଏବେ ଏହି ଅଭିଯାନରେ ସାମିଲ ସହରବାସୀ ଏକପ୍ରକାର ହତାଶବୋଧ ଭିତରକୁ ଠେଲି ହୋଇଯାଇଛନ୍ତି। କିନ୍ତୁ, ସମସ୍ତଙ୍କ ମନରେ ଗୋଟିଏ କଥା; ଯଦି ପୂର୍ବରୁ ପୁରୀ ସହରବାସୀ ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରୁଥିଲେ, ଏବେ କାହିଁକି ନୁହେଁ?

# ସ୍ତ୍ରୀକୁ ପୋଡ଼ି ହତ୍ୟା ଘଟଣା
# ଜେଲ୍‌ଗଲା ଅଭିଯୁକ୍ତ ସ୍ୱାମୀ

**ବେଲପଡା,୧୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ମଧପୁର ପଞ୍ଚାୟତ କଟାପାଲିରେ ଶୁକ୍ରବାର ଘଟିଥିବା ଅଭାବନୀୟ ଘଟଣା ଉପରୁ ବେଲପଡା ପୁଲିସ ରହସ୍ୟ ଖୋଲିଛି। କୌଣସି କଥାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଣୁ ରାଗରେ ସ୍ତ୍ରୀକୁ ସ୍ୱାମୀ ପିଟି ପିଟି ମାରିଦେଇଥିଲା। କାଳେ କିଏ ଜାଣିଦେବ ସେନେଇ ରାତିରେ ବାରିପଟେ ଶବ ଲୁଚାଇବାକୁ ଉଦ୍ୟମ କରିଥିଲା; ହେଲେ ବିଫଳ ହେବା ପରେ ପୋଡିଦେଇ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିଲା। ତଦନ୍ତ ବେଳେ ଏହା ଜଣା ପଡିଛି। ଶୁକ୍ରବାରଠାରୁ ଥାନାରେ ଅଟକ ଥିବା ଅଭିଯୁକ୍ତ ସ୍ୱାମୀ ପିଣ୍ଟୁ ପରୁଆକୁ ଶନିବାର ପୁଲିସ ଗିରଫ କରି କୋର୍ଟ ଚଲାଣ କରିଥିଲା। ଜାମିନ ମଞ୍ଜୁର ନ ହେବାରୁ ତାକୁ ଜେଲ୍ ଯିବାକୁ ପଡିଛି। ବେଲପଡା ଥାନା ଆଇଆଇସି ଅନନ୍ତ ପଧାନ କହିଛନ୍ତି



ଯେ, ବେଲପଡା ଥାନା ବୁଦାମୁଣ୍ଡା ଗାଁର କୁଲବତୀ ପରୁଆଙ୍କୁ ୧୧/୦୪/୨୪ରେ କଟାପାଲିର ଶତ୍ରୁଘନ

- ପାରିବାରିକ କଳହରୁ ତିକ୍ତତା
- ଆତ୍ମହତ୍ୟା ରୂପ ଦେବାକୁ ପୋଡ଼ି ଦେଇଥିଲେ
- ମା' ଛେଉଣ୍ଡ ହୋଇଗଲା ୧୦ ମାସର ଶିଶୁପୁତ୍ର

ପରୁଆଙ୍କ ପୁଅ ପିଣ୍ଟୁ ବିବାହ କରିଥିଲା। ତେବେ ପିଣ୍ଟୁ ସବୁବେଳେ ମଦ୍ୟପାନ କରୁଥିଲା। ବିଭିନ୍ନ ସମୟରେ ସ୍ତ୍ରୀ ସହ କଳି କରୁଥିଲା। ଶୁକ୍ରବାର ରାତି ୧୦ଟାରେ ଶାଶୁ ଘର ଲୋକଙ୍କ ସହ ଭିଡ଼ିଓ କଲ କରି ଉଭୟ କଥା ହୋଇଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହୋଇଥିଲା। ପରେ ପିଣ୍ଟୁ ଉତ୍‌କ୍ଷୀପ୍ତ ହୋଇ ସ୍ତ୍ରୀକୁ ପ୍ରବଳ ମାଡ଼ ମାରିଥିଲା। ସେ ତାଙ୍କୁ ପିଟି ପିଟି ଶେଷରେ ମାରି ଦେଇଥିଲା। ଘରେ ହିଁ ସ୍ତ୍ରୀ ଟଳି ପଡିଥିଲା। ଏହାପରେ ସେ କ'ଣ କରିବ ବୁଦ୍ଧି ପାଇ ନ ଥିଲା। ମାରୁ ମାରୁ ସ୍ତ୍ରୀ ମରିଯିବ ବୋଲି କେବେ ଭାବିନ ଥିଲା ବୋଲି ପୁଲିସ ଆଗରେ କହିଛି। ତେବେ ଏହି ଘଟଣା ପରେ ଭୟଭୀତ ହୋଇ ସେ ମୃତଦେହକୁ ବାରିପଟ ଦେଇ କୌଣସି ସ୍ଥାନକୁ ନେବାକୁ ଚେଷ୍ଟା କରିଥିଲା। ତାହା ବିଫଳ ହେବାରୁ ବାରିପଟେ ଶବ ରଖି ତା ଉପରେ ନିଆଁ ଲଗାଇଥିଲା। ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ସେ ଉଦ୍ୟମ କରିଥିଲା। ପୁଲିସ ତଦନ୍ତ ବେଳେ କିନ୍ତୁ ସବୁ ସତ ମାନିଥିଲା। ତେବେ ଏହି ଘଟଣା ପରେ ୧୦ମାସର ଶିଶୁପୁତ୍ର ମା' ଛେଉଣ୍ଡ ହୋଇଯାଇଛି।

## କେରମେଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା



**ସଇଁତଳା,୧୩।୧୨(ସମିସ):** କେରମେଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ଯୋଶୀ, ସମ୍ମାନିତ ଅତିଥି ରୂପେ ଦିଲୀପ ବେହେରା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ସଭାପତିତ୍ୱ କରିଥିଲେ। ଖେଳ ଶିକ୍ଷକ ପ୍ରସନ୍ନନନ୍ଦ ବାଗଙ୍କ ତତ୍ତ୍ୱାବଧାନରେ ସବିତା ଏକ୍କା, ମୋନାଲିଶା ମହାପାତ୍ର, ରଶ୍ମିତା ନାୟକ, ସୌମ୍ୟ ରଞ୍ଜନ ମହାନ୍ତି, ମିନତୀ ଦାଶ, ଗୀତାଞ୍ଜଳି ମହାକୁର, ଅନୁପମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱଜିତ ରଣା, ଗୁଣନିଧି ଭୋଇ, ଅଙ୍କିତା ରଣା, ଝସକେତନ ଭୋଇ ଓ ସାବିତ୍ରୀ ବିଶି ପ୍ରମୁଖ ଛାତ୍ରଛାତ୍ରୀ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯଜ୍ଞେଶ୍ୱର ଦାସ, ଜିତେନ୍ଦ୍ର ଦାସ ମଞ୍ଚାସୀନ ଥିଲେ।

- ଦାଦନ ଶ୍ରମିକକୁ ହତ୍ୟା କରି ଫିଙ୍ଗିଦେବା ଘଟଣା

## ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଜିଆରପିର ତଦନ୍ତ

**କଣ୍ଟାବାଞ୍ଜି,୧୩।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲିରେ ନିକଟରେ ରେଳ ଧାରଣାରୁ ଜଣେ ଶ୍ରମିକଙ୍କ ଶବ ଉଦ୍ଧାର ଘଟଣାରେ ପୁଲିସର ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତ ଦାଦନ ଶ୍ରମିକଙ୍କୁ ଜରେ ସର୍ଦ୍ଦାର ହତ୍ୟା କରି ଫିଙ୍ଗି ଦେଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏବେ ଏହି ଘଟଣାର ଛାନଭିନ ଆରମ୍ଭ ହୋଇଛି। ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରିଛି। ନୂଆପଡ଼ା ଜିଲ୍ଲା ଲଖନା ଥାନା ଅଞ୍ଚଳର ବାଞ୍ଛାନିଧି କୈବର୍ତ୍ତ ଓରଫ ମାଖନୁ (୪୩)ଙ୍କୁ ତୁରେକେଲା ଥାନା ତେତେଲଖୁଣ୍ଟିର ଦାଦନ ସର୍ଦ୍ଦାର ଅରମାନ ଖାନ ହତ୍ୟା କରି ଫିଙ୍ଗି ଦେଇଥିବା ତାଙ୍କ ସ୍ତ୍ରୀ ଲଖନା ଥାନାରେ ଅଭିଯୋଗ କରିଥିଲେ। ଶନିବାର ମୃତଦେହ ପଡିଥିବା ରେଳଧାରଣା ସ୍ଥଳରେ ସରକାରୀ ରେଳବାଇ ପୁଲିସ (ଜିଆରପି) ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନକାରୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ବଲାଙ୍ଗିର,୧୩।୧୨(ସମିସ):** ସ୍ଥାନୀୟ ସୁଦପଡା ଫାଟକରେ କାମ .ଲିଥିବା ସମୟରେ ଜଣେ କର୍ମ.ରୀ ୨୫୦୦୦ ଭୋଲ୍ଟ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ପଥରଚେପାର ପୂର୍ଣ୍ଣ ମିର୍ଦ୍ଧା। ସେ ରାସ୍ତା କଡରେ ଛଟପଟ ହେଉଥିଲେ। ଏହି ସମୟରେ ଅନ୍ତର୍ଜାତୀୟ କରାଟେ ପ୍ରଶିକ୍ଷକ ଅସୀମ ଭୋଇ ସେ ରାସ୍ତା ଦେଇ ଯାଉଥିଲେ। ତାଙ୍କୁ ଦେଖି ଅନ୍ୟ ଜଣଙ୍କ ସହ ସଙ୍ଗେ ସଙ୍ଗେ ସେ ନିଜ ସ୍କୁଟିରେ ବସାଇ ଭୀମ ଭୋଇ ହସ୍ପିଟାଲକୁ ନେଇଥିଲେ।

## ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗିର,୧୩।୧୨(ସମିସ):** ମାଲପଡା ସ୍ଥିତ ରେଳ ଉପଭୋକ୍ତ ସଂଘର କାର୍ଯ୍ୟାଳୟରେ ସଂଘର କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଷ୍ଟେସନରେ ପିଆଇଟି ଲାଇନ ପ୍ରତିଷ୍ଠା ଉପରେ ଜୋର ଦିଆଯାଇଥିଲା। ଲିଫ୍ଟ କାମର ମନ୍ଥରଗତି ଉପରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବଲାଙ୍ଗିରରୁ ଭୁବନେଶ୍ୱରକୁ ଯିବା ଆସିବା କଳାପରି ଏକ ସକାଳୁଆ ଟ୍ରେନ ହୋଇ ନ ପାରିବା, ପ୍ରୟାଗରାଜ କିମ୍ବା ଦିଲ୍ଲୀକୁ ଏକ ସିଧାଶଳଖ ଟ୍ରେନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ସୁନିଶ୍ଚିତ ବୋଲି ମତ ପ୍ରକାଶ ପାଇଥିଲା। ଏ ବାବଦରେ ବାରମ୍ବାର




କେନ୍ଦ୍ର ରେଳ ମନ୍ତ୍ରୀ, ସାଂସଦ ଓ ରେଳବାଇ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ମଧ କିଛି ଉତ୍ତର ନ ଆସିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରକାଶ ପାଇଛି। ଏହି ଆନ୍ଦୋଳନ ପାଇଁ ଏକ ଏକ୍ସନ ସବ୍ କମିଟି ଗଠିତ ହେବ। ତାହାର ଦାୟିତ୍ୱରେ ଶିବ ନାରାୟଣ ରଥ ଏବଂ ଆବାହକ ସଂପାଦକ ରହିବେ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ବୈଠକ ସଭାପତି ପ୍ରଫେସର ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅନନ୍ତ ବିଶୋଇ ସ୍ୱାଗତ ଜଣାଇଲା ପରେ ସଂପାଦକ ବିମଳ ଚକ୍ରବର୍ତ୍ତୀ ଗତ ସାଧାରଣ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଅଶୋକ .ନ୍ଦ ଆୟ ବ୍ୟୟର ହିସାବ ରଖିଥିଲେ।

ବରିଷ୍ଠ ସଭ୍ୟ ଗୋପବନ୍ଧୁ ପୁରୋହିତ, ପ୍ରଭାକର ମିଶ୍ର, ମୋତିଲାଲ ସାହୁ, ଋତୁରାଜ ସିଂହ, ମନୋରଂଜନ ପୁରୋହିତ, ଶିବ ନାରାୟଣ ରଥ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସୁରେନ୍ଦ୍ର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜ ସଂସ୍କାର ପାଇଁ ବ୍ରାହ୍ମଣ ସଂକଳ୍ପବଦ୍ଧ



**ଟିଟିଲାଗଡ଼, ୧୩।୧୨(ସମିସ):** ଯୁଗେ ଯୁଗେ ଭାରତର ମୁନୀ ଋଷି ସଂସ୍କୃତି, ପରମ୍ପରାର ସୁରକ୍ଷା ପାଇଁ ବ୍ରାହ୍ମଣ ସମାଜ ଆଗକୁ ଆସିଛନ୍ତି। ବେଦ, ଗୀତା, ଭାଗବତରେ ଶାନ୍ତି, ଅହିଂସା, ପରସ୍ପର ପ୍ରତି ସ୍ନେହ, ଭ୍ରାତୃଭାବର ପ୍ରଚାର ପ୍ରସାର କାର୍ଯ୍ୟରେ ବ୍ରାହ୍ମଣ ସମାଜ ସମଗ୍ର ବିଶ୍ୱକୁ ମହାନ ବାର୍ତ୍ତା ଦେଇ ଆସିଛନ୍ତି। ସ୍ଥାନୀୟ ନାନାଝେର ମାଁ ଦ୍ୱାରସୁନି ଗୁଡ଼ିଠାରେ ଟିଟିଲାଗଡ଼ ବ୍ରାହ୍ମଣ ସମାଜପକ୍ଷରୁ ଅନୁଷ୍ଠିତ ଏକ ସଭାରେ ଏହି ମତ ପ୍ରକାଶ ପାଇଛି। ବ୍ରାହ୍ମଣ ସମାଜ ସଭାପତି ସୁବୋଧ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପସଭାପତି ରାମ ନାରାୟଣ ମିଶ୍ର, ସମ୍ପାଦକ ସତ୍ୟବ୍ରତ ପଣ୍ଡା, ସହ ସମ୍ପାଦକ ଶୁକଦେବ ଯୋଷୀ, କୋଷାଧ୍ୟକ୍ଷ ରାମନାଥ ଖମାରୀ, ବରିଷ୍ଠ ସଦସ୍ୟ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଚିନ୍ତାମଣୀ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଶରତ ମିଶ୍ର, ଦିଲୀପ ପୁରୋହିତ, ଟିଟିଲାଗଡ଼ ନଗର ବିଜେପି ସଭାପତି ସୁନିଲ ଆଚାର୍ଯ୍ୟ, ଦେବ ଷଡ଼ଙ୍ଗୀ, କାହ୍ନୁଚରଣ ମିଶ୍ର, ଟୁନିଆ ପାଣିଗ୍ରାହୀ, ଭକ୍ତ ପୁରୋହିତ, ଶିବା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟିଟିଲାଗଡ଼ ବହିହାଟ ଉଦ୍‌ଘାଟିତ

**ଟିଟିଲାଗଡ,୧୩।୧୨ (ସମିସ):** ଇଣ୍ଟରନେଟ ଯୁଗରେ ବି ପୁସ୍ତକ ପଠନର ଦିଗ ପ୍ରସାରିତ। ପୁସ୍ତକ ପ୍ରକାଶନର ବ୍ୟାପକତା ବେଶ୍ ବୃଦ୍ଧି ପାଇଛି। ଲେଖକୀୟ ଅଭିବ୍ୟକ୍ତି ମଧ୍ୟରେ ଶୈକ୍ଷିକ ଓ ବୌଦ୍ଧିକ ପ୍ରତିବେଦନର ସଂସ୍କାର ଘଟିଛି। ପୁସ୍ତକ ମେଳାର ମାନ ବହୁ ଗୁଣିତ ହୋଇଛି। ସରକାରୀ ଓ ବେସରକାରୀ ଉଦ୍ୟମରେ ପ୍ରତିବର୍ଷ ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ପୁସ୍ତକ ମେଳାର ଆୟୋଜନ କରାଯାଉଛି। ଟିଟିଲାଗଡ଼ ବହିହାଟର ଉଦ୍‌ଘାଟନୀ ଉତ୍ସବରେ ଏହି ମତାମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ନବୀନ ଜୈନ ଯୋଗଦେଇ ଏହି ବହିହାଟକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ଓ ପ୍ରଭାବତୀ ପବ୍ଲିକ ସ୍କୁଲର ଅଧକ୍ଷା ସୁଶ୍ରୀ ସୁନନ୍ଦା ଯତି ପୁସ୍ତକ ପଠନର ମହତ୍ତ୍ୱ ଓ ସଂପର୍କରେ ବିଭିନ୍ନ ଦିଗକୁ ନେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଲୋହିତାକ୍ଷ ଯୋଷୀ ପୁସ୍ତକ ପଠନର ଉପାଦେୟତା ଉପରେ ତାତ୍ତ୍ୱିକ ଅଭିମତ ପ୍ରଦାନ କରିଥିଲେ। ସଭାପତି ଭିକାରୀ ଚରଣ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବହିହାଟର



ଉପଦେଷ୍ଟା ରାଜୀବଲୋଚନ ପାଢ଼ୀ ସ୍ୱାଗତ ସଂଭାଷଣ ଦେଇଥିବାବେଳେ ସାଧାରଣ ସଂପାଦକ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସତ୍ୟବ୍ରତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉପ ସଭାପତି ବନମାଳୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜିରେ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ




**କଣ୍ଟାବାଞ୍ଜି,୧୩।୧୨(ସମିସ):** କଣ୍ଟାବାଞ୍ଜି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୁରେକେଲା ବ୍ଲକ୍ କଣ୍ଟାବାଞ୍ଜି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତୁରେକେଲା ବ୍ଲକ୍ ଶିକ୍ଷା ଅଧିକାରୀ ଗୌତମ ପଟେଲ ମଞ୍ଚାସୀନ ଥିଲେ। ଅଧାରୁ ପାଠ ଛାଡିଥିବା ଓ ଆଦୌ ନାମ ଲେଖାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ସହିତ ଯୋଡ଼ି ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ୱାର୍ଡରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ସେମାନଙ୍କୁ ଉପଢୌକନ, ବହିପତ୍ର ସହ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିଲା। ଏହା ପରେ କଣ୍ଟାବାଞ୍ଜିରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ଏହି ସଭାରେ ସଚିଦା ନନ୍ଦ ପାତ୍ର, ଜାନକୀ ରାମ ସାମ ବେଦମ, ବିଶ୍ୱରଞ୍ଜନ ଦାସ, ଶିକ୍ଷୟିତ୍ରୀ ଲାବନ୍ୟା ବତି ଧରୁଆ, ପୂଜା ଜାଲ, ସୁନୀତା ମେହେର, ଶାନ୍ତିଲତା ଭୋଇ, ଏମ୍ ବିନିତା, ପ୍ରତିଭା ବାରିକ, ଦୀପାଞ୍ଜଳି ଭୋଇ, ମୁକ୍ତା ବେଜ୍, କାନ୍ତିଲତା ବର୍ଗେ, ସଂଘ ମୀତ୍ରା ପାଣିଗ୍ରାହୀ, ସୁଜାତା ଧାରୁଆ, ଦୀପା ନାୟକ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଯୋଗ ଦେଇଥିଲେ।

## ଡା. ମୁରଲୀଧର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ବଲାଙ୍ଗିର,୧୩।୧୨(ସମିସ):** ଭୀମଭୋଇ ଭେଷଜ ମହାବିଦ୍ୟାଳୟ ପରିସର ଔଷଧୀୟବୃକ୍ଷ ଉଦ୍ୟାନଠାରେ ମହାବିଦ୍ୟାଳୟର ପୂର୍ବତନ ଫାର୍ମାକୋଲୋଜି ବିଭାଗ ପ୍ରଫେସର ସ୍ୱର୍ଗତ ଡା. ମୁରଲୀଧର ପାଣିଗ୍ରାହୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡା. ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଉପାଧ୍ୟକ୍ଷା ଡା. ମାନସୀ ପଣ୍ଡା, ସ୍ୱର୍ଗତ ପାଣିଗ୍ରାହୀଙ୍କ ଏକମାତ୍ର ପୁତ୍ର ରାଜନ୍ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ।

## ଉଦ୍ୟୋଗ ବିକାଶ ପ୍ରୋତ୍ସାହନ କାର୍ଯ୍ୟକ୍ରମ



**ବଲାଙ୍ଗିର,୧୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ, ରୋତ)ରେ କେନ୍ଦ୍ରୀୟ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର (ଭୁବନେଶ୍ୱର) ଦ୍ୱାରା ଉଦ୍ୟୋଗ ବିକାଶ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କେନ୍ଦ୍ରର ପ୍ରଶିକ୍ଷକ ଆକାଶ ସେଠ୍ ଏବଂ ପ୍ରଶାନ୍ତ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗିକା ବିକାଶ ପାଇଁ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକ ଓ ଅଧ୍ୟାପକ ପ୍ରମୋ ଦାଶ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ବାଗ ଓ ଅଧ୍ୟାପକ ଗୋପାଳ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ବଙ୍ଗୋମୁଣ୍ଡା,୧୩।୧୨(ସମିସ):** ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱି ଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ମିନତୀ ରଥ ମା' ଦ୍ୱାରସେନୀ ମନ୍ଦିରରୁ ଆସିଥିବା ମଶାଲ ସ୍ଥାପନା କରି ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ କାର୍ଯକ୍ରମରେ ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାର ମୁଖ୍ୟଅତିଥି ଓ ବଙ୍ଗୋମୁଣ୍ଡା ବ୍ଲକର ପଞ୍ଚାୟତ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମାଝୀ ସମ୍ମାନିତ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। +୨ ଦ୍ୱିତୀୟ ବର୍ଷର ଛାତ୍ର ହୁଙ୍କାରୁ ସତନାମୀ ଏବଂ ଛାତ୍ରୀ କେସ୍ମିତା ନାଗ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିଲେ। ଉଚ୍ଚ ମାଧ୍ୟାମିକ ବିଦ୍ୟାଳୟର କ୍ରୀଡା ଶିକ୍ଷକ ହେମନ୍ତ ପ୍ରଧାନ ଏବଂ +୩ କ୍ରୀଡା ଶିକ୍ଷକ ଜୟପ୍ରକାଶ ସାହୁ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ ନରୋତ୍ତମ ପଣ୍ଡା ପୁରସ୍କାର ବିତରଣ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ନୀଲେଶ ପାରେଖ ଧନ୍ୟବାଦ ଦେଇଥିଲେ।

## ୧୭ ଦାଦନ ଶ୍ରମିକ ଉଦ୍ଧାର



**ତୁରେକେଲା,୧୩।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ପୁଲିସ ଶନିବାର ୧୭ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ମହୁବାହାଲି ଗାଁ ନିକଟରୁ ପୁଲିସ ଏମାନଙ୍କୁ ଉଦ୍ଧାର କରିଥିଲେ। ଏମାନେ ସମସ୍ତେ ରାଜ୍ୟ ବାହାରକୁ ବେଆଇ ଭାବେ ଚାଲାଣ ହେଉଥିଲେ। ତେବେ ଏମାନଙ୍କ ଘର ନୂଆପଡ଼ା ଜିଲ୍ଲାର କୋମନା ଥାନା ନୂଆଗାଁ ଏବଂ ତୁରେକେଲା ଥାନା ମହୁଲବାହାଲି ଗାଁରେ ବୋଲି ପୁଲିସ କହିଛି। ତୁରେକେଲା ଥାନା ନୂଆପଡ଼ାର ଦାଦନ ସର୍ଦ୍ଦାର ପିତବାସ ତାଣ୍ଡି ଏବଂ ଟଙ୍କ ତାଣ୍ଡି ଏମାନଙ୍କୁ ଚାଲାଣ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଏମାନଙ୍କୁ ଉଦ୍ଧାର କରିଥିଲା। ଏ ନେଇ ତୁରେକେଲା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଦାଦନ ସର୍ଦ୍ଦାର ପିତବାସ ଏବଂ ଟଙ୍କକୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ କଣ୍ଟାବାଞ୍ଜି ଜେଲ୍‌କୁ ପଠାଇ ଦିଆଯାଇଛି।

# ଜୀବନ ବୀମା ଏଜେଣ୍ଟ ଅଧିବେଶନ

**ବଲାଙ୍ଗିର,୧୩।୧୨(ସମିସ)**

ଜୀବନବୀମା ଅଭିକର୍ତ୍ତା ମହାସଂଗଠନ, ସମ୍ବଲପୁର ମଣ୍ଡଳ ପରିଷଦର ଦୁଇଦିନିଆ ୧୧ତମ ସାଧାରଣ ଅଧିବେଶନ ବଲାଙ୍ଗିର ସମ୍ବଲପୁର ରୋଡ ସ୍ଥିତ ନଟରାଜ ପ୍ୟାଲେସଠାରେ ଆରମ୍ଭ ହୋଇଛି। ଅଭିକର୍ତ୍ତାମାନଙ୍କ ଏହି ମହା ସମ୍ମିଳନୀରେ ସମ୍ବଲପୁର ମଣ୍ଡଳ ଅଧୀନ ସମସ୍ତ ଶାଖାରୁ ଶତାଧିକ ଜୀବନବୀମା ଅଭିକର୍ତ୍ତା ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଦିବସରେ ବିଶିଷ୍ଟ ପଣ୍ଡିତ ବଂଶୀଧର ଦାନୀଙ୍କ ମନ୍ତ୍ର ଉଚ୍ଚାରଣ ଓ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ସହ ଦିବଂଗତ ମହାସଂଗଠନର ନେତୃବୃନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମଣ୍ଡଳ ପରିଷଦ ସଭାପତି ଦାମୋଦର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କେନ୍ଦ୍ରୀୟ ସଂପାଦକ ବି. ମର୍କଣ୍ଡେୟୁଲୁ, ରାଜନୈତିକ ବ୍ୟାପାର କମିଟି ଓ




ସାଂଗଠନିକ ଅଧ୍ୟକ୍ଷ ଏନ୍.ଗଜପତି ରାଓ, ଜୀବନ ବୀମା ନିଗମ ସମ୍ବଲପୁର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ରବି ନାରାୟଣ ପୁଝାରୀ, ଶିକ୍ଷା ବିଭାଗ ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ ନାରାୟଣ ଦେଓ, କ୍ଷେତ୍ରୀୟ ସଭାପତି ରାକେଶ ନନ୍ଦକେଓଲିଆର, କ୍ଷେତ୍ରୀୟ ସଂପାଦକ ସରୋଜ ଶଙ୍କୁଆ, କ୍ଷେତ୍ରୀୟ ସାଂଗଠାନିକ ସଂପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁବଜାନି ବେଜ, କାର୍ଯ୍ୟକାରୀ ସଭାପତି ଇଂ.ଅଜିତ କର, ସଂପାଦକ ଅନିରୁଦ୍ଧ ସାମଲ ତଥା ମଣ୍ଡଳ ସ୍ତରୀୟ ପ୍ରମୁଖ ନେତୃବୃନ୍ଦ ମଞ୍ଚାସୀନ ଥିଲେ। ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ବରିଷ୍ଠ ମହିଳା ଅଭିକର୍ତ୍ତା କଳ୍ପନା ମେହେର ଓ ଆରତି କୁମାରଙ୍କ ସଂଯୋଜନାରେରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସାଂଗଠନିକ ନେତୃବୃନ୍ଦ ଜୀବନ ବୀମା ଅଭିକର୍ତ୍ତାଙ୍କ ବହୁବିଧ ସମସ୍ୟା ଓ ବୃତ୍ତିଗତ ସୁରକ୍ଷା ଉପରେ ବ୍ୟାପକ ବି.ର ବିମର୍ଷ କରିଥିଲେ। ମହାସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା ହୋଇଛି। ଶେଷରେ ବରିଷ୍ଠ ଅଭିକର୍ତ୍ତା ଦେବାନନ୍ଦ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ବିଜ୍ଞେଶ୍ୱସି ବାରିକ ଓ ଶିବାନୀ ମହାପାତ୍ର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବଲାଙ୍ଗିର ଶାଖାର କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରତାପ ସାହୁ, ଡମ୍ବରୁଧର ମେହେର, କହ୍ନାଇଲାଲ ମେହେର, ଗୋଲେକ ବିହାରି ସାହୁ, ସଂପାଦକ ସରୋଜ ଭୋଇ, ଯୁଗ୍ମ ସଂପାଦକ ପ୍ରଭୁଦତ୍ତ ଦାଶ, ପୁରନ୍ଦର ମିଶ୍ର, ସଂଜିବ ମିଶ୍ର, ସଂଯୋଜକ କୃତିବାସ କର୍ମୀ ଓ କୋଷାଧ୍ୟକ୍ଷ ସାଧୁରାମ ପୃଷ୍ଟି ସହଯୋଗ କରୁଛନ୍ତି।

ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ନଳିନୀ ପ୍ରଭା ପ୍ରଧାନ
ଆବିର୍ଭାବ : ୦୨.୦୭.୧୯୬୪
ତିରୋଧାନ : ୨୪.୧୨.୨୦୨୪
ଶୋକସନ୍ତପ୍ତ
ପ୍ରଧାନ ପରିବାର

### ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ

## ଚିହ୍ନଟ ପାଇଁ ଶବ ସଂରକ୍ଷିତ

**କର୍ଲାମୁଣ୍ଡା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ପୌରକେଲା ପଞ୍ଚାୟତର ଶିରାବାହାଲ ଗ୍ରାମରେ ଗତ ପ୍ରାୟ ତିନି ମାସ ତଳେ ଜଣେ ନିଃସହାୟ ବ୍ୟକ୍ତି ରହି ଭିକ୍ଷା ବୃତ୍ତି କରି ଚଳୁଥିଲା। ତାର ନାମ ଦେବରାଜ ମାଝୀ ବୋଲି କହୁଥିବା ବେଳେ ତାର କେହି ନିଜର ଲୋକ ନଥିବା ପ୍ରକାଶ କରିଥିଲେ। ସେ ଗ୍ରାମର ଗୋଲାପ କୁମାରଙ୍କ ଘରେ ଆଶ୍ରୟ ନେଉଥିଲା।ତେବେ ତାର ଉଚ୍ଚ ରକ୍ତଚାପ ବୃଦ୍ଧି ଓ ପାରାଲିସିସରୋଗ ହେବାରୁ ଆଶ୍ରୟଦାତା ଗୋଲାପ ବଲାଙ୍ଗିର ଡାକ୍ତରଖାନାରେ ଚିକିତ୍ସା କରାଇ ଘରକୁ ଆଣିଥିଲେ। ସ୍ୱାସ୍ଥ୍ୟବସ୍ଥା ପୁଣି ଖରାପ ହେବାରୁ ସ୍ଥାନୀୟ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ସେଠାରେ ଡାକ୍ତର ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି।ଏନେଇ ଗୋଲାପ କୁମାର ରିଷିଡା ଫାଣ୍ଡିରେ ଲିଖିତ ଦରଖାସ୍ତ ଦେଇଥିଲେ। ଶନିବାର ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା ଭବାନୀପାଟଣା ଡାକ୍ତରଖାନାକୁ ଯାଇ ଶବଜବତ କରିବା ସହ ବ୍ୟବଚ୍ଛେଦ କରାଇଛନ୍ତି। ଶବ ଚିହ୍ନଟ ପାଇଁ ମୃତଦେହକୁ ଜିଲ୍ଲା ଡାକ୍ତରଖାନାରେ ସଂରକ୍ଷିତ ରଖାଯାଇଛି। ମ ରାମପୁର ଥାନାରେ କେଶ ନଂ ୦୭ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡିଅଧିକାରୀ ଶ୍ରୀ ବିଡ଼ିକା ପ୍ରକାଶ କରିଛନ୍ତି।

## ମଣ୍ଡି ଉଦ୍‌ଘାଟନ ହେଲାଣି,ଟୋକନ ମିଳିନି

**କର୍ଲାମୁଣ୍ଡା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍‌ର କର୍ଲାମୁଣ୍ଡା, ଜୋରାଡବ୍ରା, ରିଷିଡା ପାକ୍ସର ତେରେସିଂହା, ଅବୁଜବହାଲ ଧାନମଣ୍ଡି ଉଦ୍‌ଘାଟନ ସରିଛି ହେଲେ ମାତ୍ର ୧୦% ଟୋକାନ ମେସେଜ ଆସିଛି। ଅନ୍ୟବର୍ଷ ନଭେମ୍ବର ମାସ ଶେଷ ସୁଦ୍ଧା ଟୋକନ ମେସେଜ ଅସି ଯାଇଥାଏ କିନ୍ତୁ ଚଳିତବର୍ଷ ଡିସେମ୍ବର ୧୩ତାରିଖ ହେଲା ଟୋକନ ଆସିନାହିଁ। ଯାହାକୁ ନେଇ ଚାଷୀ ବହୁତ ଚିନ୍ତାରେ ଅଛନ୍ତି। ଧାନ ବିକ୍ରି ଟଙ୍କା ଉପରେ ଘରର ଅନ୍ୟାନ୍ୟ ଖର୍ଚ୍ଚ,ମେଡିକାଲ ଖର୍ଚ୍ଚ ଅଧିକାଂଶ ଚାଷୀ ନିର୍ଭର କରିଥାନ୍ତି। କିନ୍ତୁ ଚଳିତ ବର୍ଷ ବ୍ୟତିକ୍ରମ ଦେଖା ଦେଇଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ଟୋକନ ଛାଡିବା ସହିତ ମଣ୍ଡିରୁ ଧାନ ଉଠାଇବା ପାଇଁ ଦାବି ହେଉଛି।

### ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା

## 'ନୀତିପୂର୍ଣ୍ଣ ଆଚରଣ ହିଁ ଶିଶୁ ଜୀବନକୁ ନୀତିବାନ କରିପାରେ'

**ଭବାନୀପାଟଣା,୧୩।୧୨(ସମିସ)**

ନାଟକ ଓ ଲୋକ ନୃତ୍ୟ ପ୍ରତି ସମର୍ପିତ ସଙ୍ଗମ ଅନୁଷ୍ଠାନ ତରଫରୁ ଆୟୋଜିତ ଚତୁର୍ଦ୍ଦିବସୀୟ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ଓ ନାଟ୍ୟକାର ଅଶୋକ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ଘଟୁଥିବା ଅନେକ ଘଟଣା ଶିଶୁ ମନକୁ ପ୍ରଭାବିତ କରିଥାଏ। କିନ୍ତୁ ନୀତିପୂର୍ଣ୍ଣ ଆଚରଣ ଓ ବ୍ୟବହାର ହିଁ ଶିଶୁ ଜୀବନକୁ ନୀତିବାନ କରିଥାଏ। ଏବଂ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ଶୁଭ୍ରାଂଶୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଥମ ନାଟକ ଭାବେ ବିଶ୍ୱନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,




ମଣ୍ଡଳ ପ୍ରଯୋଜିତ 'ଛେଟକା' ମଞ୍ଚସ୍ଥ ହୋଇଥିଲା। ଧନଞ୍ଜୟ ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ଏଇ ନାଟକରେ ନିଶା ପାଇଁ ସମାଜ କେମିତି କଳୁଷିତ ହୋଇଯାଉଛି ତାହା ସୁନ୍ଦର ଭାବେ କଳାକାରମାନେ ପରିବେଷଣ କରିଥିଲେ।ଦ୍ୱିତୀୟ ନାଟକ 'ଉଡାଣ'କୁ ଗଣନାଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାକାରମାନେ ବନବାସୀ ଝିଅମାନଙ୍କ ଶିକ୍ଷାର ଗୁରୁତ୍ୱ ଉପରେ ବାର୍ତ୍ତା ଦେଇଥିଲେ। ନାଟ୍ୟ ରଚନା ସୁମତି ମୁଣ୍ଡ ଓ ନାଟ୍ୟ ନିର୍ଦ୍ଦେଶନା ପ୍ରତାପ ଚନ୍ଦ୍ର ପଣ୍ଡା ଦେଇଥିବା ବେଳେ ପ୍ରଦୀପ କୁମାର ନେଗୀ ଓ ମନୋଜ ମହାକୁଡ଼ ପରିଚାଳନା କରିଥିଲେ। ମୟୁରଭଞ୍ଜ ଜିଲ୍ଲା ବାରିପଦାର ନାଟକ 'କାନ୍ଦୁଛି ବନାନୀ' ତୃତୀୟ ନାଟକ ଭାବେ ମଞ୍ଚସ୍ଥ ହୋଇଥିଲା। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ କଳାକାରମାନେ ଅଭିନୟ ମାଧ୍ୟମରେ ନିବେଦନ କରିଥିଲେ। ନାଟକଟିକୁ ଅଜିତ କୁମାର ପାଣିଗ୍ରାହୀ ରଚନା କରିଥିବାବେଳେ ତ୍ରିଲୋଚନ ସାହୁ ନିର୍ଦ୍ଦେଶନା ଦେଇଥିଲେ। ସନ୍ଧ୍ୟାର ଚତୁର୍ଥ ଅଭିନୀତ ନାଟକ 'ନିଶା'କୁ ରଘୁନାଥ ଠାକୁର ରଚନା ଓ ନିର୍ଦ୍ଦେଶନା ଦେଇଥିବାବେଳେ କଣ୍ଟାବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳାକାରମାନେ ପରିବେଷଣ କରିଥିଲେ। ଏଥିରେ ନିଶା ଏକ ଗରଳଯୁକ୍ତ ସର୍ପ ପରି ଯୁବ ପିଢିଙ୍କୁ କେମିତି ଗୁଡେଇ ହେଇ ତଳିତଳାନ୍ତ କରିଦିଏ ତାହା ଦେଖାଇଥିଲେ। କାର୍ଯ୍ୟକ୍ରମକୁ ଚକ୍ରଧର, ଯୋଗୀନ୍ଦ୍ର ଓ ଅନୁଷ୍ଠାନର ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା






**ମ.ରାମପୁର,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ପଣ୍ଡକାମାଲ ପଞ୍ଚାୟତ ତୁଜୁଙ୍ଗ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ମହୋତ୍ସବକୁ ପଣ୍ଡକାମାଲ ସରପଞ୍ଚ ରୀନା ସାହୁ ସ୍ଥାନୀୟ ତାରିଣୀ ପୀଠରୁ ମଶାଲ ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତଯୋଗିତାର ଆରମ୍ଭ ଘୋଷଣା କରିବା ପୂର୍ବରୁ ପ୍ରଧାନଶିକ୍ଷକ ଦିବାକର ସାହୁ ଛାତ୍ରଛାତ୍ରୀଙ୍କର ପରେଡ ଅଭିବାଦନ ଗ୍ରହଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବାଳକ ଓ ବାଳିକା ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉପକନିଷ୍ଠ ବିଭାଗରେ ଗଣିତ ଦୌଡ଼,ଜଲେବି ଖାଇବା, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଯାଇଛି।ବିଦ୍ୟାଳୟର ଶିକ୍ଷକ ହିମାଂଶୁ ଭୋଇ,ବିପିନ ବିହାରୀ ସୁନା, ରାଧାନାଥ ଦିଶ୍ରି, ଧ୍ରୁବ ମହାଖୁଡ ଓ ଶିକ୍ଷୟିତ୍ରୀ କବିତା ପଧାନ, ରାଜଶ୍ରୀ ସେଠ୍ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମାସ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

**କଳମପୁର:** କଳମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ଉଦ୍‌ଯାପନୀ ଉତ୍ସବରେ କଳମପୁର ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ ଓ ନିବେଦିତା ହଂସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ବିବେକାନନ୍ଦ ଠାକୁର ଯୋଗ ଦେଇଥିଲେ। କଲେଜ ଅଧକ୍ଷ ବିରଞ୍ଚି ମାଝୀ ସଭାପତିତ୍ୱ କରିଥିବା ବେଳେ ଭୂଗୋଳ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶ ଦାତା ବିଭୁତି ଭୂଷଣ ପଟ୍ଟନାୟକ



ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ଛାତ୍ରଛାତ୍ରୀ ନାଚଗୀତ ପରିବେଷଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ କଲେଜର ଉନ୍ନତି କରଣ କରିବା ନିମନ୍ତେ ଦୁଇଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିବା ପରେ କଲେଜ ପକ୍ଷରୁ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀ ମତୀ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

**କୋମନା:** କୋମନା ବ୍ଲକ୍ କୁରୁମପୁରୀ କ୍ଲଷ୍ଟର ଟେଙ୍ଗନାବସା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନଶିକ୍ଷକ ବିଶ୍ୱଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ସହ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି।କୋମନା ଏବିଇଓ ବଲମତ ମାଝୀ ମୁଖ୍ୟଅତିଥି, କୁରୁମପୁରୀ ସିଆରସିସି କମଳାକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।ଏବିଇଓ ମାଝୀ,ସିଆରସିସି ଓ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା ତଥା ପାଠ ସହ କ୍ରୀଡା ନିହାତି ଆବଶ୍ୟକ। ସବିଜୁନିଅର,ଜୁନିଅର ଓ ସିନିଅର ତିନି ଭାଗରେ ଛାତ୍ରଛାତ୍ରୀଙ୍କୁ ପୁଚି,ରଶିଡିଆଁ, ଦୌଡ, ଅଖାଦୌଡ଼, ସ୍ପୁନ ମାର୍ବଲ,ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନୂଆସୁତ ମାଝୀ,ସନ୍ତୋଷ ଜଗତ, ସନ୍ଦୀପ ପାଳ, ସୁଜାତା ରଣା,ପ୍ରତିମା ବେହେରା,ଗ୍ରାମର ଭଦ୍ରବ୍ୟକ୍ତି, ଅଭିଭାବକ,ବିଦ୍ୟାଳୟ କମିଟି ସଭ୍ୟ ସହଯୋଗ କରିଥିଲେ।

**କୋକସରା:** କୋକସରା ବ୍ଲକ୍ ଲଦୁଗାଁ ହାୟର ସେକେଣ୍ଡାରୀସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। କଲେଜ ଅଧକ୍ଷ ଡ଼.ନିହାର କାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରେମାନନ୍ଦ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ହନୁମାନ ମନ୍ଦିରରୁ ଆସିଥିବା କ୍ରୀଡା ମଶାଲକୁ ସ୍ଥାପନ କରିବା ସହ ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।ଖେଳଶିକ୍ଷକ ବୀରେନ୍ଦ୍ର ନାରାୟଣ ଦାସ ଓ କିଷନ ଧଙ୍ଗଡାମାଝିଙ୍କ ନେତୃତ୍ୱରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଧ୍ୟାପକ ସଞ୍ଜୟ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ କୋକସରା ପଞ୍ଚାୟତ ସମିତି ଉପାଧକ୍ଷା ଧିରମଣୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ଼ର ଅଭିବାଦନ ଗ୍ରହଣ କରିବା ସହ ବିଜେତାଙ୍କୁ ସମ୍ମାନିତ କରିଥିଲେ। ଶ୍ରେଷ୍ଠ କ୍ରୀଡ଼ାବିତ ଭାବରେ ବାଳିକା ବିଭାଗର ମାଳତୀ ନିଆଲ ଓ ବାଳକ ବିଭାଗରେ ଶୁଭମ ପଟେଲ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ସରୋଜ ପ୍ରଧାନ ପୁରସ୍କାର ବଣ୍ଟନରେ ସହଯୋଗ କରିଥିଲେ। ଅଧ୍ୟାପକ ଶଙ୍କର ଶତନାମୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ଯୋଷୀ, ଭାରତ ଭୂଷଣ ଠାକୁର, ଅନିତା ସାହୁ, ଭାଗବତ କଟା, ବିଭୁଞ୍ଜନ ସାହୁ, ତୁଳସୀ ବାଗ, ଭାନୁମତୀ ମାଝୀ, ଦିବାକର ଦୁର୍ଗା, ସ୍ୱପ୍ନା ନାୟକ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିବା ବେଳେ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସେବା ପ୍ରଦାନ କରିଥିଲେ।




### ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୯୧୧ ମାମଲାର ଫଇସଲା




**ଭବାନୀପାଟଣା,୧୩।୧୨(ସମିସ)** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଚଳିତ ବର୍ଷର ଶେଷ ଓ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିଲା।ଜିଲ୍ଲାର ବିଭିନ୍ନ ଅଦାଲତରେ ୨୯୧୧ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୩କୋଟି ୨୨ଲକ୍ଷ ୫୦ ହଜାର ୫୮୬ଟଙ୍କା ପ୍ରଦାନ କରାଯାଇଥିଲା।୧୯ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧କୋଟି ୮୧ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପାରିବାରିକ ବିବାଦ ଜନିତ ମକଦ୍ଦମା ୪ଟି ଫଇସଲା କରାଯାଇଥିଲା। ଦେୱାନୀ ମକଦ୍ଦମା ୧୭ଟି ଫଇସଲା କରାଯାଇ ୨ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ବିଚାର ଯୋଗ୍ୟ ୨୦୭ଟି ଫଇସଲା କରାଯାଇଥିଲା। ଏହାସହ ଏନ୍‌ଆଇ ଆକ୍ଟ ମାମଲା(୧୩୮) ୧୫ଟି ଫଇସଲା କରାଯାଇ ୩୨ ଲକ୍ଷ ୬୦ ହଜାର ୨୬୫ ଟଙ୍କା ଆଦାୟ କରାଯାଇଥିଲା। ରାଜସ୍ୱ ମକଦ୍ଦମା ୨୦୨୬ ଟି ଫଇସଲା କରାଯାଇ ୬୭ହଜାର ୮୩୫ ଟଙ୍କା ଆଦାୟ କାରାଯାଇଥିଲା। ଲୋକଉପଯୋଗି ସେବା ସମ୍ବନ୍ଧୀୟ ୧୬ଟି ମକଦ୍ଦମାର ଫଇସଲା କରାଯାଇ ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ୬୦୭ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧କୋଟି ୫ ଲକ୍ଷ ୩୦ ହଜାର ୪୮୬ ଟଙ୍କା ଆଦାୟକରାଯାଇଥିଲା।ଲୋକଅଦାଲତରେ ଜିଲ୍ଲା ଜଜ୍ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧୀକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ଭିଜଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ,ପରିବାର ଅଦାଲତ ଜଜ୍,ରାଜଶ୍ରୀ ମହାପାତ୍ର, ମୁଖ୍ୟବିଚାର ବିଭାଗିୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା ଓ ଅନ୍ୟାନ୍ୟ ମାଜିଷ୍ଟ୍ରେଟ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବର୍ଜନ ସଚେତନତା

**ନୂଆପଡା/କୋମନା,୧୩।୧୨(ସମିସ):** ନୂଆପଡା ଜିଲ୍ଲା କୋମନା ବ୍ଲକ୍ ବୁଦ୍ଧିକୋମନା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ ତଥା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର,ସରପଞ୍ଚ ସନ୍ତୋଷିନୀ ବାଗ, ଏପିଡି କ୍ଷମାନିଧି ଭୋଇ, ବିଡିଓ ସର୍ବେଶ୍ୱର ଜାଲ, ଡିପିଓ ଲକ୍ଷ୍ମଣ ଓରାମ,ଏବିଡିଓ ଭକ୍ତବନ୍ଧୁ ବୁଡ଼େକ, ଜିପିଡିଓ ହେମନ୍ତ ବିଭାର, ପିଇଓ ଗିରିଧାରୀ ତାଣ୍ଡି, ସହକାରୀଯନ୍ତ୍ରୀ ବିବର୍ତ୍ତନ ହାଁସଦା,ଯନ୍ତ୍ରୀ ସୁବ୍ରତ ରାୟ ତଥା ଜିଲ୍ଲା ଏକକ ପ୍ଲାଷ୍ଟିକ ସଚେତନ ଦଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ପାତାଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ବାହାରି ବୁଦ୍ଧିକୋମନା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ତାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ଶଶୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୀତାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଏକକ ପ୍ଲାଷ୍ଟିକ ବ୍ୟବହାରରେ କ୍ଷତି କଣ ଆଲୋକପାତ କରିଥିଲେ। ଛତ୍ରଛାତ୍ରୀ ସଚେତନ ହେଲେ ଅନ୍ତତଃ ଆମ ଜିଲ୍ଲା ପ୍ଲାଷ୍ଟିକ ଫ୍ରି ହୋଇ ଏକ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ନୂଆପଡା ଗଢ଼ିପାରିବ ଆହ୍ୱାନ ଦେଇଥିଲେ। ଶେଷରେ ଶପଥ ପାଠ କରାଯାଇଥିଲା।

### ଆଜି ବୁଢ଼ାରଜା କପ୍ କ୍ରିକେଟ ଫାଇନାଲ

## କେସିଙ୍ଗା ଓ ରାମପୁର ମଧ୍ୟରେ ମୁକାବିଲା



**କେସିଙ୍ଗା,୧୩।୧୨(ସମିସ):** ବହୁ ପ୍ରତିକ୍ଷିତ କେସିଙ୍ଗା ରେ ମର୍ଣ୍ଣି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ବୁଢ଼ାରଜା କ୍ରିକେଟ ପ୍ରତିଯୋଗିତାର ଆଜି(ରବିବାର) ହେବ ଉଦ୍‌ଯାପିତ। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ସମଗ୍ର ଓଡ଼ିଶା ସମେତ ପଡୋଶୀ ଛତିଶଗଡ ରାଜ୍ୟର ବଛା ବଛା ୧୬ ଟି ଦଳ ଭାଗ ନେଇ ଥିଲେ।ଶନିବାର ଦିନ ଅନୁଷ୍ଠିତ ଦୁଇଟି ସେମିଫାଇନାଲ ମ୍ୟାଚ୍ ହୋଇଥିଲା।ପ୍ରଥମ ମ୍ୟାଚ୍ ଟିଟିଲାଗଡ ଓ ରାମପୁର ମଧ୍ୟରେ ହୋଇଥିଲା। ରାମପୁର ଦଳ ଟିଟିଲାଗଡ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲରେ କେସିଙ୍ଗା ଓ ଲୁଥୁରବନ୍ଧ ମଧ୍ୟରେ ହୋଇଥିଲା। କେସିଙ୍ଗା ଦଳ ଲୁଥୁରବନ୍ଧକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ଖେଳ କେସିଙ୍ଗା ଓ ରାମପୁର ମଧ୍ୟରେ ହେବ,ବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟଅତିଥି ଭାବରେ କେସିଙ୍ଗାର ବରିଷ୍ଠ ସାମ୍ବାଦିକ ଯଯାତୀ କେଶରୀ ଦେଓ ଏବଂ ଅଞ୍ଚଳର ଯୁବ ସଂଗଠକ ସୁରେଶ ରାଓ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସରିଲା ବର୍ଷର ଶେଷ ଲୋକ ଅଦାଲତ



**କେସିଙ୍ଗା,୧୩।୧୨(ସମିସ):** କେସିଙ୍ଗା ତାଲୁକ ଆଇନ ସେବା ସମିତି ପକ୍ଷରୁ ଶନିବାର ଅଦାଲତ ପରିସରରେ ବର୍ଷର ଚତୁର୍ଥ ଲୋକଅଦାଲତ ଅନୁଷ୍ଠିତ ହୋଇ ଯାଇଛି।ଲୋକ ଅଦାଲତରେ ୮ଟି ଫାଇନାଲ ରିପୋର୍ଟ କେସର ବିଚାର କରାଯାଇଥିଲା।

ସେହିପରି ବିଭିନ୍ନ ବ୍ୟାଙ୍କର ପ୍ରାକ୍ ବ୍ୟାଙ୍କ ଋଣଜନିତ ମୋକଦ୍ଦମା ବାବଦକୁ ୪୩ମାମଲାର ବିଚାର କରାଯାଇ ୬ ଲକ୍ଷ ୩୧ ହଜାର ୩୩୫ ଟଙ୍କା ଋଣ ଆଦାୟ କରାଯାଇଥିଲା। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତା ଉକ୍ତ ଲୋକ ଅଦାଲତରେ ଓକିଲ ସଂଘର ବରିଷ୍ଠ ଆଇନଜୀବି ସୌମ୍ୟ ରଞ୍ଜନ ମିଶ୍ର,ସୌରରଶ୍ମି ନନ୍ଦ,ସୁନ୍ଦର ବାବୁ ପାତ୍ର,ଅକ୍ଷୟ କୁମାର ପାତ୍ର,ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ଗୋଲକ ଚନ୍ଦ୍ର ପଟ୍ଟନାୟକ,ଦିନେଶ କୁମାର ଭୋଇ, ରଞ୍ଜିତ କୁମାର ଷଡଙ୍ଗୀ,ସଞ୍ଜୀବ କୁମାର ସ୍ୱାଇଁ,ଗୁରୁ ପ୍ରସାଦ ବଗର୍ତ୍ତି,ଭାରତ ମାଝୀ,ଅନିଲ କୁମାର ଓ କୃଷ୍ଣଚନ୍ଦ୍ର ନାଗ ପ୍ରମୁଖ ଆଇନଜୀବୀ, ଅଦାଲତର କର୍ମଚାରୀ ଉପସ୍ଥିତି ଥିଲେ।

### ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ

## 'ଆଉ ଏକ ନୂଆ ଜୀବନର ଆରମ୍ଭ ହିଁ ବଳକା ଆୟୁଷର ମୂଲ୍ୟବୋଧ'

**ଭବାନୀପାଟଣା,୧୩।୧୨(ସମିସ)**

ଭବାନୀପାଟଣା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଓଡିଶା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶରତ ନାୟକଙ୍କ ଅନୁପସ୍ଥିତିରେ ଉପ ପସଭାପତି ମନୋଜ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଧ୍ୟକ୍ଷ ଦୁର୍ଗା ଚରଣ ମିଶ୍ର ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୁଷ୍ପେନ୍ଦ୍ର ସିଂ ଦେଓ ଅଧ୍ୟକ୍ଷ ଜିଲ୍ଲା ପରିଷଦ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ତନ୍ମୟ କୁମାର ଦରୱାନ ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇଥିଲେ।

ବୟସର ଅପରାହ୍ନରେ ନୂତନ ସୂର୍ଯ୍ୟକୁ ଅପେକ୍ଷା ଭିତରେ ସମାଜ ପାଇଁ କିଛି କାର୍ଯ୍ୟ କରିବାର ପ୍ରତିବଦ୍ଧତା ଆଜି ଦିବସର ମହତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ମତ ପ୍ରକାଶ ପାଇଛି। ଈଶ୍ୱରୀୟ ଅଭିପ୍ସା ଅଭିଯାତ୍ରାରେ ସମସ୍ତେ




ସାମିଲ ହୋଇ ଆଉ ଏକ ନୂଆ ଜୀବନର ଆରମ୍ଭ ହିଁ ବଳକା ଆୟୁଷର ମୂଲ୍ୟବୋଧ। ଡ.ଅଜୟ ମିଶ୍ର,କାଳି ପଟ୍ଟନାୟକ ଶିକ୍ଷାବିତ୍,ମଧୁସୂଦନ ମହାପାତ୍ର,ସଂଘମିତ୍ରା କାନୁନ୍‌ଗୋ,କୁନୁ ନାଏକ, କପିଳେଶ୍ୱର ଖମାରୀ ରୂପ କିଶୋର ଦଳେଇ, ମହମ୍ମଦ ବୁରାନ, ପ୍ରଫୁଲ୍ଲ ପଟ୍ଟନାୟକ,ମଦନ ବରାଡ, ଟି.ରାମକୃଷ୍ଣ ରାଓ ମଞ୍ଚାସୀନ ଥିଲେ। ଅନୁପମା ମୁଦୁଲି ମନ୍ତ୍ରପାଠ କରିଥିଲେ। ସମ୍ପାଦକ ଶୁକ୍ଳୁ ରାଠୋର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସମ୍ପାଦକ ଡ.ରାଜେନ୍ଦ୍ର ସାହୁ ଓ ଇତି ମଧ୍ୟରେ ଇହଲୀଳା ସମ୍ବରଣ କରିଥିବା କର୍ମକର୍ତ୍ତା ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ସମ୍ମାନିତ ଅତିଥି ଏବଂ ମଞ୍ଚାସୀନ ଅତିଥି ଗଣ ସଂଘର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ସେବା'ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଜିଲ୍ଲାର ୧୩ ବ୍ଲକର ବିଶିଷ୍ଟ କ୍ରୀଡାବିତ୍, ସାହିତ୍ୟିକ, ଗୀତକାର, ଲେଖକ, କବି, ଶିକ୍ଷାବିତ୍‌ଙ୍କୁ ମାନପତ୍ର, ସ୍ମୃତି ପାଠକ ଦେଇ ସମ୍ମାନିତ କରାଯାଇଥିଲା।

ମୁଖ୍ୟଅତିଥି ଓ ଅତିଥିଗଣ ଶ୍ରୀ ଦୁର୍ଗା ମିଶ୍ରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେ ସଂଘ ଗୃହ ନିର୍ମାଣ ପାଇଁ ୫ ଡେସିମିଲ ଜାଗା ଦାନ ସ୍ୱରୂପ ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଆଗାମୀ ଦିନରେ ସଂଘ ଗୃହ ନିର୍ମାଣରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ସୁଧିର ରଥ ମଞ୍ଚ ପରିଚାଳନା କରିଥିଲେ। ମିନତୀ ପ୍ରଧାନ ଉଦ୍‌ଘୋଷଣ କରିଥିଲେ ସମସ୍ତ କାର୍ଯ୍ୟରେ ସମ୍ପାଦକ ସୁବାଷ ପଣ୍ଡା, ଅମିନ ଖାନା, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ବିଶ୍ୱ ମୁଣ୍ଡ, ବିଶି କେଶନ ନାଏକ, ଅଶୋକ ବାବୁ, ବିଚିତ୍ରାନନ୍ଦ ସ୍ୱାଇଁ, ଚନ୍ଦ୍ର ବାବୁ, ବିନୋଦ ମିଶ୍ର, ଲବକାନ୍ତ ରଣା, ସମୀର ମହାପାତ୍ର ଅପ୍ପା ରାଓ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ମହେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଚରଣ



ପଦ୍ମାଳୟା ସାମଲ



ରୋହନ ସ୍କୁଲରୁ ଫୋନ୍ ଆସିଲା ବିବେକବାବୁଙ୍କ ପାଖକୁ । ଯେମିତି ହେଲେ ଆଜି ଅପରାହ୍ଣ ପାଞ୍ଚଟା ସୁଦ୍ଧା ସ୍କୁଲରେ ପହଞ୍ଚି ପ୍ରିନ୍ସିପାଲଙ୍କୁ ଭେଟିବାକୁ କହିଲେ। ପିଲାଟା ପୁଣି ବଦମାସୀ କଲାକି କ'ଣ! ନହେଲେ ଗତ ସପ୍ତାହରେ ତ ତା'ର ପରୀକ୍ଷା ପରର ମିଟିଂ ହୋଇଥିଲା। ସୁନନ୍ଦା ଯାଇଥିଲା। ପୁଣି କାହିଁକି ଡକେଇ ପଠେଇଲେ ସ୍କୁଲବାଲା ତାଙ୍କୁ? ସ୍କୁଲ ଫି' ତ ତିନି ମାସ ପାଇଁ ଦେଇ ଦେଇଛନ୍ତି ସେ। ସାଙ୍ଗସାଥୀଙ୍କ ସହ ଗଣ୍ଡଗୋଳ କି ମାରପିଟ୍ କରିନି ତ ରୋହନ? ସ୍କୁଲରେ ପଡ଼ିଗଲା କି ଦେହ ଖରାପ ହେଲା କି ଆଉ? ଏମିତି ଅଫିସ୍‌ରେ ବସି ନାନା ଭାବନାରେ ଘାରି ହେଉଥିଲେ ବିବେକ।

ଅପରାହ୍ଣ ଚାରିଟା ବେଳକୁ ଅଫିସ୍‌ରୁ ଗାଡ଼ି ଷ୍ଟାର୍ଟ କଲେ ବିବେକ । ରୋହନର ସ୍କୁଲ ଅଭିମୁଖେ ସେ । ରୋହନ ଜନ୍ମବେଳେ ଅନେକ ସ୍ୱପ୍ନ ଦେଖିଥିଲେ ବାପା ହିସାବରେ । ପୁଅକୁ ପାଠ ପଢ଼େଇବେ, ଭଲ ସଂସ୍କାର ଶିଖେଇବେ । ହେଲେ ତା'ର ସ୍ୱଭାବ ଯାହା କୋଉଟା ବି ଠିକ୍ ଭାବରେ ହେଉନି। ପିଲାଟା ଏତେ ଦୁଷ୍ଟ ହେଉଛି ଯେ, ପାଖରେ ତ ବସୁ ନାହିଁ କିଛି ଶିଖେଇବା ତ ଦୂରର କଥା। ଘରର କୌଣସି ଜିନିଷ ଆଉ ଅଭଙ୍ଗା ନାହିଁ । ଅବଶ୍ୟ ଟିକେ ବଡ଼ ହେଲାରୁ ଆଉ ଭଙ୍ଗାରୁଜା କରୁନାହିଁ। ସ୍କୁଲ ଗଲା ପରେ ପ୍ରାୟ ଦିନ ସ୍କୁଲରୁ ଫୋନ୍‌ରେ ତା' ନାଁରେ ଅଭିଯୋଗ ଆସେ, ଆଜି ରୋହନ କାହାକୁ ପେଲି ଗୋଡ଼ ହାତ ଭାଙ୍ଗି ଦେଇଛି ନଚେତ୍ କାହାକୁ ମାରି ନାକ ଫଟେଇ ଦେଇଛି। ପିଟିଏମ୍‌କୁ ଗଲେ ପିଲାଙ୍କ ସମ୍ପର୍କରେ ଭଲ କଥା ଶୁଣିକି ଆସନ୍ତି ବାପା ମାଆ। ହେଲେ ରୋହନ ବାବଦରେ ସମସ୍ତଙ୍କ ସାମ୍ନାରେ କ୍ଲାସ୍ ଟିଚର୍‌ଙ୍କୁ କିଛି ପଚାରିବାକୁ ଖରାପ ଲାଗେ ବିବେକଙ୍କୁ। କାରଣ ପୂର୍ବରୁ ଅନେକ ଥର ନେଗେଟିଭ୍ ରିମାର୍କ ଶୁଣିବାକୁ ପଡ଼ିଛି ତାଙ୍କୁ। ତେଣୁ ସମସ୍ତେ ପଳେଇ ଯିବା ପରେ ଏକାନ୍ତରେ ଦି ପଦ କ୍ଲାସ୍ ଟିଚର୍‌ଙ୍କ ସହିତ କଥା ହେବେ ବୋଲି ଅପେକ୍ଷା କରନ୍ତି ସେ ଆଉ ସୁନନ୍ଦା।

"ଆଗକୁ ହଇରାଣ ହେବେ। ତାକୁ ଟିକିଏ ଜଗନ୍ତୁ ଏବେଠାରୁ", କୁହନ୍ତି କ୍ଲାସ୍ ଟିଚର୍। ପାଠ ତ ଯାହା ପଢୁଛି । ସାଙ୍ଗସାଥୀମାନଙ୍କ ସହିତ ସବୁବେଳେ ଝଗଡ଼ା ମାରପିଟ୍। ଏ ପରି କି ଟିଚର୍‌ଙ୍କ ସହିତ କେମିତି କଥା ହେବାକୁ ହୁଏ ଜାଣୁନି ରୋହନ। ପ୍ରିନ୍ସପାଲଙ୍କୁ ବି ଡର ଭୟ ନାହିଁ ତା'ର। ତାଙ୍କ ସାମ୍ନାରେ ବି ଅନ୍ୟ ପିଲାଙ୍କୁ ଭାଷା ଖରାପ କରି କହୁଛି । କ୍ଲାସ୍ ଟିଚର୍ ହିସାବରେ ମତେ ଶୁଣିବାକୁ ପଡୁଛି ତା' ପାଇଁ" କୁହନ୍ତି ସୋନାଲି ମିସ୍।

ଯେତେଥର ପିଟିଏମ୍ ଗଲେ ବି ରୋହନ ବାବଦରେ ଖରାପ ମନ୍ତବ୍ୟ ଶୁଣିବାକୁ ପଡ଼ିଲା ବିବେକଙ୍କୁ । ଆସିକି ଘରେ ପୁଅ ଉପରେ ବିରକ୍ତ ହୁଅନ୍ତି ସେ। ସେହି କଥାକୁ ନେଇ ସୁନନ୍ଦା ସହ ଝଗଡ଼ା ହୁଏ। ମୁହଁ ଫୁଲାଫୁଲି, କଥାବାର୍ତ୍ତା ବନ୍ଦ ହୁଏ ସପ୍ତାହେ ଯାଏଁ। ତେଣୁ ପ୍ରାୟ ପାଞ୍ଚ ମାସ ହେବ ବିବେକ ଆଉ ଯାଉ ନଥିଲେ ପିଟିଏମ୍‌କୁ। ସୁନନ୍ଦା ପାଇଁ ସ୍କୁଟି କିଣି ଦେବା ପରେ ଏକା ସେ ଯାଉଛନ୍ତି।

ମୋବାଇଲ୍‌ରେ ଖେଳିବା ଛଡ଼ା ଅନ୍ୟ କୋଉଥିରେ ଆଗ୍ରହ ନ ଥାଏ ରୋହନର। ଟିକିଏ ସମୟ ପାଇଲେ ମୋବାଇଲ୍ ଧରି ବସେ। ସେଥିରେ ଏମିତି ବୁଡ଼ିଯାଏ ଯେ କେହି ଡାକିଲେ ବି ଶୁଣିପାରେନି ସେ। କ'ଣ ସବୁ ଦେଖିକି ହସି ହସି ଗଡ଼ିଯାଏ । ମୁହଁ ଉଠାଏନି ମୋବାଇଲ୍‌ରୁ। ବିବେକ ଏସବୁ ଦେଖି ବିରକ୍ତ ହୁଅନ୍ତି । ବାବା ବିରକ୍ତ ହେବାର ଦେଖିଲେ ମୋବାଇଲ୍ ଥୋଇଦିଏ ରୋହନ। ପୁଣି କିଛି ସମୟ ପରେ ଯାହାକୁ ସେଇଆ।

ଆସନ୍ତା ସପ୍ତାହରେ ପରୀକ୍ଷା । ଷଷ୍ଠ ଶ୍ରେଣୀରେ ପଢୁଥିବା ରୋହନ ବହି ଧରୁ ନଥାଏ ଜମା। କେତେବେଳେ ସାଇକେଲ ଧରି କୁଆଡ଼େ ପଳାଏ ତ ଆଉ କେତେବେଳେ ମୋବାଇଲ୍ ଧରି ଗେମ୍ ଖେଳେ। ପୁଅକୁ ଦେଖି ବ୍ୟସ୍ତ ହୋଇପଡ଼ନ୍ତି ବିବେକ। ହେଲେ ସୁନନ୍ଦା କୁହନ୍ତି,"ଏ ବୟସରେ ବୁଝେଇ ଶୁଝେଇ କହିଲେ ଭଲ। ତା' ଉପରେ ଚିଡ଼ିଚିଡ଼ି ହେଲେ କିଛି ଲାଭ ନାହିଁ। ବଡ଼ ହେଲେ ଆପେ ବୁଝିଯିବ ସେ। ଆଜିକାଲି ଯୁଗରେ ମୋବାଇଲ୍ ଦେଖନା ବୋଲି ଆଉ କହିଲେ ହବ କି? କରୋନା ସମୟରୁ ଅନଲାଇନ୍ କ୍ଲାସ୍ ତ ସବୁ ପିଲାଙ୍କୁ ମୋବାଇଲ୍ ଧରିବା ଅଭ୍ୟାସରେ ପକାଇଦେଲା।" ତେଣୁ ପୁଅର ମୋବାଇଲ ଦେଖା ସପକ୍ଷରେ ସବୁବେଳେ ଯୁକ୍ତି ବାଢ଼ନ୍ତି ସୁନନ୍ଦା।

ଅନେକ ଭାବନା ଭିତରେ ରୋହନ ସ୍କୁଲର ପ୍ରିନ୍ସିପାଲ୍ ବସୁଥିବା କୋଠରି ଭିତରେ ଆସି ପହଞ୍ଚିଯାଇଥିଲେ ବିବେକ। ପ୍ରିନ୍ସିପାଲ୍ ରୋହିତ ଶେଖର କହିଲେ,"ବୁଝିଲେ ବିବେକବାବୁ ସବୁ ପିଲାଙ୍କର ପାଠ ହୁଏନି। ମୁଁ ବି ରୋହନର ପାଠପଢ଼ା ବାବଦରେ କହିବାକୁ ଡକେଇନି ଆପଣଙ୍କୁ। ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଆମ ସ୍କୁଲର ବାର୍ଷିକ ଉତ୍ସବରେ ରୋହନକୁ ଆମ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯିବ । ସେଦିନ ରୋହନକୁ ସମ୍ବର୍ଦ୍ଧିତ କରୁଥିବା ବ୍ୟକ୍ତି ଜଣକ ଆମ ସ୍କୁଲର ମୁଖ୍ୟ ଅତିଥି ଏବଂ ସେହି ବ୍ୟକ୍ତିଜଣଙ୍କୁ ନିଜର ଉପସ୍ଥିତ ବୁଦ୍ଧି ପାଇଁ ମରଣ ମୁହଁରୁ ବଞ୍ଚେଇ ଦେଇଛି ରୋହନ । ସେଥିପାଇଁ ଆମେ ସମସ୍ତେ ଆଜି ଗର୍ବିତ। ତାକୁ ପଚରା ଯିବାରୁ ସେ କ'ଣ କହିଲା ଜାଣନ୍ତି?" ସେ କହିଲା,"ମୋ ପୁରସ୍କାରର ଶ୍ରେୟ ମୋ ବାବାଙ୍କୁ ଦେବି। ସେ ଦିନେ ମତେ ସ୍କୁଲରୁ ଘରକୁ ନେବା ବାଟରେ ନିଜର ଗାଡ଼ି ଅଟକାଇ ଜଣେ ଅନ୍ଧଲୋକକୁ ରାସ୍ତା ପାର କରାଇ ତା'ର ଜୀବନ ରକ୍ଷା କରିଥିଲେ।" ସେଦିନର ସେହି ଘଟଣା ତା'ର କଅଁଳ ମନରେ ପ୍ରଭାବ ପକାଇଥିଲା।

ସେଦିନର ଘଟଣା ସମ୍ପର୍କରେ ସେ କ'ଣ କହିଲା ଶୁଣନ୍ତୁ - "ଦୁଇମାସ ତଳେ ଦିନେ ରୋହନ ସ୍କୁଲ ଆସିବା ରାସ୍ତାରେ ଦେଖିଲା ତା' ସାମ୍ନାରେ ଜଣେ ମୋଟର ସାଇକେଲ ଆରୋହୀଙ୍କୁ କାର୍‌ଟିଏ ଧକ୍କା ଦେଇ ଦ୍ରୁତ ବେଗରେ ପଳେଇଗଲା। ଟିକିଏ ଅଟକିଲା ନାହିଁ ଲୋକଟି ବଞ୍ଚିଲା ନା ମଲା ଦେଖିବାକୁ। ଛଟପଟ ହେଉଥାଏ ସେ ବ୍ୟକ୍ତିଜଣକ। ରୋହନ ଦେଖିଲା ଲୋକଟିର ମୁଣ୍ଡ ଫାଟି ରକ୍ତ ବାହାରୁଛି। ସେ ଚେତାଶୂନ୍ୟ ପ୍ରାୟ ହୋଇ ଯାଇଛି । ପାଖଦେଇ ଯାଉଥିବା ଲୋକେ କେହି ସାହାଯ୍ୟ ନ କରି ନିଜ ନିଜ ରାସ୍ତାରେ ଚାଲି ଯାଉଥାଆନ୍ତି । ସାଇକେଲରୁ ଓହ୍ଲେଇ ବ୍ୟାଗରୁ ପାଣି ବୋତଲ ବାହାର କରି ରୋହନ ତାଙ୍କ ମୁହଁରେ କିଛି ପାଣି ଛାଟିଦେଲା ଆଉ କେଇବୁନ୍ଦା ପାଣି ତାଙ୍କ ପାଟିରେ ଦେଲା। ତାଙ୍କ ଚେତା ଫେରିଆସିବାରୁ ରାସ୍ତାରେ ଯାଉଥିବା ଟେମ୍ପୋକୁ ଅଟକାଇ ତାଙ୍କୁ ଡାକ୍ତରଖାନା ନେଲା। ଡାକ୍ତରଙ୍କୁ ଅନୁରୋଧ କରିବାରୁ ସେ ଚିକିତ୍ସା ଆରମ୍ଭ କଲେ। ଯାହା ଫଳରେ ସେ ବଞ୍ଚିଗଲେ। ଠିକଣା ସମୟରେ ତାଙ୍କୁ ହସ୍ପିଟାଲରେ ପହଞ୍ଚାଇ ଥିବାରୁ ରୋହନକୁ ଡାକ୍ତର ସାବାସୀ ଦେଲେ ଏବଂ କହିଲେ ଆଉ କିଛି ସମୟ ବିଳମ୍ବ ହୋଇଥଲେ ହୁଏତ ସେ ବଞ୍ଚି ନଥାନ୍ତେ । ପରେ ଜଣାପଡ଼ିଲା ସେ ବ୍ୟକ୍ତି ଜଣକ କଟକର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ସମାଜସେବୀ। ରୋହନ ତାଙ୍କର ଜୀବନ ବଞ୍ଚେଇ ଥିବାରୁ ତାଙ୍କ ଅନୁଷ୍ଠାନ ତରଫରୁ ସେ ଆମ ସ୍କୁଲର ବାର୍ଷିକ ଉତ୍ସବରେ ତାକୁ ପୁରସ୍କୃତ କରିବେ । ଆସନ୍ତା ବାର୍ଷିକ ଉତ୍ସବରେ ରୋହନର ମାମାଙ୍କୁ ଧରି ଆପଣ ଆମ ସ୍କୁଲର ସେହି ବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆମ ଖୁସିରେ ସାମିଲ ହେବାକୁ ଅନୁରୋଧ।"

ସେତେବେଳକୁ ବିବେକବାବୁଙ୍କ ଆଖିରେ ଜକେଇ ଆସିଥିଲା ଖୁସିର ଲୁହ। ସେ ଅନୁଭବ କରୁଥିଲେ, ଉଚ୍ଚାରଣରେ ନୁହେଁ ବରଂ ଆଚରଣରେ ପିଲାମାନେ ଅଧିକ ପ୍ରଭାବିତ ହୁଅନ୍ତି। ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨

# ପୁସ୍ତକ ପରିଚୟ

## ଅମନ ମନ୍ଦିରେ ବାସ

କ୍ଷୀରୋଦ ପରିଡ଼ା



ପକ୍ଷୀଘର
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଓଡ଼ିଆ କାବ୍ୟ ସାହିତ୍ୟର ଯୁଗଜନ୍ମା କବି ଭୀମ ଭୋଇ। ଏହି ମହାନ୍ କବିଙ୍କ ଜୀବନକୁ ଆଧାର କରି ରଚିତ କ୍ଷୀରୋଦ ପରିଡ଼ାଙ୍କ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସ ପ୍ରକାଶ ପାଇଛି। ସନ୍ଥ କବି ଭୀମ ଭୋଇଙ୍କ ଜୀବନ ଜିଜ୍ଞାସାର ଅନୁପମ ପରିଚିତି ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି। ଏହି ଉପନ୍ୟାସର ନାୟକ ଖୁବ୍ ଶକ୍ତିମାନ। "ସେ ଗୁଣ ନୁହେଁ ନିର୍ଗୁଣର ନୀରାଜନା କରିବେ, ବେଦ ନୁହେଁ ନିର୍ବେଦର ସାଧନା କରିବେ। ଆଭିଜାତ୍ୟ ନୁହେଁ ସରଳ ଲୋକଭାଷାରେ କହିବେ, ସଂଖ୍ୟା ଗରିଷ୍ଠ ଲୋକମାନଙ୍କ ପାଇଁ। ସେ ହେବେ ଲୋକକବି।" (ପୃଷ୍ଠା: ୯୫) ଏହି ଉକ୍ତିରୁ ଉପନ୍ୟାସର ନାୟକଙ୍କ ଜୀବନ ଦର୍ଶନ ଓ ମହତ୍ ଚିନ୍ତାଧାରା ବେଶ୍ ସ୍ପଷ୍ଟ ଭାବେ ପ୍ରସ୍ଫୁଟିତ। ଭୀମ ଭୋଇଙ୍କ କାବ୍ୟିକ ଦୃଷ୍ଟିଭଙ୍ଗୀ, ଚିନ୍ତା, ଚେତନା, ବିଚାର, ବିବେକର ସ୍ୱର ପ୍ରକାଶ ପାଇଛି ଏହି ଚରିତ ଉପନ୍ୟାସରେ। ଉପନ୍ୟାସର ଚରିତ୍ର ଚିତ୍ରଣ, ଉପସ୍ଥାପନା ଶୈଳୀ, ଭାବ, ଭାଷା ପ୍ରୟୋଗ ଓ କାବ୍ୟିକ ପ୍ରତିବେଦନ ଅତି ଚମତ୍କାର ଭାବେ ଫୁଟି ଉଠିଛି। ସନ୍ଥକବି ଭୀମ ଭୋଇଙ୍କ ଜୀବନ ଚରିତ ଉପନ୍ୟାସରେ କବିଙ୍କ ରଚିତ କାବ୍ୟ, କବିତାର ପଦପଂକ୍ତିର ସଂଯୋଜନା ଏହାର କାବ୍ୟିକ ଆବେଦନକୁ ଅଧିକ ମର୍ମସ୍ପର୍ଶୀ କରିଛି। ଜୀବନ ଦର୍ଶନ ଓ ଜୀବନବୋଧ ଆଧାରରେ ରଚିତ ଏହି ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ମୋ ମାଆ ମୋ ପ୍ରେରଣା

ଅଚ୍ୟୁତ ସାମନ୍ତ




ବିଦ୍ୟାପୁରୀ
ବାଲୁବଜାର, କଟକ-୭୫୩୦୦୨
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ମା' ମମତାମୟୀ, ପ୍ରେରଣାଦାୟିନୀ, ଶକ୍ତିପ୍ରଦାୟିନୀ। ଜୀବନରେ ମା'ର ବିକଳ୍ପ ନାହିଁ। ଜଣେ ମା'ର ସଂଘର୍ଷମୟ ଜୀବନ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଅଚ୍ୟୁତ ସାମନ୍ତଙ୍କ 'ମୋ ମାଆ ମୋ ପ୍ରେରଣା' ପୁସ୍ତକରେ। ଲେଖକ ଶ୍ରୀଯୁକ୍ତ ସାମନ୍ତ ନିଜ ମା' ନୀଳିମାରାଣୀଙ୍କ ସଂଘର୍ଷମୟ ଜୀବନର କଥାକୁ ଅତି ନିରାଡ଼ମ୍ବର ଓ ସାବଲୀଳ ଭାଷାରେ ଲିପିବଦ୍ଧ କରିଛନ୍ତି ଏହି ପୁସ୍ତକରେ। ଜୀବନର ସବୁ ଝଡ଼ଝଞ୍ଜା, ନାନା ଅଭାବଅସୁବିଧା ସତ୍ତ୍ୱେ ପରିବାର, ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ନୀଳିମାରାଣୀଙ୍କ ମହନୀୟ ବ୍ୟକ୍ତିତ୍ୱର ଆଭା ଏହି ପୁସ୍ତକରେ ପ୍ରସ୍ଫୁଟିତ ହୋଇଉଠିଛି। 'କଲରାବାଙ୍କର ଶେଫାଳି', 'ଅନ୍ଧାରି ମୁଲକର କଥା', 'କପାଳ ଲିଖନ କେ କରିବ ଆନ', 'ଅନାଦି ଓ ନୀଳିମାରାଣୀ', 'ଅଳପ ଧନ ବିକଳ ମନ', 'ସଂଗ୍ରାମ ସରି ନାହିଁ', 'ଶେଷହୀନ ଆଶ୍ଚର୍ଯ୍ୟ', 'ମାନବୀୟ ଚେତନାର ଚିତ୍ରଖାତା' ଆଦି ପରିଚ୍ଛେଦଗୁଡ଼ିକରେ ତାଙ୍କ ଆଦର୍ଶ ବ୍ୟକ୍ତିତ୍ୱ, ଜୀବନର ମହନୀୟ ଆଭିମୁଖ୍ୟ, ପ୍ରତିଟି ସମସ୍ୟାକୁ ସାମ୍ନା କରିବାର ସତ୍ ସାହସକୁ ଲେଖକ ଅତି ହୃଦୟସ୍ପର୍ଶୀଭାବେ ବର୍ଣ୍ଣନା କରିଛନ୍ତି। ଜଣେ ମା'ର ସଂଘର୍ଷ, ତ୍ୟାଗ, ତିତିକ୍ଷା, କରୁଣ କାହାଣୀକୁ ପାଠକମାନେ ଅନୁଭବ କରିପାରିବେ ଏହି ପୁସ୍ତକରେ। 'ମୋ ମାଆ ମୋ ପ୍ରେରଣା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ପ୍ରତିବିମ୍ବ

ଚକ୍ରପାଣି ପରିଚ୍ଛା



ଅଚାନକ ସାମ୍ନାରେ ଆସି ଠିଆ
ପ୍ରତିବିମ୍ବ,
ନିଜର

ବୁଝିପାରେନା
ଆଇନା ଭିତରୁ ଉଠିଆସିଲା କେମିତି,
କେଉଁ ଅର୍ଗଳି ପାର୍ ହେଇ

କହେ
କେତେ ଆକର୍ଷଣୀୟ ତମ ଚେହେରା

ଆହା
କି ମଧୁର କଟାକ୍ଷ
ସ୍ନାୟୁର ଜଙ୍ଗଲରେ ନିଆଁ ଚରିଯାଏ

ଗୋଟେ ମଳିନ
ଗୋଟେ ଅପରିଚ୍ଛନ୍ନ ଚେହେରାର
ଅସଜଡ଼ା ମଣିଷ ପାଇଁ
କେତେ ଦରଦ

କହେ ବି
ଜାଣେ, ତମ ଚେହେରା ଭିତରର


ସବୁତକ ଗୁମର
ପାପପୁଣ୍ୟର ଖେଳ

ମୁଁ ଯେ ଗୋଟେ ମାତାଲ ପତଙ୍ଗ
ଝାସ ଦେଇପାରେ
ଡହଡହ ନିଆଁର ହ୍ରଦରେ,
ପାପର

ଜଳିବାକୁ ଭଲପାଏ ବୋଲି
ଜଳେ ବାରମ୍ବାର
ଏବଂ ଉଠିଆସେ ଫିନିକ୍ସ ପକ୍ଷୀ ପରି

ପ୍ରତିବିମ୍ବ
ଜୀବନର ସର୍ବଶ୍ରେଷ୍ଠ ବିସ୍ମୟ
ନିଜ ପାଇଁ... । ■

ମୋ: ୯୧୭୮୬୪୭୧୩୭



# ଶବ୍ଦସ୍ନାନ

ପ୍ରତିଭା ପରିଡ଼ା



ଏମିତି କ'ଣ
ଶବ୍ଦମୟ ହୋଇ ଯାଉଛ ଯେ !
ମୁଁ ଢୋକି ପାରୁନି ସେ ସବୁ...
କାହିଁ କେତେ ଜନ୍ମରୁ
ମୁଁ ଶବ୍ଦଟିଏ ଶୁଣିନି,
ଚାରିପାଖରେ ମୋର ସ୍ୱରମୟ ମାଟି...
ଅଥଚ କେଉଁ କାଳରୁ
ମୁଁ ନୀରବ ହୋଇ ଯାଇଛି...

ମୁଁ ସ୍ଥିରା ପୃଥ୍ୱୀଟେ,
ଏମିତି ମହିମମୟ ଆବେଗରେ
ସାରା ସଂସାରକୁ ଢାଙ୍କି ରଖିଛ ଯେ,
ତୁମ ଆପ୍ଳୁତ ଆଶିଷର ଧାରାରେ
ମୋ ଛାତିର ଶବ୍ଦ ସବୁ
ଜୁଡୁବୁଡୁ ହୋଇ ପଡୁଛି...
ମୁଁ ତ କେଉଁ କାଳରୁ
ପ୍ରାର୍ଥନାର ନୈବେଦ୍ୟ ପାଲଟି ସାରିଛି...

ମହୁଆ ଆକାଶରୁ
ଗୋଟି ଗୋଟି ତାରା ତୋଳି ଦେବା ଭଳି,
କେଉଁଠୁ ଏତେ ଶବ୍ଦର ସମ୍ଭାର ଆଣି
ଭରି ଦେଉଛ ମୋ ଆତ୍ମାରେ !
ଟଳମଟଳ ଦେହ ମୋର
ଅଜଣା ଏକ ମହାମନ୍ତ୍ରର ଭାରାରେ
ପୁଲକିତ ହୋଇ ପଡୁଛି
ଶବ୍ଦସବୁକୁ ଶୋଷି ନେବାର ତପସ୍ୟା କରୁଛି...
ଦେଖ !
ତୁମ ସାରା ବିଶ୍ୱାସର ବିଭୂତିକୁ,
ମୋ ଆୟୁଷର ବର୍ଣ୍ଣମାଳାରେ
ମୁଁ କେମିତି ସଜେଇ ଦେଉଛି... ■

ପାର୍କ ପାରାଡାଇଜ୍ କଲୋନୀ
ରଘୁନାଥପୁର, ନନ୍ଦନକାନନ ରୋଡ୍
କିଟ୍ ଛକ, ଭୁବନେଶ୍ୱର-୭୫୧୦୨୪
ମୋ: ୮୯୧୭୬୦୩୪୪୨

# ଓଡ଼ିଆ ଲୋକଗୀତରେ ପଲ୍ଲୀପ୍ରକୃତି



ଡ. ସଂଘମିତ୍ରା ମହାପାତ୍ର

ଯେଉଁ ସାହିତ୍ୟ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସୃଷ୍ଟି ହୋଇଛି, ତାହା ଲୋକସାହିତ୍ୟ ପଦବାଚ୍ୟ। ମନୁଷ୍ୟର ମୌଳିକ ଆବଶ୍ୟକତା ପରିପୂରଣ ହେଲାପରେ ଚିତ୍ତ ବିନୋଦନର ପ୍ରଥମ ମାଧ୍ୟମ ପାଲଟିଥିଲା ଲୋକସାହିତ୍ୟ। ଏହାକୁ ପଲ୍ଲୀ ସାହିତ୍ୟ, ଲଘୁ ସାହିତ୍ୟ, ଗାଉଁଲି ସାହିତ୍ୟ, ଲୋକବେଦ ଓ ମୌଖିକ ସାହିତ୍ୟ ମଧ୍ୟ କୁହାଯାଏ। ବିଶିଷ୍ଟ ସମାଲୋଚକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲୋକସାହିତ୍ୟ ସଂପର୍କରେ କୁହନ୍ତି- "ମୌଖିକ ସାହିତ୍ୟ ପଲ୍ଲୀ ଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା। ଯେକୌଣସି ଲୋକସମାଜର ଏହା ହିଁ ଆଦିମ ସଙ୍ଗୀତ, ତେଣୁ ଅଲିଖିତ, ନିତ୍ୟ ନୂତନ, ସହଜ, ସରଳ, ସନ୍ତ୍ରାନ୍ତ ଓ ସ୍ୱାଭାବିକ। ପଲ୍ଲୀଜୀବନର ହସକାନ୍ଦ, ସୁଖଦୁଃଖ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିବା ହେତୁ ଏହା ପ୍ରାଣସ୍ପର୍ଶୀ ଓ ଲୋକପ୍ରିୟ। ଏହା ଲୌକିକ ଭାଷା ଓ ଲୋକମାନସର ପ୍ରକୃଷ୍ଟ ବାର୍ତ୍ତା ବହନ କରିଥାଏ।"

ଲୋକସାହିତ୍ୟର ଏକ ହୃଦୟସ୍ପର୍ଶୀ ବିଭବ ହେଉଛି ଲୋକଗୀତ। ଲୋକଗୀତର ପରଂପରା ଖୁବ୍ ପ୍ରାଚୀନ। ଲୋକଗୀତର ସୁସଜ୍ଜିତ ମାଳରେ ହଳିଆଗୀତ, ଶଗଡ଼ିଆଗୀତ, ମଇଁଷିଆଳ ଗୀତ, ନାଉରିଆ ଗୀତ, ସୁଆରିଡାକଗୀତ, ଭାଲୁକୁଣୀ ଗୀତ, ଦୋଳି ଗୀତ, କାନ୍ଦଣା ଗୀତ, ପୁଚି ଖେଳ ଗୀତ, ଶିଶୁ ଗୀତ ଆଦି ଗୁନ୍ଥି ଦେଇଛି ଲୋକକବି। ଲୋକଗୀତର ବିବିଧ ବର୍ଣ୍ଣାଳୀ ଭିତରେ ସେ ଆଙ୍କିଛି ତା'ର ଆଖ ପାଖର ଚିତ୍ର ଚରିତ୍ର, ପଲ୍ଲୀ ପ୍ରକୃତି ଏବଂ ପରିବେଶ। ପୁରପଲ୍ଲୀର ମଣିଷ ପଲ୍ଲୀପ୍ରକୃତି ସହିତ ଘନିଷ୍ଠ ଭାବେ ଜଡ଼ିତ। ପ୍ରକୃତି ତା'ର ଜୀବନ ଓ ଜୀବିକା। ସେଇ ପ୍ରକୃତିର ଗଛଲତା, ନଦୀଝରଣା, ପାହାଡ଼ପର୍ବତ, ପଶୁପକ୍ଷୀ, ବିଲବଣ, ଋତୁ ବର୍ଣ୍ଣନା, ସକାଳସନ୍ଧ୍ୟା ପ୍ରଭୃତିକୁ ନେଇ ମନଲୋଭା ଗୀତ ଗାଇଛି, ପୁଣି ଏଇ ଗୀତ ତା'ର କର୍ମ କ୍ଳାନ୍ତକୁ ପାଶୋରି ଦେଇ ମନରେ ଆନନ୍ଦର ପ୍ଲାବନ ଭରି ଦେଇଛି।

ଲୋକଗୀତ ସମ୍ପର୍କରେ ଲୋକସାହିତ୍ୟର ସଂଗ୍ରାହକ ଚକ୍ରଧର ମହାପାତ୍ର କୁହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହିଆସିଛି, କେବେ ହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରି ନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତକୋଣରେ ସୃଷ୍ଟି ଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନମାନସର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି, ସେହିମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ।"

କୃଷି ହେଉଛି ଆମର ଜୀବନ ଜୀବିକା। କୃଷକଟିଏ ଖରା ବା ବର୍ଷା ସମୟରେ ନିଜ କ୍ଷେତରେ ଚାଷ କଲା ବେଳେ, ଶଗଡ଼ ବାହିଲା ବେଳେ କଠିନ ଶ୍ରମର ବେଦନା ଓ ନିଃସଙ୍ଗତାକୁ ପରିହାର କରି ସେ ଦୃଶ୍ୟମାନ ପଲ୍ଲୀପ୍ରକୃତିକୁ ତା'ର ସ୍ୱରରେ ବାନ୍ଧି ରଖି ଗାଉଥାଏ:-

"ଗୋଠକୁ ସୁନ୍ଦର ଗାଈ
ଗାଆଁକୁ ସୁନ୍ଦର ନଡ଼ିଆ ଗଛ ଛାଇ
ଝିଅକୁ ସୁନ୍ଦର ଜୋଇଁ
ତିରିଶ ସୁନ୍ଦର ପିତଳ ଖଡୁବାହୀ।"

ପୁନଶ୍ଚ ଯାତ୍ରୀମାନଙ୍କ ଯାତ୍ରା କାଳରେ ଶଗଡ଼ିଆ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଗାଇଛି:-

"ଏ...ଦୂରକୁ ସୁନ୍ଦର ତ ପରବତ ମାଳ
ଗାଆଁକୁ ସୁନ୍ଦର ତ ନଡ଼ିଆ ଗୁଆ ତାଳ।
ବନ୍ଧୁକୁ ସୁନ୍ଦର ତ ଦିଶଇ ଦୂର ହାଟ
ସିନ୍ଧୁକୁ ସୁନ୍ଦର ତ ଲହଡ଼ା ଭଙ୍ଗା ଘାଟ।
ସଭାକୁ ସୁନ୍ଦର ତ ପ୍ରଧାନ ସାନ ଭାଇ
ଗୋଠକୁ ସୁନ୍ଦର ତ ଦୁହାଁଳିଆ ଗାଈ।
ଘରକୁ ସୁନ୍ଦର ଯେବେ ଲୋ ଘରଣୀ
ନ ଯିବୁ ବାପଘର ଲୋ।"

(ଉତ୍କଳ ଗାଉଁଲି ଗୀତ, ପୃଷ୍ଠା-୪୨୫)

ଏହି ଗୀତରେ ଗାଁର ସୌନ୍ଦର୍ଯ୍ୟ, ବନ୍ଧୁ ଓ ପରିବାରର ସୁନ୍ଦରତା ପ୍ରାଧାନ୍ୟ ଲାଭ କରିଛି। ବିଲରେ ଚାଷ କଲାବେଳେ, ଧାନରୁଆ, ବଛା ଖେଳୁଆ, ଧାନକଟା ସମୟରେ ଚାଷୀଟିଏ ଉଦାତ୍ତ କଣ୍ଠରେ ଗାଇଥାଏ ମନମତାଣିଆ ଲୋକଗୀତ। ଏଇ ଗୀତଗୁଡ଼ିକରେ କୃଷକର ଅଭାବୀ ଦୁନିଆର ବ୍ୟଥା ବେଦନାଭରା କଥା ପ୍ରକାଶ ପାଇଥାଏ। କୃଷକଟିଏ ପାହାନ୍ତା ପ୍ରହରରୁ ଆସି ବିଲରେ ହାଡ଼ଭଙ୍ଗା ପରିଶ୍ରମ କରେ, ପେଟରେ ତା'ର ଦାନା ପଡ଼ି ନଥାଏ। ତେଣୁ ଶ୍ରମଜନିତ ବୁଭୁକ୍ଷୁରୁ ଆଶ୍ୱସ୍ତି ଅନୁଭବ ଲାଗି ସେ ଲୋକଗୀତର ଆଶ୍ରିତ ହୋଇପଡ଼ିଥାଏ।

ଓଡ଼ିଶାର ଗଣପର୍ବ ହେଉଛି 'ରଜ'। ରଜର ପୂର୍ବଦିନ ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି ଓ ଶେଷ ରଜ ଉତ୍ସବରେ ଓଡ଼ିଶାର ଘରେ ଘରେ ପିଠା ପଣା, ପାନ, ଦୋଳିଖେଳ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆବାଳବୃଦ୍ଧବନିତା ଏହି ଲୋକପର୍ବରେ ସାମିଲ ହୁଅନ୍ତି। ବିଶେଷ କରି ଝିଅବୋହୂମାନେ ଦୋଳି ଖେଳିବା ସମୟରେ ମହାଆନନ୍ଦରେ ରଜଦୋଳି ଗୀତ ଏକ ସ୍ୱରରେ ଗାଆନ୍ତି-

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଚି ରଜ
ଆସିଚି ରଜ ଲୋ ଘେନି ନୂଆ ସଜବାଜ।"

ସେହିପରି କୁମାର ପୂର୍ଣ୍ଣମୀ, ଖୁଦୁରୁକୁଣୀ ଓଷା, ରଜ ଓ ବିଭିନ୍ନ ପର୍ବପର୍ବାଣିରେ ତରୁଣୀମାନେ ପୁଚି ଖେଳ ଖେଳନ୍ତି। ଏହି ଖେଳ ଶରୀରକୁ ସୁସ୍ଥ ରଖିବା ସହ ମନରେ ପ୍ରଶାନ୍ତି ଆଣେ। ପୁଚି ଖେଳ ସାଧାରଣତଃ ଦୁଇପ୍ରକାରର, ଯଥା ଠିଆ ପୁଚି ଓ ବସା ପୁଚି। ପୁଚି ଖେଳିବା ସମୟରେ ଝିଅମାନେ ଗାଁ, ପରିବାର ପରିମଣ୍ଡଳର କଥାକୁ ଗୀତରେ ରୂପାୟିତ କରି ଗାଇଥାନ୍ତି।

କୁଆଁରୀ କନ୍ୟାମାନେ କୁମାର ପୂର୍ଣ୍ଣମୀ ଦିନ "କୁଆଁର ପୁନେଇଁ ଜହ୍ନ ଗୋ...ଫୁଲ ବଉଳ ବେଣୀ" ପରି ଲାଳିତ୍ୟପୂର୍ଣ୍ଣ ଗୀତ ଗାନ କରନ୍ତି। ସେହିପରି ପରିବାରର ଅଲିଅଳ କନ୍ୟାଟିଏ ବାହାଘରର ବିଦାୟ ଲଗ୍ନରେ ଶାଶୁଘରର ପରିବେଶ ଓ ଚଳନଣିକୁ ଠଉରେଇ ଭୋ' ଭୋ' ହୋଇ ଅନ୍ତରର ବେଦନାକୁ କାନ୍ଦଣା ଗୀତ ମାଧ୍ୟମରେ ପରିପ୍ରକାଶ କରେ। ସେ ମା, ବାପା, ଭାଇ, ଭାଉଜ, ଖୁଡ଼ୀ, ସାଙ୍ଗସାଥୀମାନଙ୍କୁ ଝୁରି ହୋଇ ବାହୁନି ବାହୁନି କାନ୍ଦିଥାଏ।

ମା', ଗୋସେଇଁ ମା' ଓ ଆଇ ମା' ଛୋଟି ପିଲାମାନଙ୍କୁ ଖୁଆଇବା, ଶୁଆଇବା, ଅଝଟ ଶିଶୁକୁ ବୁଝାଇବା ସମୟରେ ଶିଶୁ ଗୀତ ଗାନ କରି ଶୁଣାଇ ଥାଆନ୍ତି। ପ୍ରଭାତ ସମୟରେ ପ୍ରକୃତିର ଚିତ୍ର ବର୍ଣ୍ଣନା କରି ଲୋକକବି ଶିଶୁକୁ ଚିଆଁଇବା ବେଳେ ଗୀତ ଗାଇଛି :- "ପହିଲା ଶର୍ବରୀରେ ବଂଶୀଧାରୀ ଉଠ ଉଠ/ କାକ କୁକ୍‌କୁଟ କୋକିଳ ଧ୍ୱନି କଲେ କୋଳାହଳ/ ପୂର୍ବ ଦିଗେ/ ଉଦେ ଗଗନ ବିହାରୀରେ/ ପାହିଲା ରଜନୀରେ ରଘୁମଣି ଉଠ ଉଠ।" ସେହିପରି ପିଲାକୁ ବୁଝାଇବା ସମୟରେ ବୁଢ଼ୀ ମା' ଗାନ କରେ- "ବାଇ ଚଢ଼େଇରେ ବାଇ ଚଢ଼େଇ/ ତୋ ମା' ଯାଇଚି ଗାଈ ଚରେଇ।" ବାଇଚଢ଼େଇ ଏବଂ ଗାଈ ଚରାଇବା ଦୁଇଟି ଯାକ କଥା ତତ୍କାଳୀନ ଗ୍ରାମୀଣ ଜୀବନକୁ ବେଶ୍ ପ୍ରଭାବିତ କରୁଥିଲା।

ଶିଶୁ ବଡ଼ ହେଲା ପରେ ସାଙ୍ଗସାଥୀ ମେଳରେ ନିଜେ ଗୀତ ଗାଇ ଖୁସି ଅନୁଭବ କରିଥାଏ। ଆଉ ଆତ୍ମ ବିଭୋର ହୋଇ ଗାଇଉଠେ : - "ମେଘ ବରଷିଲା ଟୁପୁରୁ ଟୁପୁରୁ/ କେଶୁର ମାଇଲା ଗଜା।" ଦିନେ ଦିନେ ଝୁରୁଝୁରୁ ବର୍ଷା ହେଉଥାଏ, ପୁଣି ଖରା ବି ପଡ଼ିଥାଏ। ଋତୁଚକ୍ରରେ ପ୍ରକୃତିର ପରିବର୍ତ୍ତନକୁ ଅନୁଭବ କରି ଲୋକଗୀତ ସ୍ରଷ୍ଟା ଗାନ କରିଛି- "ଖରା ହେଉଛି ବର୍ଷା ହେଉଛି, ବିଲୁଆ ନନା ବାହା ହେଉଛି।"

ଲୋକଗୀତର ଲାଳିତ୍ୟ ଓ ସରଳ ବୋଧଗମ୍ୟତା ହିଁ ଲୋକପ୍ରିୟତାର ପ୍ରଧାନ କାରଣ। ଲୋକଗୀତ କେବେ କେବେ ନିରର୍ଥକ ହେଲେ ମଧ୍ୟ ଅନେକ ସମୟରେ ସାର୍ଥକ ଅର୍ଥ ବହନ କରି ଚମତ୍କାର ବାର୍ତ୍ତା ପ୍ରେରଣ କରିଛି। ଲୋକକବି ପ୍ରାକୃତିକ ସୌନ୍ଦର୍ଯ୍ୟରେ ମନ୍ତ୍ରମୁଗ୍ଧ ହୋଇ ଗୀତ ପରେ ଗୀତ ଗାଇଛି, ଏ ଗୀତ ଗାଇବାର ଶେଷ ନାହିଁ। ■

ଶ୍ରୀଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ: ୮୩୨୮୯୫୩୭୬୭

## ହାଇୱା-କାର୍ ଧକ୍କା; ୨ ଗୁରୁତର

ଢେଙ୍କାନାଳ,୧୩।୧୨(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଗ୍ରାମ ନିକଟରେ ହାଇୱା ଧକ୍କାରେ କାରରେ ଯାତ୍ରା କରୁଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ 'ସକାଳ'ର ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଇତିଶ୍ରୀ ପଟ୍ଟନାୟକ। ଦେବବ୍ରତଙ୍କ



ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଇତିଶ୍ରୀଙ୍କ ଗୋଡ଼ ଭାଙ୍ଗିଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କାରରେ ଥିବା ଦେବବ୍ରତଙ୍କ ଝିଅ ସୁରକ୍ଷିତ ଅଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ହାଇୱା ଜବତ କରି ତଦନ୍ତ ଆରମ୍ଭ କରିଛି। ଦେବବ୍ରତ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ସହ କାର୍ ଯୋଗେ ରାଉରକେଲାରୁ ଭୁବନେଶ୍ୱର ଯାଉଥିଲେ। ଗେଙ୍ଗୁଟିଆ ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ହାଇୱା ଓଆର୦୬-ପି୯ ୯୨୧ ତାଙ୍କ କାରକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

## ଗୟଳ ଆକ୍ରମଣରେ ଜଣେ ମୃତ

ନୀଳଗିରି, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ କଇମହୁଡି ଗ୍ରାମରେ ଗୟଳ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୋରୁ ହଜିଯାଇଥିବାରୁ ଶନିବାର ସକାଳେ ନୀଳଗିରି ବ୍ଲକ ଅଧୀନ କୁଲଡିହା ପାଦଦେଶକୁ ଲାଗି ରହିଥିବା କଇମହୁଡି ଗ୍ରାମର ମକରା ସରେନ (୫୫) ଓ ଦୁର୍ଗା କାର୍ଜି (୨୭) କଇମହୁଡି ବିଟ୍ ନିକଟ କାଶିଆଡାହିକୁ ଯାଇଥିଲେ। ସେଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଏହି ଦୁଇଜଣଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ମକରା ଗୁରୁତର ହୋଇଥିବା ବେଳେ ଦୁର୍ଗା ସାମାନ୍ୟ ଆହାତ ହୋଇଥିଲେ। ମକରା ସେଠାରୁ ଜୀବନ ବିକଳରେ ପଳାଇ ଆସି ଗାଁରେ ଖବର ଦେଇଥିଲା। ଗ୍ରାମବାସୀ ଓ ପରିବାରଲୋକେ ଗୁରୁତର ମକରାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଗାଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

## ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ବାଲେଶ୍ୱର, ୧୩।୧୨(ସମିସ): ଟାଉନ ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଗତ ବୁଧବାର ବିଦ୍ୟାଳୟର ଗଣିତ ଶିକ୍ଷକ ସେକ ରିହାନ ସମ୍ପୃକ୍ତ ଛାତ୍ରୀଙ୍କୁ ବିଦ୍ୟାଳୟ ଛାତ ଉପରକୁ ନେଇ ଅସଦାଚରଣ ଉଦ୍ୟମ କରିବା ବେଳେ ପୀଡ଼ିତାଜଣକ ଚିତ୍କାର କରିଥିଲେ। ଫଳରେ ଶିକ୍ଷକଜଣକ ସେଠାରୁ ପଳାଇ ଯାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଆଜି ପରିବାର ଓ ଗାଁ ଲୋକେ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ସେଠାରେ ପରିସ୍ଥିତି ଉତ୍ତେଜନାମୂଳକ ହେବା ଦେଖି ଶିକ୍ଷକଜଣକ ସ୍କୁଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଘଟଣାକୁ ନେଇ ଛାତ୍ରୀଙ୍କ ମା' ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ପ୍ରେମ ପ୍ରତାରଣା**

## ପ୍ରେମିକକୁ ଖୋଜିଖୋଜି ଭୁବନେଶ୍ୱରରୁ ମୟୂରଭଞ୍ଜ

ବାରିପଦା, ୧୩।୧୨(ସମିସ): ଫେସ୍‌ବୁକ୍‌ରୁ ଚିହ୍ନା ପରିଚୟ ଏବଂ କଥାବାର୍ତ୍ତାରୁ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ବିବାହ କରିବାକୁ ନିଷ୍ପତ୍ତି ନେଇ ଦୁହେଁ ଘରଛାଡ଼ି ଭୁବନେଶ୍ୱର ଚାଲି ଆସିଥିଲେ। ବିବାହ ପୂର୍ବରୁ କିଛି ଦିନ ଏକାଠି ରହି ପରସ୍ପରକୁ ଜାଣିବା ପାଇଁ ଲିଭ୍-ଇନ୍-ରିଲେସନସିପ୍‌ରେ ଥିଲେ। କିନ୍ତୁ, ଏଥିରେ ବାଧକ ସାଜିଲା ଘରଭଡ଼ା। ବିବାହ କରି ନଥିବାରୁ ସହରଟା ସାରା ଦୁହିଁଙ୍କୁ ଘରଭଡ଼ା ଦେବାକୁ କେହି ରାଜି ହେଲେନି। ତେଣୁ ଭୁବନେଶ୍ୱର ରେଳଷ୍ଟେସନ୍‌ରେ ୫ ମାସ କାଟିଦେଲେ। ଗୁଜୁରାଣ ମେଣ୍ଟାଇବା ପାଇଁ ଟ୍ରାଭେଲ



ଏଜେନ୍ସିରେ କାମ କଲେ। କିନ୍ତୁ ବିବାହ ପାଇଁ କଥା ଉଠାଇବାରୁ ପ୍ରେମିକାଠାରୁ ୧୫ ହଜାର ଟଙ୍କା ନେଇ ଏକୁଟିଆ ଛାଡ଼ି ଫେରାର୍ ହୋଇଗଲା ପ୍ରେମିକ। ସେପଟେ ପ୍ରେମିକକୁ ଖୋଜିଖୋଜି ଯୁବତୀଜଣଙ୍କ ସୋନପୁର ଓ ଏବେ ମୟୂରଭଞ୍ଜରେ ପହଞ୍ଚିଛନ୍ତି। ଏପରି ଏକ ଘଟଣା ଏଠାରେ ଚର୍ଚ୍ଚାରେ ବିଷୟ ହୋଇଛି। ଫେରାର୍ ପ୍ରେମିକ ହେଲା, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳର ସଣ୍ଟୁ ମାଲ। ଝାରପୋଖରିଆ ପୁଲିସ ପିଣ୍ଟୁ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କହିଛନ୍ତି। ଆଜି ପୁଲିସ ପ୍ରତାରକ ସଣ୍ଟୁର ଘରେ ଚଢ଼ଉ କରିଥିଲା। ସେହିପରି, ପ୍ରେମିକାର ଡାକ୍ତରୀମାଇନା ପରେ ତାକୁ ପୁଲିସ ବାରିପଦା ୱାନ ଷ୍ଟପ୍ ସେଣ୍ଟର୍‌ରେ ଛାଡ଼ିଥିଲ। ଆଜି ପୁଲିସ ତାଙ୍କୁ ବସ୍‌ରେ ନିଜ ଘର ସୋନପୁରକୁ ପଠାଇ ଦେଇଛି।

**ଶିମିଳିପାଳରେ ଶିକାରୀ ଗ୍ୟାଙ୍ଗ ଧରାପଡ଼ିବା ଘଟଣା**

## ଦୁଇ ଜଣକୁ ରିମାଣ୍ଡରେ ନେଲା ବନ ବିଭାଗ

ବାରିପଦା, ୧୩।୧୨(ସମିସ): ଶିମିଳିପାଳ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଜେନାବିଲ ରେଞ୍ଜରୁ ଧରାପଡ଼ିଥିବା ୫ଜଣିଆ ଶିକାରୀ ଗ୍ୟାଙ୍ଗର ଦୁଇଜଣ ସଦସ୍ୟଙ୍କୁ ବନ ବିଭାଗ ରିମାଣ୍ଡରେ ନେଇଛି। ଅଭିଯୁକ୍ତଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ଅଞ୍ଚଳର ଜଡ଼ିଦା ଗ୍ରାମର ଛଲେ ହୋ (୨୩) ଓ ଶୁକ୍ରା ହୋ(୩୨)। ଉଭୟଙ୍କୁ

### ପୁଣି ୨ଟି ଦେଶୀ ବନ୍ଧୁକ ଜବତ

ରିମାଣ୍ଡରେ ନେବାକୁ ବନ ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଆଜି ଅନୁମତି ଦେଇଛନ୍ତି। ପଚରାଉଚରା ବେଳେ ଛଲେ ହୋ'ର ସୂଚନା ଆଧାରରେ ପୁଲିସ ତା' ପାଖରୁ ଆଉ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ଶିକାରୀଗ୍ୟାଙ୍ଗ ଶିମିଳିପାଳ ଅଭୟାରଣ୍ୟକୁ ଶିକାର ନିମନ୍ତେ ପ୍ରବେଶ କରିଥିବା ବେଳେ ଏଆଇ କ୍ୟାମେରା ଓ ଟ୍ରାପ୍ କ୍ୟାମେରା ଜରିଆରେ ଧରାପଡ଼ିଥିଲେ। ଏହି ଗୁଇନ୍ଦା କ୍ୟାମେରାର ସୂଚନା ଓ ଗୁଇନ୍ଦା ତଥ୍ୟ ଆଧାରରେ



ଜଡ଼ିଦା ଗ୍ରାମସ୍ଥ ଘରୁ ୫ ଜଣ ଶିକାରୀଙ୍କୁ କିଛିଦିନ ପୂର୍ବେ ଗିରଫ କରାଯାଇଥିଲା। ତାଙ୍କ ପାଖରୁ ପୂର୍ବରୁ ଦେଶୀ ବନ୍ଧୁକ, ୭ଟି ଫାଶ, ୨ଟି ଟର୍ଚ୍ଚ, ୫୩୫ ଗ୍ରାମ ଶୁଖିଲା ବଣୁଆ ମାଂସ, ବାରୁଦ ଗୁଣ୍ଡ ତିଆରି ପାଇଁ ବ୍ୟବହୃତ ପଲିଥିନ ସିଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଗିରଫ ହୋଇଥିବା ଶିକାରୀ ହେଲେ ବିରସିଂ ହୋ (୩୩), ଚରଣ ହୋ (୪୩), ଛଲେ ହୋ (୨୩), ସାଗର ହୋ (୨୯) ଓ ସୁକ୍ରା ହୋ (୩୨)। ପଚରାଉଚରା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

**ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଭିଆଇପି ବଙ୍ଗଳାକୁ ନେଇ ଆପତ୍ତି ଉଠାଇଲା ବିଜେଡି**

## ରାଜ୍ୟ ରାଜକୋଷରୁ ହେବ ବିପୁଳ ଅର୍ଥ ବ୍ୟୟ

ଭୁବନେଶ୍ୱର,୧୩।୧୨(ସମିସ): ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରଠାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ଦିଲ୍ଲୀରେ ଆରାମଦାୟକ ଭିଆଇପି ବଙ୍ଗଳା ନେଇଛନ୍ତି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନିଆଯାଇଛି। ଏପରି କରି ରାଜ୍ୟ ବିଜେପି ଓଡ଼ିଶା ଶାସନର ଡୋରୀ ଦିଲ୍ଲୀରେ ରଖିବାକୁ ଚାହୁଁଛି ବୋଲି ବିଜେଡି ଅଭିଯୋଗ କହିଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ମୁଖପାତ୍ର ତ୍ରମ୍ବନାଥ ପଣ୍ଡା କହିଛନ୍ତି ଯେ ଦେଶର ସବୁଠୁ ଦକ୍ଷ କୁହାଯାଉଥିବା ଦିଲ୍ଲୀ ପୁଲିସ୍ ବଦଳରେ,



- ସୁରକ୍ଷାରେ ୧ ପ୍ଲାଟୁନ ଓଡ଼ିଶା ପୁଲିସ୍, ବୁଲେଟପ୍ରୁଫ୍ ଗାଡ଼ି
- ଦିଲ୍ଲୀରୁ ନିୟନ୍ତ୍ରିତ ହେବ ଓଡ଼ିଶା ରାଜ୍ୟ ଶାସନର ଡୋରୀ

ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସ୍‌ର ୧ ପ୍ଲାଟୁନ୍ ସଶସ୍ତ୍ର ଫୋର୍ସର ସୁରକ୍ଷା ବଳୟ ମଧ୍ୟରେ ରହିବେ। ଗୃହ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର ଦିଲ୍ଲୀର ଭିଆଇପି ଅଞ୍ଚଳ ଭାବେ ପରିଚିତ ତିନ୍ ମୂର୍ତ୍ତି ଲେନ୍‌ରେ ବଙ୍ଗଳା ନଂ-୨ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆବଣ୍ଟନ କରିଛନ୍ତି। ପ୍ରୋଟୋକଲ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ଦିଲ୍ଲୀ ପୁଲିସ୍ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୁଲିସ୍ ଉପରେ ଭରସା ନ କରି ରାଜ୍ୟ ତହବିଲ୍‌ରୁ ବିପୁଳ ଅର୍ଥ ବ୍ୟୟରେ ଓଡ଼ିଶା ପୁଲିସର ୧ ପ୍ଲାଟୁନ୍ ଫୋର୍ସ ନେବାର ଯଥାର୍ଥତା କ'ଣ ବୋଲି ବିଜେଡି ପ୍ରଶ୍ନ କରିଛି।

ଏହି ଅବସରରେ ଡଃ ମହାନ୍ତି କହିଛନ୍ତି, ରାଜ୍ୟବାସୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ଓଡ଼ିଶା ଭବନ, ଓଡ଼ିଶା ନିବାସ ଓ ଓଡ଼ିଶା ସଦନ ଅଛି। ଓଡ଼ିଶା ଭବନର ପୁନଃ ନିର୍ମାଣ ପାଇଁ ଏହାକୁ ଭାଙ୍ଗି ଦିଆଗଲା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ରହିବା ପାଇଁ ଏକ ତାରକା ହୋଟେଲରେ ସୁବ୍ୟବସ୍ଥା କରାଯାଇଛି। ନିଜକୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' କହୁଥିବା ମୋହନ ମାଝୀ ଏଥିରେ ସନ୍ତୁଷ୍ଟ ନ ହୋଇ ନିଜ ପାଇଁ ଭିଆଇପି ବଙ୍ଗଳା ନେଇ ଦିଲ୍ଲୀରେ ଓଡ଼ିଶା ଶାସନର ଡୋରୀ ରଖିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଏଭଳି ବନ୍ଦୋବସ୍ତ ଆଗରୁ କେବେ ଶୁଣାଯାଇ ନ ଥିଲା। ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହି ମଧ୍ୟ ଅତ୍ୟନ୍ତ ନିରାଡ଼ମ୍ବର ଜୀବନଯାପନ କରୁଥିବା ନବୀନ ପଟ୍ଟନାୟକ, ଦିଲ୍ଲୀରେ ରାଜ୍ୟ ତହବିଲ୍‌ରୁ ଅର୍ଥ ଖର୍ଚ୍ଚ କରି ବଙ୍ଗଳା ନେବା ପାଇଁ କେବେ ଚିନ୍ତା କରିନଥିଲେ। ଦେଢ଼ ବର୍ଷର ମୁଖ୍ୟମନ୍ତ୍ରୀ ହୋଇ ମୋହନ ମାଝୀଙ୍କୁ ଏଭଳି ଆବଶ୍ୟକତା କାହିଁକି ପଡ଼ିଲା? ଓଡ଼ିଶା ବିଜେପିରେ କ୍ଷମତା ବିବାଦର ଉଗ୍ର ରୂପ ସକାଶେ ମୁଖ୍ୟମନ୍ତ୍ରୀ ଅସୁରକ୍ଷିତ ଅନୁଭବ କରୁଛନ୍ତି କି ବୋଲି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା ପରେ ଲୋକେ ଆଶା କରିଥିଲେ, ରାଜ୍ୟ ପାଇଁ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ଦୁଇ ଗୁଣ ହେବ। କିନ୍ତୁ ପ୍ରତ୍ୟେକ ମାସରେ ଏକାଧିକ ବାର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କଲା ପରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ କମୁଛି। କେନ୍ଦ୍ର ଉପରେ ରାଜ୍ୟର ଥିବା ବକେୟା ଅର୍ଥ ମିଳିପାରୁ ନାହିଁ। ରାଜ୍ୟର ଋଣ ଭାର ଦେଢ଼ ବର୍ଷ ଭିତରେ ଅହେତୁକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ଦିଲ୍ଲୀରେ ଭିଆଇପି ବଙ୍ଗଳା ନେବା କ'ଣ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ପରିଚୟ କି? ଜନସାଧାରଣଙ୍କ ଅବଗତି ନିମନ୍ତେ ମୁଖ୍ୟମନ୍ତ୍ରୀ ଏ ବାବଦରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ୩୦ ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ, ୧୩।୧୨(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକସ୍ତରରେ ଆଜି ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩,୨୯,୧୯୫ଟି ମାମଲା ଫଇସଲା ହୋଇଛି ଓ ମୋଟ ୧୭୪କୋଟି ୭୩ଲକ୍ଷ ୭୫ହଜାର ୮୩୩ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ପ୍ରାକ୍ ମକଦ୍ଦମା ସ୍ତରୀୟ ୯୬୦୭ଟି ମାମଲା ଓ ବିଚାରାଧୀନ କୋର୍ଟ ମାମଲା ୨୧୧୮୭ଟି ଓ ୨,୯୮,୪୦୧ଟି ରାଜସ୍ୱ ମାମଲା; ଏହିପରି ମୋଟ ୩,୨୯,୧୯୫ଟି ମାମଲା ଫଇସଲା କରାଯାଇଛି।

ଫଇସଲା ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ୪୬୫ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୨୧୨୮ଟି, ଟଙ୍କା ଅସୁଲି ମାମଲା ୭୮୧ଟି ଓ ୯୭୪ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ରହିଛି। ସେହିପରି ୬୧୧ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨୫ଟି ବିଦ୍ୟୁତ, ଜଳ ବିଲ୍ ସଂପର୍କିତ, ୧୯ଟି ଶ୍ରମ ଓ ନିୟୋଜନ ସଂପର୍କିତ, ୨୯୮୪୦୧ଟି ରାଜସ୍ୱ ମାମଲା, ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୩,୪୦୪ଟି, ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୨୭ଟି, ୨୭୨୫ଟି ଅନ୍ୟାନ୍ୟ ଦେୱାନୀ ମାମଲା, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୪ଟି, ଡିଆରଟି ମାମଲା ୧୨ଟି, ଶିକ୍ଷା ଟ୍ରିବ୍ୟୁନାଲ ମାମଲା ୫ଟି ଓ ଶିଳ୍ପ ଟ୍ରିବ୍ୟୁନାଲ ମାମଲା ୭ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରୀଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବ୍ୟୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଲ୍ଟ ଲେକ୍‌ରେ ଭଙ୍ଗାରୁଜା...

କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣଳ କରିବା ଲାଗି ସେଠାରେ ଦଙ୍ଗା-ବିରୋଧୀ ସୁରକ୍ଷା ଯବାନଙ୍କୁ ମୁତୟନ କରିବାକୁ ପଡ଼ିଥିଲା।

ଏହି ଗଣ୍ଡଗୋଳିଆ ସ୍ଥିତି ଯୋଗୁଁ ସରକାର ଓ ପ୍ରଶାସନକୁ ସମାଲୋଚିତ ହେବାକୁ ପଡ଼ିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ପୁଲିସ୍ ଅଟକ ରଖିଛି ଓ ଦର୍ଶକଙ୍କ ସମସ୍ତ ଅର୍ଥ ଫେରସ୍ତ ଦିଆଯିବ ବୋଲି ଡିଜିପି ରାଜୀବ କୁମାର ଘୋଷଣା କରିଛନ୍ତି। ଆୟୋଜକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଘୋଷଣା କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ଏହାପରେ ମେସି ହାଇଦରାବାଦ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସମର୍ଥକ ଓ ଦର୍ଶକଙ୍କୁ ଆମୋଦିତ କରିଛନ୍ତି।

### ବର୍ଦ୍ଧିତ ଦରମା...

ଗୋଟିଏ ଲେଖାଏ କପି ପ୍ରେରଣ କରିଛନ୍ତି। ପୂର୍ବରୁ ମଧ୍ୟ ନବୀନଙ୍କର ଏଭଳି ଅନେକ ନିଷ୍ପତ୍ତି ରାଜ୍ୟବାସୀଙ୍କ ମନ ଜିଣିଛି। ୨୦୧୯ ଫନୀ ବାତ୍ୟା ବେଳେ ଓଡ଼ିଶା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖିନ ହୋଇଥିବା ବେଳେ ସେ ମୁଖ୍ୟମନ୍ତ୍ରୀ ଭାବେ ନିଜର ୬ ମାସର ଦରମା ଦାନ କରିବା ସହ ନିଜ ଦଳର ନେତା ଓ ଅନ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ଦାନ ପାଇଁ ପ୍ରେରଣା ଦେଇଥିଲେ। ୨୫ ବର୍ଷ ଧରି ନିରଙ୍କୁଶ କ୍ଷମତାରେ ଥାଇ ମଧ୍ୟ କୌଣସି ବିଳାସବ୍ୟସନ ତାଙ୍କୁ ସ୍ପର୍ଶ କରି ପାରି ନ ଥିଲା। ପୋଷାକପତ୍ର କହିଲେ ଧଳା କୁର୍ତ୍ତା ପାଇଜାମା, ହାୱାଇ କିମ୍ବା କୋହ୍ଲାପୁର ଚପଲରେ ନବୀନଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇ ଅଦ୍ୟାବଧି ଅପରିବର୍ତ୍ତିତ ରହିଛି। ରାଜନୀତିରେ ନୀତି ଓ ନୈତିକତାକୁ ସେ ସର୍ବାଗ୍ରେ ପ୍ରାଧାନ୍ୟ ଦେଇଛନ୍ତି।

### ଇଣ୍ଟରନେଟ୍ ସେବା...

(ରାଜସ୍ୱ), ବନଖଣ୍ଡ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଦିବାସୀ ସମାଜର ପ୍ରତିନିଧିଙ୍କ ସହ ଦୀର୍ଘ ଦିନରୁ ରହିଥିବା ଜମି ଓ ରାଜସ୍ୱ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇଛି। ସେହିପରି ମୃତ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। କ୍ଷୟକ୍ଷତିର ଭରଣା ପାଇଁ ଏକ ଆକଳନ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଏମ୍‌ଭି-୨୬ ଗ୍ରାମରେ ନଷ୍ଟ ହୋଇଥିବା ଘର, ଦୋକାନ ଗୃହ ଏବଂ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ପ୍ରାୟ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଛି। ସମସ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ ପୁନଃ ସ୍ଥାପିତ କରାଯାଇଛି। ପୀଡିତଙ୍କୁ ଦିନକୁ ଦୁଇ ଥର ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। କମ୍ବଳ, ବିଛଣା, ଟାରପଲିନ, ଶାଢ଼ୀ, ଲୁଙ୍ଗି, ଗାମୁଛା, ମଗ୍, ଜାରକିନ୍, ପୋଷାକ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଠିକ୍ କରି ଦିଆଯାଇଛି। ସ୍କୁଲ୍ ପିଲାଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ନିମନ୍ତେ ଟେକ୍ ହୋମ୍ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ପିଲାଙ୍କ ପାଇଁ ୟୁନିଫର୍ମ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପଟରେ ଏହି ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍‌ପି ଶ୍ରୀ ପାଟିଲ ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଗ୍ରାମରେ ବିଗତ ଦିନରେ ହୋଇଥିବା ପୋଡାଜଳା ଘଟଣାରେ ୬ ଜଣଙ୍କୁ ପୁଲିସ ଗିରଫ କରିଥିବା ସୂଚାଇଛନ୍ତି।

### ଆଜିଠୁ କମିବ...

ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ କମ୍ ରହିଛି। ଆସନ୍ତା ୧୪ ତାରିଖ ଯାଏଁ ଏହି ସ୍ଥିତି ଜାରି ରହିବା ସହ ପ୍ରବଳ ଶୀତ ଅନୁଭୂତ ହେବ। ଶୀତ ଲହରୀକୁ ନେଇ ଆସନ୍ତା ୨୪ ଘଣ୍ଟାରେ ଅର୍ଥାତ ରିବିବାର ପାଇଁ ଅନୁଗୁଳ ଓ ଝାରସୁଗୁଡ଼ାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଥିବା ବେଳେ ଏହାର ପ୍ରଭାବ ଆହୁରି ୪୮ ଘଣ୍ଟା ରହିବା ନେଇ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡିରେ ଘନ କୁହୁଡ଼ିର ଦୃଶ୍ୟମାନ ହେବାର ଆଶଙ୍କା ରହିଛି। ତେଣୁ ଏହି ସବୁ ଜିଲ୍ଲାଗୁଡ଼ିକରେ କୁହୁଡ଼ି ଜନିତ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

### ଜିଲ୍ଲାପାଳଙ୍କ ଗୋଡ଼ ତଳେ...

ଧାନ ବସ୍ତା ପକାଇ ମୁଣ୍ଡିଆ ମାରି ସମସ୍ତ ଧାନ ତୁରନ୍ତ କିଣିବାକୁ ଅନୁରୋଧ କରିଥିଲେ।

ଗତ ଖରିଫ ଋତୁରେ ପଦ୍ମପୁର ଆର୍‌ଏମ୍‌ସିଠାରୁ ୩୦ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ୯୨ଟି ଧାନ କ୍ରୟ କେନ୍ଦ୍ର ଖୋଲା ଯାଇଛି। ହେଲେ ସେଥିରୁ ୪୨ଟି ସେଣ୍ଟରରେ ଧାନ କିଣା ଆରମ୍ଭ ହୋଇନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ପ୍ୟାକେଟ୍ ଧାନ ପଡ଼ି ରହିଛି। ମାତ୍ର ୪୦ ହଜାର ପ୍ୟାକେଟ ଧାନ କିଣା ହୋଇଛି। ସେହିପରି, ପାଖାପାଖି ୭୦% ଚାଷୀଙ୍କ ଟୋକନ ଏଯାଏଁ ଆସିନାହିଁ। ଅନେକ ଚାଷୀଙ୍କ ଟୋକନ୍ ଜମି ତୁଳନାରେ ବହୁତ କମ ଆସିଛି। କିଛି ଟୋକନରେ ଜାନୁଆରୀ ମାସରେ ଧାନ ବିକ୍ରି କରିବାର ଧାର୍ଯ୍ୟ ତାରିଖ ଅଛି। ଅଣ-ଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ଅଛି। ହେଲେ ବଳକା ଧାନ କ'ଣ କରାଯିବ, ସେ ସଂପର୍କରେ ସରକାର ଏଯାଏଁ କିଛି ନିଷ୍ପତ୍ତି ନେଇ ନାହାନ୍ତି। ଏହି ସବୁ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଥିବା ବେଳେ ଚାଷୀର ଦୁଃଖ ବଢ଼ି ଚାଲିଛି। ବର୍ଷଯାକର ପରିଶ୍ରମ ଆଖି ଆଗରେ ଖରା-ତରାରେ ନଷ୍ଟ ହେଉଥିବା ଦେଖି ଚାଷୀର କୋହ ସମ୍ଭାଳ ପଡୁନି। ତେବେ ତୁରନ୍ତ ଧାନ କିଣାନଗଲେ, ଆସନ୍ତା ସୋମବାର ବଡ଼ଧରଣର ଆନ୍ଦୋଳନ କରିବା ସହ ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।


**AFFIDAVIT**

By virtue of an affidavit no-257 before the Executive magistrate, Jatni on dt 26/11/25 , I Birendra Maharana, At- Timeipur, Po-Garhsanaput, Ps-Kanas, Dist-Puri, Pin-752060, I have changed my minor daughter's name from Senahanjali Maharana to Snehanjali Maharana. Henceforth she will be known as **Snehanjali Maharana** for all purposes.

Birendra Maharana

**AFFIDAVIT**

I, Chhatiani Raut M/o Kishor Chandra Rout, Resident of At- Govindapur, Po-Gadadhar Prasad, Ps-Itamati, Dist- Nayagarh, Odisha, Pin-752068, declare by this affidavit No.15AA 192677 dtd 29.10.2025 that now onwards I shall be known as **CHHATIANI ROUT** for all future purposes.

**AFFIDAVIT**

I, Kishor Chandra Raut S/o Chhatiani Rout, Resident of At-Govindapur, Po-Gadadhar Prasad, Ps-Itamati, Dist- Nayagarh, Odisha, Pin- 752068, declare by this affidavit No.15AA 192677 dtd 29.10.2025 that now onwards I shall be known as **KISHOR CHANDRA ROUT** for all future purposes.

**AFFIDAVIT**

I, Sekh Hado Alli, S/o-Sekh Hado, At-Mirzapur, Po- Balaramgadi, Ps-Marine, Dist-Balasore, Odisha declare by this Affidavit No-10714 dtd. 10.10.2025 that now onwards I Shall be known as **SEKH ABAAS ALI** For all future purposes.

**AFFIDAVIT**

I, Sanjay Jain, aged about 51 years, S/o-Mohan Lal Jain, resident of At- Hudco Colony, Madhuban, PS-Baripada, Town, Dist-Mayurbhanj, Odisha declared by this affidavit No. 2506, dtd-13/12/2025 that now onwards I shall be known as **SANJAY KUMAR JAIN** for all future purposes.

**AFFIDAVIT**

I, Samta Jain, aged about 47 years, W/o-Sanjay Kumar Jain, resident of At-Madhuban, Ward No. 9, PS- Baripada, Town, Dist- Mayurbhanj, Odisha declared by this affidavit No. 2507, dtd-13/12/2025 that now onwards I shall be known as **SAMATA JAIN** for all future purposes.

**PUBLIC NOTICE**

This Notice is hereby given that my client Mrs. Archana Agarwal, D/O Imantaram Agrawalla has lost Original ROR bearing Khata No-2414/3800 & 2414/5965 in favour of Ramotar Agarwal and ROR bearing Khata No-2414/5964 in favour of Pawan Kumar Agarwal, Mouza-Bargarh, Tahsil-Bargarh, Dist-Bargarh, State-Odisha and a FIR (Complaint No-2486701 0072500050) for the same has beed lodged at Sahidnagar Police Station on 12-12-2025. All person/ persons are hereby informed to put their claims or interest of objection about the said above referred documents and/or about the said property or any part thereof, within a period of 15days along with the sufficient evidence from appearance of this notice. If RORs are not found within 15 days, then the certified copy of the document obtained from the registry office will be considered as the original document.

**Samir Kumar Paikaray**
**(Advocate) Bhubaneswar Court**
**Ph: 7008005419**

**AFFIDAVIT**

I, N. Pratyusha, aged about 31 years, D/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN-752050, Odisha declared by this affidavit No. 289, dtd- 09/12/2025 that now onwards I shall be known as **NANGIRA PRATYUSHA** for all future purposes.

**AFFIDAVIT**

I, N.Sarada, aged about 54 years, W/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN-752050, Odisha declared by this affidavit No. 290, dtd- 09/12/2025 that now onwards I shall be known as **NANGIRA SARADA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Baripada, vide No. 81 dated 02/09/2025, henceforth I shall be known as Caran Patnaik for all purpose instead of Caran A Patnaik.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747, 9853801459
Email: mdscnbbsr@gmail.com

- **B. Pharm** — *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
- **D. Pharm** — *Rs. 48,000/- P.A.* Eligibility: +2 Sc. (PCB/M)
- **B.M.L.T.** — *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
- **D.M.L.T.** — *Rs. 48,000/- P.A.* Eligibility: +2 Sc. Pass (PCB/M)
- **M.P.H.** — *Rs. 42,000/- P.A.* Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit before the Notary Public, Titilagarh, on dated: 11/12/2025. I, **Samarath Nag** (applicant name), S/o- Anakar Nag, permanent resident of AT-Pipilibandha, PO- Siker, PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **July Nag** (old name) to **Jolly Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jolly Nag** (new name) for all future purposes.

**Samarath Nag**

**AFFIDAVIT**

By virtue of an affidavit (CF No. 02, dtd- 12/12/2025) sworn before the Executive Magistrate, Padampur. I, **Kaushalya Bhoi,** W/o-Bhojaraj Budek, permanent resident of AT- Buromunda, PO- Gaisilat, Dist- Bargarh, PIN- 768037, Odisha declare that I have changed my name from **Kaushalya Budek to Kaushalya Bhoi.** Henceforth, I shall be known as **Kaushalya Bhoi** (new name) for all purposes.

**Kaushalya Bhoi**

**OFFICE OF THE PRINCIPAL / SECRETARY**

**GOPINATHPUR SANSKRIT COLLEGE**

**GOPINATHPUR SHASAN, JADUPUR, MARSHAGHAI, KENDRAPARA-754213**
E-Mail: gopinathpursanskritcollege@gmail.com
MOB: 9938848073 / 9938884525

**ADVERTISEMENT**

Online applications through the HIMS Portal are invited from the willing retired persons, whose maximum age is 69 years as on **31.10.2025** for the guest faculty Contractual post of Lect. in Vyakarana, Darshan & Clerk, each one post, through the college mail directly. **Remuneration: Contractual payment fixed by HE Dept., Govt. of Odisha.**

**Sd/- Principal**

**AFFIDAVIT**

By virtue of an affidavit (CF No. 06, dtd- 12/12/2025) sworn before the Executive Magistrate, Padampur. I, **Jharana Bhoi,** W/o- Seklal Bhoi, permanent & current resident of AT- Kandadangar, PO- Bijadhol, Dist- Bargarh, PIN- 768042, Odisha declare that I have changed my minor daughter's name from **Jyosna Bhoi to Jyotshna Bhoi.** Henceforth, she shall be known as **Jyotshna Bhoi** (new name) for all purposes.

**Jharana Bhoi**

**AFFIDAVIT**

By virtue of an affidavit sworn before The Executive Magistrate, Sambalpur on dated- 10/12/2025. I, **Kunal Panigrahi,** S/o- Muralidhar Panigrahi, resident of AT: Madhupur, PO: Tileimal, PS: Laikera, Dist: Jharsuguda, Odisha, PIN- 768221 declare that I have changed my name from **Likun Panigrahi to Kunal Panigrahi.** Henceforth, I shall be known as **Kunal Panigrahi** (new name), S/o Muralidhar Panigrahi for all purposes.

**Kunal Panigrahi**

# ୨୦ରୁ ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ

**ଭବାନୀପାଟଣା,୧୩।୧୨(ସମିସ):** ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ରଜତ ଜୟନ୍ତୀ ସମାରୋହ ଆସନ୍ତା ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ପାଳିତ ହେବ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ସରିଆଁସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏନେଇ ପ୍ରସ୍ତୁତି ଜୋରଦାର ହୋଇଥିବା ପୁରାତନ ଶିକ୍ଷାର୍ଥୀ ସଂସଦର ସଭାପତି ଓମପ୍ରକାଶ ଛତ୍ରିଆ ସୂଚନା ଦେଇଛନ୍ତି। ପ୍ରଥମ ଦିବସରେ ମଶାଲ ଯାତ୍ରା, ଉଦ୍‌ଘାଟନୀ ସମାରୋହ, ଗୁରୁପୂଜନ, ବନ୍ଧୁମିଳନ, ସାନ୍ଧ୍ୟ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ନାଟକ ପରିବେଷିତ ହେବ। ସେହିପରି ଦ୍ୱିତୀୟ ଦିବସରେ ସମ୍ବର୍ଦ୍ଧନା ପର୍ବ, ଆଲୋଚନାଚକ୍ର, ଉଦ୍‌ଯାପନୀ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତିନାଟ୍ୟ ଓ ସମ୍ବଲପୁରୀ ମେଲୋଡ଼ି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହେବା ସହ ସ୍ମରଣିକା ଉନ୍ମୋଚନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପୁରାତନ ଶିକ୍ଷାର୍ଥୀ ସଂସଦର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏହି ସମାରୋହରେ ସମସ୍ତେ ଉପସ୍ଥିତ ରହିବାକୁ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ରଘୁନାଥ ଦୀପ, ମନୋଜ ପଟ୍ଟନାୟକଙ୍କ ସମେତ ସଂସଦର କାର୍ଯ୍ୟକର୍ତ୍ତାମାନେ ବିଶେଷ ଅନୁରୋଧ କରିଛନ୍ତି।

# ବୁଟୁପାଲିରେ ଘର ଜଳିଗଲା

**ବୌଦ୍ଧ,୧୩।୧୨(ସମିସ):** ବୌଦ୍ଧ ସହର ବୁଟୁପାଲି ୧୨ ନଂ ୱାର୍ଡରେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଶନିବାର ଦିନ ଗୋଟାଏ ସମୟରେ ବୁଟୁପାଲିର ରବୀନ୍ଦ୍ର ମେହେରଙ୍କ ଘରେ ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଘରର ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଛି। ଖବର ପାଇ ବୌଦ୍ଧ ସଦର ରାଜସ୍ୱ ନିରୀକ୍ଷକ ଅନୀଲ ପ୍ରଧାନ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

# ବୈଧମାପ ଓଜନ ବିଭାଗର ଚଢ଼ଉ

**ନୂଆପଡା,୧୩।୧୨(ସମିସ):** ନୂଆପଡା ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବୈଧ ମାପ ଓଜନ ବିଭାଗ ଦ୍ୱାରା ପ୍ରବର୍ତ୍ତନ କାର୍ଯ୍ୟ ,ଏନଫୋର୍ସମେଣ୍ଟ କରାଯାଇଛି।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ସୁର୍ମି ସୋରେନ,କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଦିଲ୍ଲୀପ କୁମାର ପାତ୍ର, ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ନୂଆପଡା ଆଇନଗତ ମାପ ନିରୀକ୍ଷକ କ୍ଷିତିଶ ରଞ୍ଜନ ଦାଶ ଏବଂ ପୃଥ୍ୱିରାଜ ହାଁସଦା,ଉପନିୟନ୍ତ୍ରକ ଆଇନଗତ ମାପ ବିଜ୍ଞାନଙ୍କ ଦ୍ୱାରା ଏହା ଲାଗୁ କରାଯାଇଛି। ତେଜରାତି



ଦୋକାନ, କୁକୁଡ଼ା ମାଂସ ଦୋକାନ, ହାର୍ଡୱେର ଷ୍ଟୋର ଇତ୍ୟାଦି ୧୨ ଟି ବିଭିନ୍ନ ଦୋକାନ ଯାଞ୍ଚ କରାଯାଇଛି। ଏହାକୁ ନେଇ ୩ ଟି ଭିନ୍ନ ଭିନ୍ନ ମାମଲା ରୁଜୁ କରାଯାଇ ୭୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢାଉରେ ଯୋଙ୍କ ପୁଲିସ ସହଯୋଗ କରିଥିଲ। ଆଗାମୀ ଦିନରେ ମଧ୍ୟ ଏହି ଏନଫୋର୍ସମେଣ୍ଟ ଜାରି ରହିବ ବୋଲି ବିଭାଗୀୟ ଅଧିକାରୀ ଜଣାଇଛନ୍ତି।

# ଗଙ୍ଗାସାଗର ବିଦ୍ୟାଳୟରେ ଶିକ୍ଷାସଭା



**ପାଟଣାଗଡ଼,୧୩।୧୨(ସମିସ):** ଗଙ୍ଗସାଗର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆସ ସ୍କୁଲ ଯିବା ଅଭିଯାନଅଧୀନ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ ସାହୁଙ୍କ ପରିଚାଳନା ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବରେ ଗଙ୍ଗସାଗର ସରପଞ୍ଚ ଇନ୍ଦ୍ରମଣି ହରିପାଲ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅଭିଯାନ ମାଧ୍ୟମରେ ୫ରୁ ୧୮ ବର୍ଷ ବୟସର ଯେଉଁମାନେ ଅଧାରୁ ପାଠ ଛାଡ଼ିଛନ୍ତି କିମ୍ବା କେବେ ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି ସେମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟକୁ ଫେରାଇ ଆଣିବା ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ରଖା ଯାଇଛି ବୋଲି ଉପସ୍ଥିତ ଅତିଥିଗଣ ବକ୍ତବ୍ୟ ରଖିଥିଲେ। ଏହି ଶିକ୍ଷା ସଭାରେ ରବୀନ୍ଦ୍ରନାଥ ତ୍ରିପାଠୀ, ଅରୁଣ ତ୍ରିପାଠୀ, କୁନି ପଟ୍ଟନାୟକ, ଯଶସ୍ୱିନି ପଣ୍ଡା, ମଞ୍ଜୁ ପାଣିଗ୍ରାହୀ, ଜୟଶ୍ରୀ ପାଢ଼ୀ, ଶ୍ୟାମଳୀ ଦାସ, ନନ୍ଦିନୀ ସୁନା, ରଶ୍ମିତା ନାଗ, ସଂଯୁକ୍ତା ସାହୁ, ସତ୍ୟବ୍ରତ ବେହେରା, ବିଁଟୁ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡି ଜଗୁଆଳି ବୃଦ୍ଧଙ୍କ ମୃତ୍ୟୁ

**ଭବାନୀପାଟଣା,୧୩।୧୨(ସମିସ):** ଭବାନୀପାଟଣା ସଦର ବ୍ଲକ୍ ମେଦିନିପୁର ମଣ୍ଡିରେ କାର୍ଯ୍ୟ କରୁଥିବା ଜଣେ ବୃଦ୍ଧ ଜଗୁଆଳିଙ୍କ ଶୁକ୍ରବାର ଦିନ ଆକସ୍ମିକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ନାମ ବନ ଶବର (୭୫)ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ,ବୃଦ୍ଧ ବନ ବୁଧବାର ରାତିରେ ମଣ୍ଡିକୁ ଜଗିବା ପାଇଁ ଯାଇଥିଲେ। ଘରୁ ବାହାରିବା ବେଳେ ଭଲ ଥିଲେ। ତାପର ଦିନ ଅର୍ଥାତ ଗୁରୁବାର ସକାଳୁ ମଣ୍ଡିରେ ଝାଡୁ ମାରୁଥିବା ସମୟରେ ସାମାନ୍ୟ ଅସୁସ୍ଥ ଅନୁଭବ ହୋଇଥିଲା। ତୁରନ୍ତ ସ୍ଥାନୀୟ ଜଣେ ଲୋକ ତାଙ୍କ ପରିବାରକୁ ବନଙ୍କ ଅବସ୍ଥା ଦେଖି ଖବର ଦେଇଥିଲେ।ଏହାପରେ ତାଙ୍କ ନାତି ଯାଇ ସେଠାକୁ ଦେଖିଲା ବେଳକୁ ବନଙ୍କ ଚେତା ନ ଥିବା ବେଳେ ଓ ପାଟିରୁ ଫେଣ ବାହାରୁଥିଲା। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା।ତେବେ ପକ୍ଷଘାତ ଯୋଗୁଁ ତାଙ୍କର ଏପରି ଅବସ୍ଥା ହୋଇଥିବା ପରିବାରଲୋକଙ୍କୁ ଡାକ୍ତର କହିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ,ଗତ କିଛି ଦିନ ହେଲା କଳାହାଣ୍ଡି ଜିଲ୍ଲାରେ ହାଡ଼ଭଙ୍ଗା ଶୀତକାକର ପଡିବା ଜାରି ରହିଥିବାରୁ ଏହାର ପ୍ରଭାବରେ ବୃଦ୍ଧ ବନଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।ଏନେଇ ସ୍ଥାନୀୟ ପ୍ୟାକ୍ସ ସମ୍ପାଦକ ସମୀର ରାଜୁଙ୍କୁ ପଚାରିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଦେଖି ଡାକ୍ତରଖାନା ନେଇଥିଲୁ ବୋଲି କହିଥିଲେ। ତେବେ ବୃଦ୍ଧଙ୍କୁ ରାତି ସମୟରେ କାହିଁକି ଜଗିବା ପାଇଁ କୁହାଯାଇଥିବା ସମ୍ପର୍କରେ ପଚାରିବାରୁ ସଠିକ ଉତ୍ତର କାହାଠାରୁ ମିଳିନଥିଲା।



## ନଟରାଜ କଳା ପରିଷଦ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ଛୁଇଁଲା 'ଜମିଦାର' ଓ 'ତ୍ରିଶଙ୍କୁ'

**ବଲାଙ୍ଗିର,୧୩।୧୨(ସମିସ):** ନଟରାଜ କଳା ପରିଷଦ ବଲାଙ୍ଗିର ନାଟକ ମହୋତ୍ସ ତ୍ରିନିଟି ୩/୨ ୨୦୨୫ର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମର ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା ଯୋଗ ଦେଇଥିବା ବେଳେ ବଲାଙ୍ଗିର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଶିଷ୍ଟ ସମାଜସେବୀ ଡ.ଶ୍ରୀକର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ।ନଟରାଜ କଳା ପରିଷଦର ଅନ୍ୟତମ ନିର୍ଦ୍ଦେଶକ ରାମ ପ୍ରସାଦ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନଟରାଜ କଳା ପରିଷଦର ପୂର୍ବତନ ବରିଷ୍ଠ ସଦସ୍ୟ ସ୍ୱର୍ଗତ ଜ୍ୟୋତି ରଂଜନ ପାଣିଗ୍ରାହୀଙ୍କ ସ୍ମୃତିରେ ମିସ୍ ନୁରଙ୍କୁ ଯୁବ କଳାକାର ନଟରାଜ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରାଧ୍ୟାପକ ଶମ୍ଭୁ ପ୍ରସାଦ ଦାଶ। ପରେ ଦୁଇଟି ନାଟକ ପ୍ରଦର୍ଶିତ ହୋଇଥିଲା। ମଣିଷ ପେଟର ଭୋକ ଯେ ମେଣ୍ଟାଉଛି ସେ ହିଁ ମହାନ ଆଶା ଓ ଆକାଂକ୍ଷା ମଣିଷର ସହଜାତ ପ୍ରକୃତିଗତ ଓ ଅନ୍ନଦାତା .ଷୀ ବି ସେଥିରୁ ବିମୁକ୍ତ ହୋଇନାହିଁ। ଜିବନର ସଂଘର୍ଷ ସମାଜିକ ଅର୍ଥନୈତିକ .ପରେ .ଷିଟି ବାଛି ନିଏ ଏକ ଭୟଙ୍କର ବାଟ। ଏହା ଉପରେ ପ୍ରଦର୍ଶିତ ହୋଇଥିଲା ନାଟକ 'ଜମିଦାର'।ଆଲେଖ୍ୟ ନକୁଳ ବାଦୀ ଓ ନିର୍ଦ୍ଦେଶକ ପ୍ରହଲ୍ଲାଦ ଦର୍ଜି। ପ୍ରଥମ ନାଟକର କଳାକାର ସଂଜିବ। ସମାଜରେ ଏମିତି କିଛି ମଣିଷ ଅଛନ୍ତି ଯେଉଁମାନେ ସାଧନା ପଥରେ ଆଦର୍ଶକୁ ହିଁ ପାଥେୟ କରିଥାନ୍ତି। ସମାଜ ସେମାନଙ୍କୁ ବାମଚକ୍ଷୁରେ ସରବ୍ୟ କରି ଅବମର୍ଯ୍ୟାଦା ଭିତରକୁ ଠେଲି ଦିଏ। ସେମାନେ କିନ୍ତୁ ସମସ୍ତ ବାଧା ବିଘ୍ନକୁ ଅତିକ୍ରମ କରି ତ୍ରିଶଙ୍କୁ ହୋଇଯାନ୍ତି। ମାତ୍ର ଲକ୍ଷ୍ୟ ପଥରେ ବିଚ୍ୟୁତ ହୁଅନ୍ତି ନାହିଁ।ଏହା ଉପରେ ପର୍ଯ୍ୟାବେକ୍ଷିତ ତଥ୍ୟକୁ ଆଧାର କରି ପ୍ରଦର୍ଶିତ ହୋଇଥିବା ଦ୍ୱିତୀୟ ନାଟକ 'ତ୍ରିଶଙ୍କୁ'। ଉଗ୍ରସେନ ଷଡଙ୍ଗୀଙ୍କ ରୂପାନ୍ତରଣ ଓ ସତ୍ୟବ୍ରତ ଆ.ର୍ଯ୍ୟଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ଏହି ନାଟକରେ ଅଭିନୟ କରିଥିଲେ କୁମୁଦ, ପ୍ରଶାନ୍ତ, ଦେବବ୍ରତ, ଶୈଳିନ, ମାନସ ଓ ଆନନ୍ଦ।ଏହି ଦୁଇ ନାଟକରେ ସଂଗୀତ ଦେଇଥିଲେ ଦିଲିପ କୁମାର ସିଂଦେଓ ଓ ଜୟ ପ୍ରକାଶ ପୁଝାରି।ବଲାଙ୍ଗିର ସହରର ଅନେକ ନାଟ୍ୟପ୍ରେମୀ, କଳାକାର, ବୁଦ୍ଧିଜୀବୀ ଓ ଜନସାଧାରଣ ଉପଭୋଗ କରିଥିôଲେ।

# କଲମପୁର ଅଞ୍ଚଳର ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଭା

**କଲମପୁର,୧୩।୧୨(ସମିସ):** ଆଦୌ ନାମ ଲେଖାଇନଥିବା, ଅଧାରୁ ପାଠ ଛାଡ଼ିଦେଇଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ କଲମପୁର ବ୍ଲକ୍‌ର ପ୍ରତ୍ୟେକ କ୍ଲଷ୍ଟରରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରଛାତ୍ରୀ,ଶିକ୍ଷକ, ଶିକ୍ଷୟିତ୍ରୀ , ଅଭିଭାବକ, ଅଭିଭାବକ, ଉକ୍ତ ଅଞ୍ଚଳର ଜନ ପ୍ରତିନିଧି, ଶିକ୍ଷାବିତ ତଥା ବୃଦ୍ଧିଜୀବିଙ୍କୁ ନେଇ ଶିକ୍ଷା ସଚେତନ ପଦଯାତ୍ରା କରାଯାଇଥିଲା। ପରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିକ୍ଷା ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ଶିକ୍ଷା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାରୁ ପାଠ ଛାଡ଼ିଦେଇଥିବା ଓ ଆଦୌ ନାମ ଲେଖାଇନଥିବା ଶିଶୁମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତେ ସହମତି ପ୍ରକାଶ କରିଥିଲେ। ଶିକ୍ଷା ସଭା ଗୁଡ଼ିକ ବରଗାଁ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଙ୍କାପଲା, କଲମପୁର କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଗପଡା,ମୀନଗୁର କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧନପୁର, ମଣ୍ଡଳ କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ ମଣ୍ଡଳ,ବିଜମରା କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟ ବିଜମରା ଓ ତୁରାଗାଁ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରୁଆଗୁଡା ଠାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ଅତିଥିମାନେ ଅଭିଭାଷଣରେ ଏହାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି

କଲମପୁର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ମଣ୍ଡଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସଭା ଅନୁଷ୍ଠିତ ହୋଇ ଯାଇଛି। ମଣ୍ଡଳ କ୍ଲଷ୍ଟର ଅନ୍ତର୍ଗତ ୨୪ଟି ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ, ଅଭିଭାବକ ଅଭିଭାବିକା, ଶିକ୍ଷାବିତମାନେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କଲମପୁର ବ୍ଲକ୍ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସରପଞ୍ଚ ତ୍ରିୟମ୍ବକ ଭୋଇ ଉପସ୍ଥିତ ଥିଲେ।

# ୨୫୯୯ ଛାତ୍ରଛାତ୍ରୀ ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ

**ତରଭା,୧୩।୧୨(ସମିସ):** ୨୦୨୬ ଶିକ୍ଷାବର୍ଷ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ସୁବର୍ଣ୍ଣପୁର ଜିଲ୍ଲାର ୨୫୯୯ ଜଣ ଛାତ୍ରଛାତ୍ରୀ ଶନିବାର ପରୀକ୍ଷା ଦେଇଛନ୍ତି। ପିଏମ ଶ୍ରୀ ନବୋଦୟ ବିଦ୍ୟାଳୟ ତରଭାର ଅଧ୍ୟକ୍ଷ ନିଶିକାନ୍ତ ସାମକଁୱରଙ୍କ ତତ୍ତ୍ୱାବଧାନରେ ସୁବର୍ଣ୍ଣପୁର ଏଡିଓ ଘନଶ୍ୟାମ ମେହେର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। ପରୀକ୍ଷା ପାଇଁ ଜିଲ୍ଲାର ତରଭା, ସୋନପୁର, ଡୁଙ୍ଗୁରିପାଲି, ବିନିକା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ୧୩ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଥିଲା। ତରଭା ନବୋଦୟ ଷଷ୍ଠ ଶ୍ରେଣୀର ୮୦ ସିଟ୍ ପାଇଁ ପ୍ରବେଶିକା ପରୀକ୍ଷାରେ ମୋଟ ୨୭୨୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ୨୫୯୯ ଜଣ ପରୀକ୍ଷା ଦେଇଛନ୍ତି ୧୨୯ ଜଣ ଅନୁପସ୍ଥିତ ରହିଥିଲେ। ତରଭା ବ୍ଲକ୍‌ରେ ୪୩୯ ଜଣଙ୍କ ଆବେଦନ କରିଥିବାବେଳେ ୪୦୮ ଜଣ ପରୀକ୍ଷା ଦେଇଛନ୍ତି। ସୋନପୁର ବ୍ଲକ୍‌ରେ ୪୭୧ ରୁ ୪୪୫, ଡୁଙ୍ଗୁରିପାଲି ବ୍ଲକରେ ୫୮୯ ରୁ ୫୭୩, ବିନିକା ବ୍ଲକରେ ୪୨୬ ରୁ ୪୦୭, ବିରାମହାରାଜପୁର ବ୍ଲକରେ ୩୫୯ ରୁ ୩୫୨ ଓ ଉଲୁଣ୍ଡା ବ୍ଲକରେ ୪୪୪ ରୁ ୪୧୪ ଜଣ ପରୀକ୍ଷା ଦେଇଛନ୍ତି। ତରଭା ନବୋଦୟ ବିଦ୍ୟାଳୟର ଶିକ୍ଷକ ରାକେଶ କୁମାର ଭୋଇ, ରାକେଶ କୁମାର ଦାଶ, ପ୍ରଦୀପ କୁମାର ପଟେଲ, ମନମୋହନ ପଟେଲ, ଶାଶ୍ୱତ କୁମାର ସାହୁ, ବିକାଶ



ସାହୁ, ସିଦ୍ଧେଶ୍ୱର କର୍ଣ୍ଣ, ମନୋଜ କୁମାର ମେହେର, ମୁକେଶ ମାହାଣା, ଧରମବୀର ସିଂ, ପ୍ରବୀର ମଲ୍ଲିକ, ସ୍ୱପ୍ନା ଗୁପ୍ତା ମଲିକ, ଫୈଜଲ ପରଭେଜ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିବା ନବୋଦୟ ଅଧ୍ୟକ୍ଷ ଶ୍ରୀ ସାମକଁୱରଙ୍କ ଠାରୁ ପ୍ରକାଶ।

# ଯୁବରାଜ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋକସରା,୧୩।୧୨(ସମିସ):** କୋକସରା ବ୍ଲକ୍ ବଙ୍ଗୋମୁଣ୍ଡା ଖେଳପଡିଆରେ ମାଁ ଠାକୁରାଣୀ ସ୍ପୋର୍ଟ କ୍ଲବ୍ ବଙ୍ଗୋମୁଣ୍ଡା ଆନୁକୂଲ୍ୟରେ ଯୁବରାଜ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍ କୋକସରା ଓ ତରାପୁର କର୍ଲାକୋଟ ମଧ୍ୟରେ ହୋଇଥିଲା। ଏଥିରେ ଟ୍ରାଇବେକରେ କୋକସରା ଦଳ ବିଜୟୀ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗମ୍ଭାରୀଗୁଡା ସରପଞ୍ଚ ଇଶରାମ ସୁନାନୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ ନାଗ, ଝଜନେଶ୍ୱର ନାଏକ, ଦୁର୍ଯ୍ୟୋଧନ ପୁଝାରୀ, ଗୌତମ ପୁଝାରୀ, ଗଜିନ ନାୟକ,ଦେବରାଜ ଦଳପତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ତାପସ ଦାସ, ସଞ୍ଜୀବ ଦୁର୍ଗା ଓ ଭୂପେନ୍ଦ୍ର ଗୋପାଳ ଖେଳ ପରିଚାଳନା କରିଥିଲେ। ଅଖିଳ ପଟେଲ, ସାହିଜ ଖାନ, ଗୌତମ ପୁଝାରୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବ୍‌ର ଲୁଲୁ ଖାନ, ଈଶ୍ୱର ମାଝୀ,ମୁରଲୀ ପୁଝାରୀ, ଦିନେଶ ପୁଝାରୀ,ତୁଲସୀରାମ ପୁଝାରୀ ପ୍ରମୁଖ ସହଯୋଗ କରିଥିଲେ।

# କେଏନକିଡ୍ସ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ନୂଆପଡା,୧୩।୧୨(ସମିସ):** ସ୍ଥାନୀୟ ନୂଆପଡାସ୍ଥିତ କେଏନକିଡ୍ସ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ରାଜ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ କ୍ଷୀରୋଦ ନିବାସ ପଣ୍ଡା, ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଧିର କୁମାର ବିକ୍ଷୀତ, ରାଧେଶ୍ୟାମ ସା,ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟରେ ଶିଶୁମାନଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ବର୍ତମାନ ପିଲାଙ୍କ ଭିତରେ ବିଜ୍ଞାନ ଶିକ୍ଷା ଏବଂ ନୂଆ ନୂଆ ଧରଣର ପ୍ରକଳ୍ପ ପ୍ରସ୍ତୁତି ପାଇଁ ଆଗ୍ରହ ବଢୁଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମରୁ ସପ୍ତମ ଶ୍ରେଣୀଯାଏଁ ଦୁଇ ଶହରୁ ଉର୍ଦ୍ଧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରିଚାଳନାରେ ବିଦ୍ୟାଳୟ ତରଫରୁ ପରିଚାଳନା ସମିତି ତରଫରୁ ପ୍ରମୋଦିନି ପଣ୍ଡା, ରମେଶ ଖମାରୀ, ନିବେଦିତା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର କାର୍ଯ୍ୟକ୍ରମ

**ନୂଆପଡା,୧୩।୧୨(ସମିସ):** ନୂଆପଡା ଜିଲ୍ଲା ସଦର ମହକୁମା ନୀଳାଦ୍ରି ବିହାରରେ ଭାରତସରକାର, ଓଡିଶା ସରକାରଙ୍କ ଡିପାର୍ଟମେଣ୍ଟ ଅଫ ଫାଇନାନ୍ସ ସର୍ଭିସ ତରଫରୁ ଆରବିଆଇ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହଯୋଗରେ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ କ୍ଷେତ୍ରରେ ଦାବି କରାଯାଇ ନଥିବା ସମ୍ପତ୍ତିର ଦକ୍ଷ ଓ ଶୀଘ୍ରବିନିଯୋଗକୁ ସହଜ ଓ ସରଳ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ଦାଶ, ଜିଲ୍ଲାପାଳ ନୂଆପଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଅର୍ଥ ବିଭାଗ,ବିଭିନ୍ନ ବ୍ୟାଙ୍କ ଅଧିକାରୀ,ଗ୍ରାହକ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଓ ଆରବିଆଇ ଗାଇଡ଼ ଲାଇନ ଅନୁସାରେ ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ବ୍ୟାଙ୍କ ଆକାଉଣ୍ଟକୁ ଚାଲୁ ରଖିବା ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି। ଏହି ସବୁ ବ୍ୟାଙ୍କ ଖାତା ପୁଣି ଥରେ ଆରମ୍ଭ ହେଲେ ହିତାଧୀକାରୀ ପଡି ରହିଥିବା ଟଙ୍କା ଫେରସ୍ତ ପାଇବେ। ସେହି ଆକାଉଣ୍ଟରେ ଜମା ଓ ଟଙ୍କା ଉଠାଣ କରି ପାରିବେ। କାର୍ଯ୍ୟକ୍ରମ ଜରିଆରେ ନୂଆପଡା ଜିଲ୍ଲାର ୧୬କୋଟି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ।ଆରବିଆଇର ଡେଫ୍ଟ ଆକାଉଣ୍ଟରେ ଜମା ହୋଇ ପଡିରହିବ। ତେଣୁ କରି ସମସ୍ତେ ନିଜ ନିଜର ପୁରୁଣା ଆକାଉଣ୍ଟକୁ ପୁଣି ଥରେ ଚାଲୁ କରି ନିଜର ଜମା ରାଶି ପ୍ରାପ୍ତ କରିବା ପାଇଁ ଅନୁରୋଧ କରାଯାଇଛି।

# ଆନ୍ତଃରାଜ୍ୟ ସିଙ୍ଗଝରେ ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସିନାପାଲି,୧୩।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝର ବୁଢ଼ାରଜା ଖେଳ ପଡିଆରେ ଚାଲିଥିବା କ୍ରିକେଟ ମହାକୁମ୍ଭ ଉଦଘାଟିତ ହୋଇଯାଇଛି। ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ବୁଢ଼ାରଜା ଦେବୀ ପୀଠରୁ ଶୋଭାଯାତ୍ରା ବାହାରି କ୍ରିକେଟ୍ ପଡ଼ିଆରେ ପହଞ୍ଚିଥିଲା।ସମାରୋହରେ ଅଞ୍ଚଳର ଅନେକ ସାଂସ୍କୃତିକ ଦଳ ଭାଗ ନେଇ ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ସହ ଖେଳ ମହାକୁମ୍ଭର ଅୟରମ୍ଭ କରାଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡିଶା କ୍ରିକେଟ ଆସୋସିଏସନ୍‌ର ଉପସଭାପତି ସରୋଜ କୁମାର ସାହୁ, ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ କହଁଲ ସିଂବାଗ, ସମିତି ସଭ୍ୟ କୌଶଲ୍ୟା ପ୍ରଧାନ, ଶତ୍ରୁଘ୍ନ ପ୍ରଧାନ, ଲଛମନ ବୈଠାରୁ, ଅର୍ଜୁନ କଶ୍ୟପ, ସୁବାଷ ଅଗ୍ରୱାଲ, ବ୍ରଜ ମୋହନ ଧକଡ,ଚୁଡ଼ାମଣି ମାଝି, ଧରଣୀ ଧର ମାଝି, ରମେଶ ଅଗ୍ରୱାଲା, ସମେତ ଅନେକ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ। ଆଜିର ପ୍ରଥମ୍ ଦିବସରେ ସିନାପାଲି ସହିତ ନୂଆପଡ଼ାର ମୁକାବିଲା ହୋଇଥିଲା। ଏଥିରେ ପ୍ରଥମେ ସିନାପାଲି ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ ପାଇଁ ନୂଆପଡ଼ାକୁ ଆମନ୍ତ୍ରଣ କରିଥିଲା।୧୬ ଓଭର ବିଶିଷ୍ଟ ମ୍ୟାଚ୍‌ରେ ନୂଆପଡ଼ା ଏକାଦଶ ୮ ୱିକେଟ ବିନୀମୟ ରେ ୧୭୨ ରନ ସଂଗ୍ରହ କରି ଥିବା ବେଳେ ସିନାପାଲି ଏକାଦଶ ୧୫.୩ ବଲରେ ୬ ୱିକେଟ ହରାଇ ବିଜୟ ଲାଭ କରିଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ରାଜେଶ ପଟେଲ ବିବେଚିତ ହୋଇ ଥିବା ବେଳେ ଅମ୍ପାୟର ଭାବରେ ଗଗନ ନାଏକ ଓ ପୟୋଜ କାଶ୍ୟପ ରହିଥିଲେ। ସ୍କୋରର ଭାବରେ ପ୍ରଦୀପ ନାୟକ, ଶାନ୍ତନୁ ବୈଠାରୁ, ଆକାଶ ବୈଠାରୁ ,ପ୍ରକାଶ ମାଝି ରହିଥିଲେ ଉଦଘୋଷକ୍ ଭାବରେ ପ୍ରକାଶ ପାତ୍ର, ବିଯୁ ସେଠୀ, ଧନଞ୍ଜୟ ମଲ୍ଲିକ ରହିଥିଲେ।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**କୋକସରା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ସମତି ର ଅଧ୍ୟକ୍ଷା ଲିପ୍ସା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୧ଟି ଫୌଜଦାରୀ ମାମଲାର ଫଇସଲା କରାଯାଇଛି। ଲୋକ ଅଦାଲତରେ ରାଷ୍ଟ୍ରୀୟ ବ୍ୟାଙ୍କ କର୍ମଚାରୀ ମଧ୍ୟ ଅଂଶଗ୍ରହ କରିଥିଲେ। ବ୍ୟାଙ୍କ ଋଣ ଖିଲାଫ ମାମଲାର ଫଇସଲା କରାଯାଇ ୧୧ ଲକ୍ଷ ୫୦ ହଜାର ଟଙ୍କା ଆଦାୟକରାଯାଇଛି। କୋର୍ଟ କର୍ମଚାରୀ ମୋହନ ହରିଜନ, ଦିପକ ଟେଟେ, କେଶବ ଚନ୍ଦ୍ର ରାଉତ, ଅଭିଶକେ ଦାଶ, ହିମାଂଶୁ ଭୋଇ, ପୁଷ୍ପାଞ୍ଜଳି ମୁଦୁଲି, ବେଣୁଧର ନେଗୀପ୍ରମୁଖ ଉପସ୍ଥିତ ଥିଲେ।

● ଲାଞ୍ଚ ମାମଲାର ରାୟ ପ୍ରକାଶ

# ପୂର୍ବତନ ପିଇଓ ଓ ପିଅନ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କୋକସରା ବ୍ଲକ୍ ଡ଼ହଗାଁ ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରୂପେଶ ମେହେର ଓ ପିଇଓ ରୂପେଶ ନାଏକ ଗତ ଜାନୁୟାରୀ ୨୦୧୫ର ଲାଞ୍ଚ ମାମଲାରେ ପ୍ରମାଣ ଅଭାବରୁ ଶୁକ୍ରବାର ଭିଜିଲାନ୍ସ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଭବାନୀପାଟଣା ସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ମାମଲାର ୯ ଜଣ ସାକ୍ଷକୁ ପ୍ରମାଣକୁ ବିଚାର କରି ରାୟ ଶୁଣାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ,ଡ଼ହଗାଁ ପଞ୍ଚାୟତର ସର୍ଗିଗୁଡା ଗ୍ରାମର ଗଗନେ ମାଝୀଙ୍କ ଠାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ମେହେର ସେହି ପଞ୍ଚାୟତରର ପିଅନ ନାଏକଙ୍କ ଜରିଆରେ ଇନ୍ଦିରା ଆବାସ ଯୋଜନାର ବିଲ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହାକୁ ନେଇ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ।ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଉଭୟଙ୍କୁ ଗିରଫ କରି ସେତେବେଳେ ଭିଜିଲାନ୍ସ ବିଭାଗ କୋର୍ଟ ଚାଲାଣ କରିଥିଲା। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗର ମାମଲା ନଂ(୪/୧୫) ରୁଜୁ ହୋଇଥିଲା। ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ସା ପରିଚାଳନା କରିଥିଲେ।

# ନୂଆପଡ଼ାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡା,୧୩।୧୨(ସମିସ):**




ଜିଲ୍ଲା ଆଇନ ସେବା ପ୍ରାଧିକରଣ ନୂଆପଡା ଆନୁକୂଲ୍ୟରେ ଏବଂ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି।ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁନୀଲ କୁମାର ଦାସ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଖଡ଼ିଆଳ ପ୍ରଣମ କୁମାର ରାଉତ, ବରିଷ୍ଠ ଦେୱାନୀ ଜଜ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ ଖଡ଼ିଆଳ ଇଶା ପତି, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ,ଏସଡିଜେଏମ ସ୍ୱାତକୀ ଦାଶ, ଜେଏମଏଫ୍‌ସି, କୋମନା ସମୃଦ୍ଧି ସାଗରିକା ବାରିକ, ଜେଏମଏଫସି, ସିନାପାଲି ପ୍ରଜ୍ଞା ପାରମିତା ମହାନ୍ତି, ଜେଏମଏଫସି, ଖରିଆର ସମିକ୍ଷା ସା,ଜେଏମଏଫସି, ବୋଡେନ ପଲ୍ଲବୀ ଦାସ ଏବଂ ବିଭିନ୍ନ ରାଜସ୍ୱ ବିଭାଗ ଅଂଶଗ୍ରହଣ କରି ୩୮୯୪ଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ ବାଉନ୍ସ, ଦେୱାନୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଓ ରାଜସ୍ୱ ମାମଲାଗୁଡିକ ବିଚାର କରାଯାଇ ଥିଲା ଏବଂ ୨,୨୦,୭୪,୪୭୭ରେ ଟଙ୍କା ଆପୋଷ ସମାଧାନ କରାଯାଇଅଛି। ସେହିପରି ବିଭିନ୍ନ ବ୍ୟାଙ୍କ ଏବଂ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣ କରି ୧୮୯ଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ ଶୁଳ୍କ ଦେୟ ମାମଲାଗୁଡ଼ିକର ଆପୋଷ ବୁଝାମଣାରେ ସମାଧାନ ହୋଇ ୫୬,୦୯,୩୫୦ ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁଶ୍ରୀ ନବନୀତା ଦାଶ ଲୋକ ଅଦାଲତର ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ଲୋକ ଅଦାଲତର ବିପୁଳ ପ୍ରଚାର ଜିଲ୍ଲା ସାରା କରାଯାଇଥିଲା। ଏହି କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ବସଷ୍ଟାଣ୍ଡ ରେ ଥିବା ଏଲଇଡି ମନିଟରରେ ପ୍ରସାରଣ କରାଯାଇଥିଲା।ନୂଆପଡା ଓ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ବିଦ୍ୟୁତ୍ ବିଭାଗ ଦ୍ୱାରା ଆବଣ୍ଟନ କରାଯାଇଥିବା ଗାଡି ସହାୟତାରେ ଲୋକ ଅଦାଲତ ଆୟୋଜନ ବିଷୟରେ ବିପୁଳ ପ୍ରଚାର କରାଯାଇଥିଲା।ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଜିଲ୍ଲା ପ୍ରଶାସନ, ନୂଆପଡା ଓ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଓ ବିଦ୍ୟୁତ୍ ବିଭାଗକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବିଦ୍ୟାଳୟସ୍ତରୀୟ ମଡେଲ୍ ଯୁକ୍ତରାଷ୍ଟ୍ର ସଂଘ କାର୍ଯ୍ୟକ୍ରମ



**ବୌଦ୍ଧ,୧୩।୧୨(ସମିସ):** ତେତେଲେଙ୍ଗା ନିକଟସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟରେ ମଡେଲ୍ ଯୁକ୍ତରାଷ୍ଟ୍ର ସଂଘ କାର୍ଯ୍ୟମ ଆୟୋଜିତ ହୋଇ ଯାଇଛି। ଏହା ଏକ ଶିକ୍ଷାମୂଳକ ମଞ୍ଚ; ଯେଉଁଠାରେ ଛାତ୍ରଛାତ୍ରୀ ଯୁକ୍ତରାଷ୍ଟ୍ର ସଂଘର କାର୍ଯ୍ୟପ୍ରଣାଳୀକୁ ଅନୁକରଣ କରି ବିଶ୍ୱ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ସଂଗଠନ ଛାତ୍ରଛାତ୍ରୀଙ୍କୁ ନେତୃତ୍ୱ, କୁଟନୀତି, ଯୁକ୍ତିତର୍କ ଓ ଆନ୍ତର୍ଜାତିକ ବିଚାରଧାରାରେ ପାରଦର୍ଶୀ କରିବାରେ ସହାୟକ ହୋଇଥିଲା।

କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ବିଭିନ୍ନ ଦେଶର ପ୍ରତିନିଧି ଭାବେ ଭୂମିକା ନିର୍ବାହ କରିଥିଲେ। ସେମାନେ ଜାତିସଂଘର ସୁରକ୍ଷା ପରିଷଦ, ସାଧାରଣ ସଭା, ପରି ବିଭିନ୍ନ କମିଟିରେ ବିଶ୍ୱ ଶାନ୍ତି, ପରିବେଶ ସୁରକ୍ଷା, ମାନବାଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ମଡେଲ୍ ଯୁକ୍ତରାଷ୍ଟ୍ର ସଂଘ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ସାର୍ବଜନୀନ ଭାଷଣ କୌଶଳ ଉନ୍ନତ ଏବଂ ସେମାନେ ଦେଶ-ବିଦେଶର ସମସ୍ୟାକୁ ଗଭୀର ଭାବେ ବୁଝି ପାରିଥିଲେ। ଏହା ଭବିଷ୍ୟତର ସଚେତନ ନାଗରିକ ଓ ଦକ୍ଷ ନେତା ତିଆରି କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହା କେବଳ ଏକ କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ଶିକ୍ଷା, ସଚେତନତା ଓ ବିଶ୍ୱଭାବନାର ଏକ ସୁନ୍ଦର ସଙ୍ଗମ। ଘନଶ୍ୟାମ ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ପୃଷ୍ଟି ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ତମାଖୁ ବିକି ଜରିମାନା ଗଣିଲେ ୮ ଦୋକାନୀ



**ପୁରୁଣା କଟକ,୧୩।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଅଞ୍ଚଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଛି। ତମାଖୁ ନିୟନ୍ତ୍ରଣ ନୀୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୮ ଜଣ ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହାସହତମାଖୁ ବ୍ୟବହାରର କୁପରିଣାମ ବିଷୟରେ ସଚେତନ କରା ଯାଇଥିଲା।

ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ ତ୍ରିପାଠୀ, ଜିଲ୍ଲା ପରମର୍ଶଦାତା ସୀତେଶ ତ୍ରୀପାଠୀ, ଜିଲ୍ଲା ଖାଦ୍ୟ ସୁରକ୍ଷା ସହାୟକ ସତ୍ୟନାରାୟଣ ବାରିକ, ଅବକାରୀ ବିଭାଗର ବିଜୟ ବାଘ ଏବଂ ଆଇଆଇସି ଅରୁଣ ସିଂହ ପ୍ରମୁଖ ଚଢଉ କରିଥିଲେ।

## ଗୋରୁ ବ୍ୟବସାୟକୁ ନେଇ ବଚସାରୁ ହତ୍ୟା ଘଟଣା

# ଜେଲ୍ ଗଲେ ୩ ଅଭିଯୁକ୍ତ



**ମନମୁଣ୍ଡା,୧୩।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଗୁଡୁଗୁଡା ସାପ୍ତାହିକ ଗୋରୁ ବଜାରରେ ଗତ ୧୦ ତାରିଖ ବାଉଁଶୁଣି ଥାନା ତାଲୁପାଲି ଗ୍ରାମର ଦୁର୍ଯ୍ୟୋଧନ ମହାକୁଡଙ୍କୁ ହତ୍ୟା ଘଟଣାରେ ୩ ଜଣ ଜେଲ୍ ଯାଇଛନ୍ତି। ଏମାନେ ହେଲେ ମନମୁଣ୍ଡା ଥାନା ଦହ୍ୟା ଗ୍ରାମର ଆଲୋକ ସାହୁ (୨୫), କିରାସିରାର ପ୍ରଶାନ୍ତ ଜଗଦଲା (୨୭) ଏବଂ ରଷିବନ୍ଧ ଗ୍ରାମର ଜଗନ ସାହୁ (୨୨)। ମନମୁଣ୍ଡା ଥାନା ଆଇଆଇସି ସସ୍ମିତା ମଗର ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏସଡିପିଓ ଲାରେନ ରାଉତରାୟ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଜଣାଇଛନ୍ତି। ଏସଡିପିଓ ଶ୍ରୀ ରାଉତରାୟଙ୍କ କହିବା ଅନୁସାରେ କୋର୍ଟ ଚାଲାଣ ହୋଇଥିବା ୩ ଅଭିଯୁକ୍ତଙ୍କ ସମେତ ସରୋଜ ଉର୍ମା, ସିଦ୍ଧାନ୍ତ ଖୁରା, ଚନ୍ଦନ ଖୁରା ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଦୁର୍ଯ୍ୟୋଧନ ଏବଂ ତାଙ୍କ ଭାଇ ବଡ଼ ଭାଇ ରତନ ମହାକୁଡଙ୍କୁ ଲୁହା ଛଡରେ ଆକ୍ରମଣ କରିଥିଲେ। ସେଥିରେ ଦୁର୍ଯ୍ୟୋଧନର ମୃତ୍ୟୁ ଘଟିଥିବାବେଳେ ରତନ ଗୁରୁତର ହୋଇଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ୧୧ ତାରିଖରେ ପୁଲିସ ଫରେନ୍ସିକ ଦଳ ଓ ସନ୍ଧାନୀ କୁକୁରକୁ ଘଟଣାସ୍ଥଳକୁ ନେଇ ୩ ଅଭିଯୁକ୍ତକୁ ଗିରଫ କରିଥିଲେ। ତେବେ ଘଟଣାରେ ସଂପୃକ୍ତ ଅନ୍ୟ ୪ ଅଭିଯୁକ୍ତ ସିଦ୍ଧାନ୍ତ, ଚନ୍ଦନ, ଗୌର ପାତ୍ର ଏବଂ ଚମରା ପାତ୍ର ଫେରାର ଅଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସଡିପିଓ ଶ୍ରୀ ରାଉତରାୟ କହଛନ୍ତି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରଥପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ହରଭଙ୍ଗା,୧୩।୧୨(ସମିସ):** ହରଭଙ୍ଗା ବ୍ଲକ ବଡବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ରାଏ, ହରଭଙ୍ଗା ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅବିନାଶ ପ୍ରଧାନ, ସିଦ୍ଧାର୍ଥ ଶଙ୍କର ସାହୁ ମଞ୍ଚାସୀନ ଥିଲେ। ପ୍ରଧନଶିକ୍ଷକ ନିରଞ୍ଜନ ସାହୁ ବାର୍ଷକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲାବେଳେ ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଭଗବାନ ଗୁରୁଙ୍କୁ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ କରାଯାଇଥିଲା। ଅଲିଭା ଦାସ, ସୌଭାଗ୍ୟ ରଞ୍ଜନ ମଲ୍ଲିକ, ସୁମିତ୍ରା ଦାସ, ଅଲିଭା ପ୍ରଧାନ, ଭାଗବତ ଦେହୁରୀ, ମଞ୍ଜୁଲତା ସା, ଅଙ୍କିତା ସାମଲ, ମଣିକାନ୍ତ ଭୋଇ ସହଯୋଗ କରିଥିଲେ। ଶିକ୍ଷକ ଚମତମୟ ଭୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ରଥପୁରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଛି। ଉତ୍ସବରେ ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟବକ୍ତା, ପ୍ରଫୁଲ୍ଲ ରଥ ଓ ଇନ୍ଦ୍ରଜିତ ପରୁଆ ଯୋଗଦେଇ ଥିଲେ। ବିଦ୍ୟାଳୟର ଶିକ୍ଷକ ନନ୍ଦକିଶୋର ଶବର ଓ ପ୍ରଦ୍ୟୁମ୍ନ ଦୀପ ସଂଯୋଜନା କରିଥିଲେ। ବିଦ୍ୟାଳୟର ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ସର୍ବ ମୋଟ ୧୨ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବାଳକ ବର୍ଗର ରାଜ୍ଞିତମ ଧଳ ଚାମ୍ପିଅନ ଓ ବାଳିକା ବର୍ଗର ତନୁଶ୍ରୀ ତନ୍ମୟୀ ନାୟକ, କନିଷ୍ଠ ବାଳକ ବର୍ଗର କୁଳଦୀପ କ୍ରିଷ୍ଣା ନାୟକ ଓ ବାଳିକା ବର୍ଗର ମୌସୁମୀ ପଧାନ ଯଥାକ୍ରମେ ଅଲଙ୍କୃତ ହୋଇଥିଲେ। ପୁରସ୍କାର ବିତରଣ ପର୍ବକୁ ସଞ୍ଚାଳନ କରିଥିଲେ ବରିଷ୍ଠ ଶିକ୍ଷକ ନରେନ୍ଦ୍ର କୁମାର୍ ବାରିକ, ହେମନ୍ତ ନାରାୟଣ ସିଂଦେଓ ଓ ପଦ୍ମଲୋଚନ ମିଶ୍ର। ଶିକ୍ଷୟିତ୍ରୀ ସବିତ୍ରୀ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ମୃଷୁଣ୍ଡି ଓ ବାଗବର ଧାନମଣ୍ଡି ଉଦ୍‌ଘାଟିତ



**ବୀରମହାରାଜପୁର,୧୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅଧୀନ ମୃଷୁଣ୍ଡି ପ୍ରାଥମିକ ସେବା ସମବାୟ ସମିତି ଓ ବାଗବର ସେବା ସମବାୟ ସମିତି ଠାରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୃଷୁନ୍ଧି ସେବା ସମବାୟ ସମିତିର ସଭାପତି ଲବ କୁମାର ସହୁଙ୍କ ଅଧ୍ୟକ୍ଷତାରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆର୍‌ସିଏସ ନାରାୟଣ ସେଠୀ, ଆର୍‌ଏମସି ସମ୍ପାଦକ ମନୋଜ ଜେନା, ରାଜସ୍ୱ ନିରୀକ୍ଷକ ରୋହିତ ମିଶ୍ର, ଭିଏଡବ୍ଲୁ ପ୍ରକାଶ ଭୋଇ ଏବଂ ଚାଷୀ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ବାଗବର କୃଷି ସମବାୟ ସମିତି ରେ ମଧ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ବିପିନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଏଆର୍‌ସିଏସ ନାରାୟଣ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ନୋଡାଲ ଅଫିସର ଗୌରୀଶଙ୍କର ସା, ସମ୍ପାଦକ ଚନ୍ଦ୍ରମଣି ବଗର୍ତ୍ତି, ଚାଷୀ କମିଟିର ଆଲୋକ କୁମାର ପଣ୍ଡା, ଯଜ୍ଞେଶ୍ୱର ପୁଝାରୀ, ଶମ୍ଭୁ ପ୍ରସାଦ ମଲ୍ଲିକ, ବୁଲୁ ଦାସ ପ୍ରମୁଖ ସାମିଲ୍ ହୋଇଥିଲେ।

## ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ବୌଦ୍ଧ, ୧୩।୧୨(ସମିସ):** ବୌଦ୍ଧ ଟାଉନହଲ୍‌ରେ ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ଜନ ସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ପାଇଁ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ୟାଙ୍କ ଏବଂ ଜୀବନ ବୀମା ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ତନ ବସ୍କୋଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମଧୁକର ଆନନ୍ଦ, ପ୍ରକାଶ ଗ୍ରହାଚାର୍ଯ୍ୟ, ସୁନୀଲ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦୁପାଲି, ରାମପୁର, ଚକାବରରେ ଶିକ୍ଷାସଭା







**ଡୁଙ୍ଗୁରିପାଲି,୧୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତୁଳସୀରାମ ଭୋଇଙ୍କ ସଭାପତିତ୍ୱରେ ଗଜବନ୍ଧ ପଞ୍ଚାୟତ ସରପଞ୍ଚ ବାସନ୍ତୀ ଖେତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ଆସ ସ୍କୁଲଯିବା କାର୍ଯ୍ୟକ୍ରମକୁ ସଫଳ କରିବା ଓ ତାହାର ବିଭିନ୍ନ ଦିଗ ସମ୍ବନ୍ଧରେ କ୍ଲଷ୍ଟରରୁ ଆସିଥିବା ସମସ୍ତ ପ୍ରଧାନଶିକ୍ଷକ ଓ ଏସଏମସି ଚେୟାରମ୍ୟାନ, ନିର୍ବାଚିତ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶା ଦିଦି ଓ ଅଭିଭାବକ ମାନଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅଧାରୁ ପାଠ ଛାଡ଼ିଥିବା ଶିକ୍ଷାର୍ଥୀ ଓ ଅବିଭାବକଙ୍କ ମତାମତ ଗ୍ରହଣ କରାଯାଇ ମୁଖ୍ୟସ୍ରୋତରେ ସାମିଲ ପାଇଁ ଉତ୍ସାହିତ କରାଯାଇଥିଲା। ଶିକ୍ଷକ ଶମ୍ଭୁ ପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମୋହନ ଚରଣ ନାଏକ, ନନ୍ଦକିଶୋରସ ବିଶି, ହାରାଧନ ବେରିଆ, ନିତାଇ ମଟାରୀ, ଗୋକୁଳାନନ୍ଦ ସାହୁ, କେନ୍ଦୁପାଲି ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଅଭିଭାବକ ସହଯୋଗ କରିଥିଲେ।

ସେହିଭଳି ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ବାଳିକା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ପ୍ରଦୀପ୍ତ କିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଡାକ୍ତର ପତି ମୁଖ୍ୟଅତିଥି ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ରାମପୁରର ପ୍ରଧାନଶିକ୍ଷକ ହୋସିୟା ଛତ୍ରିୟା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଗ୍ରାହୀ ବିଦ୍ୟାଳୟର ଉପଲବ୍ଧି ବିଷୟରେ ସଭାକୁ ଜଣାଇ ଥିବାବେଳେ ସରକାରଙ୍କ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସଫଳ କରିବା ଓ ତାହାର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ଅରୁଣା ମେହେର ସାଂସ୍କୃତିକ ପରିଚାଳନା କରିଥିଲେ ଓ ଶିକ୍ଷୟିତ୍ରୀ ସଂଗୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବୀରମହାରାଜପୁର:** ବୀରମହାରାଜପୁର ବ୍ଲକ୍ ଚକାବର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର୍ ଲୁହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାସ, ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆନୀତା ହୋତା ଏବଂ ବିଶିଷ୍ଟ ଅତିଥି ଭାବରେ ଚମ୍ପାମାଲ ପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ଜଗଦଲା ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ନାରାୟଣ ବେହେରା ଓ ସଭା ସଂଯୋଜନା କରିଥିଲେ ଟାଙ୍ଗର୍ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ବିକାଶ ଭୋଇ। ସଭାରେ ଚକାବର୍ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯିବା ସହିତ, ଡ୍ରପ୍ ଆଉଟ୍‌ରୁ ମୁଖ୍ୟ ସ୍ରୋତକୁ ଫେରିଆସିଥିବା ଅଭିଭାବକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ୨୦୩ ଛାତ୍ରଛାତ୍ରୀ ନବୋଦୟ ପ୍ରବେଶ ପରୀକ୍ଷା ଦେଲେ

**କଣ୍ଟାମାଳ,୧୩।୧୨(ସମିସ):** କଣ୍ଟାମାଳ ହାଇସ୍କୁଲରେ ନବୋଦୟ ପ୍ରବେଶ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପଞ୍ଜିକରଣ ୨୧୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୩ ଜଣ ପରୀକ୍ଷା ଦେଇଛନ୍ତି। ପ୍ରଧାନ ଶିକ୍ଷକ ମନୋରଂଜନ ପ୍ରଧାନ ପରୀକ୍ଷା ପରିଚାଳନା କରିଥିଲେ। ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ ସାହୁ ଓ ବୌଦ୍ଧ ନବୋଦୟ ବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଭି. ଶ୍ରୀବାସ୍ତବ ପର୍ଯ୍ୟବେକ୍ଷକ ଥିଲେ। ଶିକ୍ଷୟତ୍ରୀ ହେମବନ୍ତି ବାଘ, ଶିକ୍ଷକ ଆଲୋକ ପରଡିଆ, ବନମାଳୀ ମେହେର, ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଶିକ୍ଷୟତ୍ରୀ ଏମ୍. ମାଧୁରୀ ଦୋରା, ମୀରାବାଇ ଧାରୁଆ, ଶିକ୍ଷକ ଦେବଶ୍ରିତ ପ୍ରଧାନ, ବୀରଭଦ୍ର ମିଶ୍ର ପରିଚାଳନା କରିଥିଲେ। କର୍ମଚାରୀ ନବ ସାହୁ, ନିଳୀମା ପ୍ରଧାନ, ମନୋଜ ବଷ୍ଟୋର୍ ସହଯୋଗ କରିଥିଲେ।

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**କଣ୍ଟାମାଳ,୧୩।୧୨(ସମିସ):** ଖଲିଆପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଶକ୍ତି ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ପଦଯାତ୍ରା, ପୋଷ୍ଟର ମେକିଂ, ସ୍ଲୋଗାନ ଓ ସଚେତନ ଶିକ୍ଷା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମହାପାତ୍ର ଶକ୍ତି ସଂରକ୍ଷଣ ଦ୍ୱାରା ପରିବେଶ ସୁରକ୍ଷା ଓ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ଶିକ୍ଷକ କ୍ରିଷ୍ଣା ବସ୍ତିଆ, ସୁଭଦ୍ରା ମାଝୀ, ରୋହନ ପରିଡା ଓ ଦୁର୍ଗାଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ପବିତ୍ର କଅଁର, ଭାଗବତ ବାରିକ, ବନିତା କଅଁର ଓ ସୁକାନ୍ତି ପାଣ୍ଡେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି



**ବୌଦ୍ଧ,୧୩।୧୨(ସମିସ):** ବୌଦ୍ଧ କଚେରୀ ପଡିଆଠାରେ ବୌଦ୍ଧ ମହୋତ୍ସବ ଆୟୋଜନ ହେବ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାକର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ନିର୍ବାହୀ ଅଧିକାରୀ ବୌଦ୍ଧଗଡ଼ (ଏନଏସି) ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୌଦ୍ଧ କଚେରୀ ପଡିଆଠାରେ ପ୍ରସ୍ତୁତି ତଦାରଖ କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ବୌଦ୍ଧ,୧୩।୧୨(ସମିସ):** ବୌଦ୍ଧ ବ୍ଲକ୍ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଆନନ୍ଦପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରମାନେ ମା' ପଣ୍ଟେଇଙ୍କ ପୀଠରୁ କ୍ରୀଡା ଜ୍ୟୋତି ଧରି ଏକ ଶୋଭାଯାତ୍ରାରେ ପଡିଆରେ ପହଞ୍ଚି ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସୌଦାମିନୀ ପ୍ରଧାନଙ୍କୁ ଏହା ପ୍ରଦାନ ପରେ କ୍ରୀଡା ଜ୍ୟୋତିକୁ ସ୍ଥାପନ କରି ଖେଳ ଉଦ୍‌ଘାଟିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ସୁଶୀଲ ହୋତା ଯୋଗ ଦେଇଥିଲେ। ଶିକ୍ଷକ ଅଶୋକ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷକ ଶମ୍ଭୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ବାଳକ ବର୍ଗରେ ମନୋଜ ମେହେର ଓ ବାଳିକା ବିଭାଗରେ ମୋନାଲିସା ବିଶି ଚାମ୍ପିଅନ ହୋଇଥିଲେ। ସମୁଦାୟ ୧୯୭ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷୟତ୍ରୀ ଗାୟତ୍ରୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ, ତରଙ୍ଗିନୀ ବେହେରା, ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ମେହେର, ଡେଭିଡ ପ୍ରଧାନ, ଲମ୍ବୋଦର ବେହେରା, ପ୍ରଦୀପ୍ତ ଉର୍ମା, ନିର୍ମଳ ନାଏକ, ଅଂଶୁମାନ ବାରିକ, ସଞ୍ଜୟ ନାୟକ, ରବୀନ୍ଦ୍ର ବେଜୀ ପ୍ରମୁଖ ସହଯୋଗ କରିଥିଲେ।

**ହରଭଙ୍ଗା:** ହରଭଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୈରବୀ ଡିଗ୍ରୀ କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ମାଧପୁର ଉଚ୍ଚ ମାଧ୍ୟାମିକ ବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧ୍ୟାପକ ସୁଦାମ ଚରଣ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମନୋଜ ପ୍ରହରାଜ, ଲଳିତ ମହାପାତ୍ର, ସୁବାସ ସୁରିନ, ଖେଳ ଶିକ୍ଷକ କୁସଧ୍ୱଜ ମହାକୁଡ଼ ସହଯୋଗ କରିଥିଲେ।

**ବୀରମହାରାଜପୁର:** ବୀରମହାରାଜପୁର ଏମ୍ସ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷା ସୁଚିସ୍ମିତା ପଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ଲଲେନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଶିକ୍ଷକ ଦେ ଅମ୍ବରିଶା ପଣ୍ଡା, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।




## ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଆଲୋଚନାଚକ୍ର

**ବୌଦ୍ଧ,୧୩।୧୨(ସମିସ):** ବୀରନରସିଂହପୁର ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ଏହା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନବ ଦୀପ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରର ଜିଲ୍ଲା ସଂଯୋଜକ ଅଧ୍ୟାପକ ଡ. ଅମରେଶ ସାହୁ ପ୍ରାରମ୍ଭିକ ଭାଷଣ ଦେବା ସହ ଏହାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଲୋକ ସଂସଦର ଜିଲ୍ଲା ସଭାପତି ହୃଷୀକେଶ ପ୍ରଧାନ ସ୍ୱାମୀଜୀଙ୍କ ସାଧନା ଓ କାର୍ଯ୍ୟକଳାପ ଉପରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ପ୍ରବୀର ଦାସ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ଓ ଆଜିର ଯୁବ ସମାଜ ପାଇଁ ଏହା କେତେ ଉପାଦେୟ ସେ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ସଦାନନ୍ଦ ମାହାର ସ୍ୱାମୀଜୀ କିପରି ସନାତନ ଧର୍ମକୁ ପୁନର୍ଜୀବିତ କରିଥିଲେ ସେ ଉପରେ ବର୍ଣ୍ଣନା କରିଥଲେ। ଅଧ୍ୟାପିକା ପ୍ରଭାତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୧୨୩ (ଭୁବନେଶ୍ୱର)
- ରୁପା : ୨,୧୩,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଆମେରିକା ସଂସଦରେ ଭାରତ ସପକ୍ଷରେ ପ୍ରସ୍ତାବ

## ଲଗାଯାଇଥିବା ଶୁଳ୍କ ବେଆଇନ; ତୁରନ୍ତ ହଟାଇବାକୁ ଦାବି

**ୱାଶିଂଟନ, ୧୩।୧୨ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଚଢ଼ା ଶୁଳ୍କ ଲଗାଇଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଲଗାଯାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ଆମେରିକା ସାଂସଦମାନେ ବିରୋଧ କରିଛନ୍ତି। ଏହେ ବେଆଇନ ବୋଲି କହିଛନ୍ତି। ଏହି ଶୁଳ୍କକୁ ତୁରନ୍ତ ହଟାଇବା ପାଇଁ ଡେବୋରା ରସ୍, ମାର୍କ ଭିଜି ଏବଂ ରାଜା କୃଷ୍ଣମୂର୍ତ୍ତି ଆମେରିକା ସଂସଦରେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହି ସାଂସଦଙ୍କ ଅନୁଯାୟୀ, ଭାରତ ଉପରେ ଲଗାଯାଇଥିବା ଶୁଳ୍କ ଆମେରିକା ପାଇଁ କ୍ଷତିକାରକ। ଏହାର ସର୍ବାଧିକ ପ୍ରଭାବ ଆମେରିକାର ସାଧାରଣ ନାଗରିକଙ୍କ ଉପରେ ପଡୁଛି।

ଡେବୋରା ରସ୍ କହିଛନ୍ତି ଯେ, ତାଙ୍କ ରାଜ୍ୟ ନର୍ଥ କ୍ୟାରୋଲିନାକୁ ଭାରତରୁ ବହୁତ ନିବେଶ ଆସୁଛି। ହଜାର ହଜାର ନିଯୁକ୍ତି ଭାରତୀୟ କମ୍ପାନୀଙ୍କ ସହ ଜଡ଼ିତ ରହିଛି। ଏହି ଶୁଳ୍କ ସେହି ସମ୍ପର୍କକୁ କ୍ଷତି କରୁଛି। ମାର୍କଙ୍କ ଅନୁଯାୟୀ, ଭାରତ ଉପରେ ଲଗାଯାଇଥିବା ଶୁଳ୍କ 'ସାଧାରଣ ନାଗରିକଙ୍କ ଉପରେ ଅତିରିକ୍ତ ଟିକସ' ସହ ସମାନ। ସାମଗ୍ରୀ ମହଙ୍ଗା ହୋଇ ଯାଇଥିବାରୁ ସାଧାରଣ ନାଗରିକଙ୍କ ପକେଟ ଉପରେ ବୋଝ




ଟ୍ରମ୍ପଙ୍କ ଅଡୁଆ ବର୍ଦ୍ଧିତ ଟାରିଫ୍

ପଡୁଛି। ସେହିପରି ଭାରତୀୟ ବଂଶୋଦ୍ଭବ ସାଂସଦ ରାଜା କୃଷ୍ଣମୂର୍ତ୍ତି କହିଛନ୍ତି ଯେ, ଏହି ଶୁଳ୍କ ଯୋଗାଣ ଶୃଙ୍ଖଳକୁ ଭାଙ୍ଗି ଦେଉଛି। ଆମେରିକା ଶ୍ରମିକଙ୍କ କ୍ଷତି କରୁଛି ଏବଂ ଗ୍ରାହକଙ୍କ ପାଇଁ ଦରଦାମ ବୃଦ୍ଧି କରୁଛି। ତେଣୁ ଭାରତ ସହ ସମ୍ପର୍କ ବିଗାଡ଼ିବା ପରିବର୍ତ୍ତେ, ମଜବୁତ କରିବା ଉଚିତ।

ଆମେରିକା ସାଂସଦ ଆଣିଥିବା ପ୍ରସ୍ତାବ କେବଳ ଭାରତ ଶୁଳ୍କ ମଧ୍ୟରେ ସୀମିତ ନାହିଁ। ସାଂସଦଙ୍କ ଅନୁଯାୟୀ, ଟ୍ରମ୍ପ କ୍ରମାଗତ ଭାବେ ନିଜ ଅଧିକାର ପ୍ରୟୋଗ କରି ଏକପାଖିଆ ଶୁଳ୍କ ଲଗାଉଛନ୍ତି। କିନ୍ତୁ ବାଣିଜ୍ୟ ନିୟମ ଆଣିବାର ପ୍ରକୃତ କ୍ଷମତା ଆମେରିକା ସଂସଦ ପାଖରେ ରହିଛି। ସୂଚନାଯୋଗ୍ୟ ଯେ ରୁଷ୍ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆମେରିକା ଶୁଳ୍କ ଲଗାଇଛି। ରୁଷ୍‌ଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହନ ମିଳୁଛି ବୋଲି ଟ୍ରମ୍ପ ଅନେକ ଥର ଦାବି କରିଛନ୍ତି। ଭାରତ ବିରୋଧରେ ନିଆଯାଇଥିବା ଆର୍ଥିକ କାର୍ଯ୍ୟାନୁଷ୍ଠାନକୁ ଆମେରିକା ଜୋରିମାନା କିମ୍ବା ଶୁଳ୍କ କହୁଛି। ଟ୍ରମ୍ପ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କରେ ୨୫ ପ୍ରତିଶତ ରେସିପ୍ରୋକାଲ ତଥା ଯେସାକୁ ତେସା ଶୁଳ୍କ ସାମିଲ ରହିଛି। ଆଉ ରୁଷ୍‌ଠାରୁ ତୈଳ କିଣୁଥିବାରୁ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଯାଇଛି। ଏହାକୁ ନେଇ ଗତ କିଛି ମାସ ହେଲା ଆମେରିକା ଏବଂ ଭାରତ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଅଧିକ ଶୁଳ୍କ ହାର ଏବଂ ବାଣିଜ୍ୟ କ୍ଷତି ଯୋଗୁଁ ଆମରିକା ଶୁଳ୍କ ଲଗାଯାଇଥିବା କହିଛି। ତେଣୁ ଦୁଇ ଦେଶର ରପ୍ତାନୀ, ଆମଦାନୀରେ ସମସ୍ୟା ହେଉଛି।

# ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କ ପାରିବାରିକ କମ୍ପାନୀଙ୍କୁ ମିଳିଛି ୧୪୬ ସରକାରୀ ଠିକା

**ଇଟାନଗର, ୧୩।୧୨ (ଏଜେନ୍ସି):** ଅରୁଣାଚଳ ପ୍ରଦେଶରୁ ବିଚଳିତ କରିବା ଭଳି ଏକ ଖବର ସାମ୍ନାକୁ ଆସିଛି। ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏବଂ ତାଙ୍କ ପରିବାରର କମ୍ପାନୀଙ୍କୁ ୧୪୬ଟି ସରକାରୀ ଠିକା ମିଳିଛି। ୨୦୧୨ରୁ ୨୦୨୩ ମଧ୍ୟରେ ୩୮୩.୭୪ କୋଟି ଟଙ୍କାର ଏହି ଠିକା ଦିଆଯାଇଥିଲା। ଏହି କମ୍ପାନୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପତ୍ନୀ ସେରିଂ ଡୋଲମିଙ୍କ ନାମରେ ଥିବା ଦୁଇଟି (ଏମ/ଏସ ବ୍ରାଣ୍ଡ ଇଗଲ ଓ ଏମ/ଏସ ଫ୍ରଣ୍ଟିୟର ଆସୋସିଏଟସ) ଲେଖାଏଁ, ଭାଇ ତାସି ଖାଣ୍ଡୁ (ଏମ/ଏସ ଆରଡି ଆସୋସିଏଟସ) ଏବଂ ଶାଳୀ ନିମା ଡ୍ରେମାଙ୍କ (ଏମ/ଏସ ଆଲିଆନ୍ସ ଟ୍ରେଣ୍ଡିଂ କମ୍ପାନୀ) ନାମରେ ଥିବା ଗୋଟିଏ ଲେଖାଏଁ କମ୍ପାନୀ ସାମିଲ ରହିଛି। ୧୬.୮୩ କୋଟି ଟଙ୍କାର ୫୯ଟି ଠିକାକୁ ବିନା ଟେଣ୍ଡରରେ ଦିଆଯାଇଥିଲା। ଏଥିରୁ ୧୧ଟି ଠିକା ଟେଣ୍ଡର ପାଇଁ ଧାର୍ଯ୍ୟ ୫୦ ଲକ୍ଷ ଟଙ୍କାର ସୀମାଠାରୁ ଅଧିକ ଥିଲା। ସ୍ଥାନୀୟ ବୃତ୍ତିଗତ ଏବଂ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏପରି କରାଯାଇଥିବା କୁହାଯାଇଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଦାଖଲ କରାଯାଇଥିବା ଏକ ସତ୍ୟପାଠରେ ଏହି



ସୂଚନା ଦିଆଯାଇଛି। ଗତ ତିନି ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରିଥିଲେ। ଏହାକୁ ଅଜବ ସଂଯୋଗ କହିଥିଲେ। ଏ ବିଷୟରେ ସବିଶେଷ ବିବରଣ ଦେବାକୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଭୁବନେଶ୍ୱର, କଟକରେ କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍

**ଭୁବନେଶ୍ୱର, ୧୩।୧୨ (ଏଜେନ୍ସି):** ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ଅଗ୍ରଣୀ ଅଳଙ୍କାର କମ୍ପାନୀ ମଧ୍ୟରୁ ଅନ୍ୟତମ କଲ୍ୟାଣ ଜୁଏଲର୍ସ ଶନିବାର ଭୁବନେଶ୍ୱର ଏବଂ କଟକରେ ନୂତନ ଶୋ'ରୁମ୍ ଆରମ୍ଭ କରିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଶୋ'ରୁମ୍ ଉଦ୍‌ଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ବଲିଉଡ୍ ଅଭିନେତା ଅକ୍ଷୟ କୁମାର କହିଛନ୍ତି, 'ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମେ ନିଦର୍ଶନକୁ ନିରନ୍ତର ଭାବରେ ପାଥେୟ କରିଥିବା ବ୍ରାଣ୍ଡର ପ୍ରତିନିଧିତ୍ୱ ସମ୍ମାନର ବିଷୟ। ଏହି ସହରର ଗ୍ରାହକମାନେ ନିଶ୍ଚିତ ଭାବେ କଲ୍ୟାଣ ଜୁଏଲର୍ସକୁ ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରି ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଓ ଉତ୍କୃଷ୍ଟ ଅଳଙ୍କାର ସଂଗ୍ରହକୁ ପ୍ରଶଂସା କରିବେ।'ଏହି ନୂଆ ଶୋ'ରୁମ୍ ଗ୍ରାହକଙ୍କ ବଢୁଥିବା ଆବଶ୍ୟକତାକୁ ପୂରଣ କରି ବିଶ୍ୱସ୍ତରୀୟ ପରିବେଶ ଏବଂ ସେବା ମାଧ୍ୟମରେ ନିଆରା ଅଭିଜ୍ଞତା ପ୍ରଦାନ କରାଯିବ ବୋଲି କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି। ଉଦ୍‌ଘାଟନ ଅବସରରେ ଶୋ'ରୁମରେ ପ୍ରତି ଗ୍ରାମ ପାଇଁ ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୭୫୦ ଟଙ୍କା ଛାଡ ରହିଛି। ପ୍ରିମିୟମ୍ ଏବଂ ଷ୍ଟଡେଡ୍ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ଗ୍ରାମ ପ୍ରତି ୧୫୦୦ ଟଙ୍କା ଏବଂ ମନ୍ଦିର ତଥା ପ୍ରାଚୀନ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ଗ୍ରାମ ପ୍ରତି ୧୦୦୦ ଟଙ୍କା ରିହାତି ରହିଛି।




## ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ଗ୍ରାଣ୍ଡ ଫିନାଲେ

# ୩୦ ଯୁବ ଜ୍ୟୋତିର୍ବିଜ୍ଞାନୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୩।୧୨(ସମିସ):** ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟ୍ୟାଟ୍‌ସ)ର ୧୯ତମ ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଇସ୍ରୋ ପରିଦର୍ଶନ ପାଇଁ ଚୟନ ହୋଇଥିବା ୩୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱରେ ଭାରତୀୟ ଜ୍ୟୋତିର୍ବିଜ୍ଞାନରେ ସ୍ଥାନ ଅନନ୍ୟ। ୧୮୩୫ରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଜନ୍ମିତ ମହାନ ଜ୍ୟୋତିର୍ବିଦ ପଠାଣି ସାମନ୍ତ ଦୁଇ ଖଣ୍ଡ ବାଉଁଶ ନଳୀରେ ମହାକାଶରେ ଗ୍ରହ ନକ୍ଷତ୍ର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ସଠିକ୍ ଗଣନା କରିପାରିଥିଲେ। ମହାକାଶ ବିଜ୍ଞାନରେ ଚର୍ଚ୍ଚା ହେଲେ ଭାରତୀୟ ସଂସ୍କୃତିର ଅବଦାନ ପ୍ରଥମେ ରହିବ ବୋଲି ସେ କହିଛନ୍ତି। ସେହିପରି "ଜୟ ଯବାନ ଜୟ କିଷାନ'ରେ "ଜୟ ବିଜ୍ଞାନ'କୁ ଯୋଡ଼ି ଭାରତ ବୈଶ୍ୱିକ ସଫଳତା ପାଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ଖଣ୍ଡପଡ଼ାରେ ଗୋଟିଏ ପ୍ଲାନେଟୋରିୟମ ଏବଂ ଆଷ୍ଟ୍ରୋ ଫିଜିକ୍ସ ଓ ଆଷ୍ଟ୍ରୋନୋମୀ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ ବୋଲି



କହିବା ସହ ଆସନ୍ତା ୩୦ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ତଥା ପଠାଣୀସାମନ୍ତ ପ୍ଲାନେଟାରିୟମ ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ ଉପସ୍ଥିତ ରହି ଯୁବ ବୈଜ୍ଞାନିକଙ୍କୁ ମାର୍ଗଦର୍ଶନ କରିବା ସହ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜାଣି ଜିଣିବାକୁ ଆହ୍ୱାନ ଦେଇଛନ୍ତି। ଟାଟା ଷ୍ଟିଲ୍‌ର ଉପସଭାପତି ଡିବି ସୁନ୍ଦର ରମଣ ଯୁବ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମଧ୍ୟରେ ବିଜ୍ଞାନକୁ ନେଇ ଆଗ୍ରହ ସୃଷ୍ଟି କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରି ୟ୍ୟାଟ୍‌ସ କେବଳ ଏକ ପ୍ରତିଯୋଗିତା ନୁହେଁ, ମହାକାଶ ବିଜ୍ଞାନ ପ୍ରତି ପଠାଣି ସାମନ୍ତଙ୍କ ମହାନ ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି। ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ସ୍ପେସ୍ ସେଣ୍ଟରର ବୈଜ୍ଞାନିକ ଅମିତାଭ ମହାନ୍ତି ଏବଂ ମହାକାଶରେ ଔଷଧୀୟ ଉତ୍ପାଦର ନିର୍ମାଣ ଓ ସୁରକ୍ଷିତ ଭାବେ ପୃଥିବୀକୁ ଆଣିବାରେ କାର୍ଯ୍ୟ କରୁଥିବା ସେରେଣ୍ଡିପିଟି ସ୍ପେସ କମ୍ପାନୀର ସହ ସଂସ୍ଥାପକ ତଥା ସିଇଓ ଅନ୍ତରୀକ୍ଷ ପରିଚ୍ଛା ପ୍ରମୁଖ କୁନି ବୈଜ୍ଞାନିକଙ୍କୁ ନିଜର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ସ୍ପେସ ଆପ୍ଲିକେସନ ସେଣ୍ଟରର ସିଇଓ ରଶ୍ମୀତା ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ପ୍ଲାନେଟୋରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟଆଲୁକ୍କାସ୍‌ର 'ଉପହାର ଦେବାର ଋତୁ' ଆରମ୍ଭ

**ଭୁବନେଶ୍ୱର, ୧୩।୧୨ (ସମିସ):** ବିଶ୍ୱର ପ୍ରିୟ ଜୁଏଲର୍ ଜୟଆଲୁକ୍କାସ୍ ସାରା ଦେଶର ଉତ୍ସବ ଅଭିଯାନ 'ଉପହାର ଦେବାର ଋତୁ' ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଏହା ଜୟଆଲୁକ୍କାସର ପ୍ରତ୍ୟେକ ଶୋ'ରୁମ୍‌ରେ ଜାନୁଆରୀ ୪ ପର୍ଯ୍ୟନ୍ତ ଚାଲିବ। ଏହା ମାଧ୍ୟମରେ ଉତ୍ସବ ଓ ବିବାହ ଋତୁରେ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ ଓ ଅସାଧାରଣ କିଣାକିଣିର ଅଭିଜ୍ଞତା ମିଳିବ। ୧୨ ଦେଶରେ ଥିବା ୧୯୦ଟି ଶୋ'ରୁମ୍‌ରେ ଜୟଆଲୁକ୍କାସ ଏହି ଅଫର ମାଧ୍ୟମରେ ନିଜର ପ୍ରତିଶ୍ରୁତିଗୁଡ଼ିକୁ ପ୍ରଦର୍ଶିତ କରୁଛି। ଏହି ଉପହାର ଋତୁରେ ଗ୍ରାହକଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଅଫର ରହିଛି। ଗ୍ରାହକ ପୁରୁଣା ସୁନା ବିନିମୟରେ ଗ୍ରାମ ପିଛା ଅତିରିକ୍ତ ୨୫୦ ଟଙ୍କା ପାଇପାରିବେ। ଏହା ସହିତ ଡାୟମଣ୍ଡ ଓ ଅନକଟ୍ ଡାୟମଣ୍ଡର ମୂଲ୍ୟରେ ୨୫% ଛାଡ଼ ଦିଆଯାଉଛି।

ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟରମ୍ୟାନ୍ ଡ.ଜୟ ଆଲୁକ୍କାସ ଏହି ଅଭିଯାନର ଘୋଷଣା କରି କହିଛନ୍ତି ଯେ ଏହା ଗ୍ରାହକଙ୍କ ଦୀର୍ଘସ୍ଥାୟୀ ବିଶ୍ୱାସ ଓ ପ୍ରେମ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଗୋଟିଏ ପ୍ରୟାସ ମାତ୍ର। ଏହି ବିଶେଷ ଅଫରଗୁଡ଼ିକ ମାଧ୍ୟମରେ ଗ୍ରାହକଙ୍କୁ ସ୍ମରଣୀୟ ଅନୁଭବ ଦେବାକୁ ଚାହୁଁଛୁ। ଶୋ'ରୁମକୁ ଆସି କିଣାକିଣି କରି ଏହାର ଲାଭ ଉଠାଇବାକୁ ସେ ଗ୍ରାହକଙ୍କୁ କହିଛନ୍ତି। ଏହି ଅଭିଯାନରେ ଜୟଆଲୁକ୍କାସ୍‌ର ବିସ୍ତୃତ ଭାରତୀୟ ରିଟେଲ୍ ନେଟୱର୍କରୁ ଅଫରର ଲାଭ ପାଇପାରିବେ। ଡାଏମଣ୍ଡ ଓ ଅନକଟ୍ ଡାଏମଣ୍ଡ ସଂଗ୍ରହରେ ପ୍ରତ୍ୟେକ ଅଳଙ୍କାର ପ୍ରମାଣିତ ସତ୍ୟତା ଦ୍ୱାରା ସମର୍ଥିତ। ଶୁଦ୍ଧତାରେ ଗ୍ୟାରେଣ୍ଟି ଦିଆଯାଉଛି। ଅଫର ଅବଧି ମଧ୍ୟରେ ଗ୍ରାହକ ଏହାକୁ କ୍ରୟ କରି ଅସାଧାରଣ ମୂଲ୍ୟ, କାଳଜୟୀ ଡିଜାଇନ ଏବଂ ବିଶ୍ୱାସଯୋଗ୍ୟ ସେବା ପାଇପାରିବେ।

# ମେକ୍ସିକୋ ଉପରେ ଜବାବୀ ଶୁଳ୍କ ଲଗାଇବାକୁ ଭାରତର ଚେତାବନୀ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ଭାରତ ଉପରେ ମେକ୍ସିକୋ ୫୦ ପ୍ରତିଶତ ଟିକସ ଲଗାଇଛି। କୌଣସି ମୁକ୍ତ ବାଣିଜ୍ୟ ଚୁକ୍ତି ନ ଥିବା ଦେଶ ଉପରେ ମେକ୍ସିକୋ ଆମଦାନୀ ଶୁଳ୍କ ବଢ଼ାଇ ଦେଇଛି। ତେବେ ଭାରତ ଏଭଳି ଏକପାଖିଆ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛି। ଶୁଳ୍କ ଲଗାଇବା ପୂର୍ବରୁ କୌଣସି ଆଲୋଚନା କରାଯାଇ ନାହିଁ। ସହଯୋଗୀଙ୍କ ବିନା ପରାମର୍ଶରେ ନିଆଯାଇଥିବା ଏହି ନିଷ୍ପତ୍ତି ଆର୍ଥିକ ସମ୍ବନ୍ଧ ଏବଂ ବିଶ୍ୱ ବ୍ୟାପାର ନିୟମର ବିରୋଧୀ ବୋଲି କୁହାଯାଇଛି। ଜାନୁଆରୀ ୧ରୁ ଏହି ନୂଆ ଶୁଳ୍କ କାର୍ଯ୍ୟକାରୀ ହେବ। ଭାରତ ଏହାକୁ ନେଇ ମେକ୍ସିକୋକୁ ଚେତାବନୀ ଦେଇଛନ୍ତି। ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଭାରତ ପକ୍ଷରୁ କୁହାଯାଇଛି ଯେ ମେକ୍ସିକୋର ଏଭଳି ପଦକ୍ଷେପ ଆର୍ଥିକ ସହଯୋଗ ଭାବନାର ବିରୋଧୀ। ଏହା ବହୁମୁଖୀ କାରବାର ବ୍ୟବସ୍ଥାରେ ସ୍ୱଚ୍ଛତା ସିଦ୍ଧାନ୍ତର ବିପରୀତ। ସୂଚନା ଅନୁଯାୟୀ, ନୂଆ ହାର ଲାଗୁ ହେବା ପରେ ଅଧିକାଂଶ ସାମଗ୍ରୀ ଉପରେ ଶୁଳ୍କ ୩୫ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଯିବ। ତେବେ ଶୁଳ୍କ ହାର ୫ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ ମେକ୍ସିକୋ ନିଷ୍ପତ୍ତି ନେଇଛି। ଏହି ଶୁଳ୍କ ଦ୍ୱାରା ୧୪୬୩ ଉତ୍ପାଦ ପ୍ରଭାବିତ ହେବ। ଭାରତ ବ୍ୟତୀତ ଚୀନ୍, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ଭଳି ଏସିଆ ଦେଶ ଉପରେ ମଧ୍ୟ ଶୁଳ୍କର ପ୍ରଭାବ ପଡ଼ିବ। ସେହିପରି ଘରୋଇ ବ୍ୟାପାରକୁ ପ୍ରୋତ୍ସାହନ ଦେବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ମେକ୍ସିକୋ ପକ୍ଷରୁ କୁହାଯାଇଛି।

# ରୁଫ୍ ଟପ୍ ସୋଲାର ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛି ଟାଟା ପାୱାର

**ଭୁବନେଶ୍ୱର, ୧୩।୧୨ (ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଗୁଡିକରେ ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲଏ) ମଡେଲ ଅଧୀନରେ ରୁଫ୍‌ଟପ୍ ସୋଲାର ଲଗାଇବା ବୃଦ୍ଧି ପାଇଛି। ରାଜ୍ୟରେ ମୋଟ ରୁଫ୍‌ଟପ୍ ସୋଲାର ସଂଯୋଗ ସଂଖ୍ୟା ୨୧୦୦ ଅତିକ୍ରମ କରିଛି। ଅଂଶଗ୍ରହଣକାରୀ ପରିବାର ମଧ୍ୟରୁ ୭୦% ଙ୍କ ବିଦ୍ୟୁତ ବିଲ୍‌ରେ ୯୦% ହ୍ରାସ ଘଟିଛି। କାର୍ଯ୍ୟକାରୀ ହେବାର ପ୍ରଥମ ମାସ ମଧ୍ୟରେ ପ୍ରାୟ ୩୦୦ ଉପଭୋକ୍ତାଙ୍କ ବିଦ୍ୟୁତ ବିଲ୍ ଶୂନ ରହିଛି। ସରକାରଙ୍କ ମାର୍ଗଦର୍ଶନରେ କେବଳ ଓଡ଼ିଶାରେ ଆରମ୍ଭ ହୋଇଥିବା ଏହି ୟୁଏଲଏ ମଡେଲ ଘରୋଇ ରୁଫ୍‌ଟପ୍ ସୋଲାର ଯୋଗାଣ କ୍ଷେତ୍ରରେ ଏକ ଗଠନମୂଳକ ପରିବର୍ତ୍ତନର ନେତୃତ୍ୱ ନେଉଛି। ବର୍ତ୍ତମାନ ମୂଲ୍ୟ ୫,୦୦୦ ଟଙ୍କାରୁ ୧,୮୭୫ ଟଙ୍କାକୁ କମିଯାଇଛି।



ରୁଫ୍‌ଟପ୍ ସୋଲାର ସିଷ୍ଟମ ସହିତ ସ୍ମାର୍ଟ ମିଟରର ସଂଯୋଗ ଉଲ୍ଲେଖନୀୟ ସଫଳତା ଆଣିଦେଇଛି। ଏହା ଉପଭୋକ୍ତାମାନଙ୍କୁ ବଳକା ବିଦ୍ୟୁତକୁ ନିରବଚ୍ଛିନ୍ନ ଭାବରେ ଗ୍ରୀଡ୍‌କୁ ପଠାଇବାକୁ ଅନୁମତି ଦେଇଥାଏ। ଏହି ବ୍ୟବସ୍ଥାରେ ଭେଣ୍ଡର ଚୟନ ଠାରୁ ଆରମ୍ଭକରି ଇନଷ୍ଟଲେସନ୍, ଗୁଣବତ୍ତା ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଗୋଟିଏ ସ୍ଥାନରୁ ପରିଚାଳିତ ହେଉଛି।

## ଆଶ୍ରମ ବିଦ୍ୟାଳୟରେ ର୍‍ୟାଗିଂ!

# ବିଛଣାରେ ପରିସ୍ରା କରିଦେବାରୁ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ଼

**ଫିରିଙ୍ଗିଆ, ୧୩।୧୨(ସମିସ):** ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ସେବାଶ୍ରମରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ଆହତ ହୋଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ଗତରାତିରେ ଖାଇ ସାରି ଗୋଟିଏ ଶଯ୍ୟାରେ ଶୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ବିଛଣାରେ ପରିସ୍ରା କରିଦେଇଥିଲା। ଏହାକୁ ନେଇ ଆଜି ସକାଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ସକାଳେ ତାକୁ ଏକ ବାଡ଼ିରେ ପିଟିଥିଲେ। ଏଥିରେ ପ୍ରଥମ ଶ୍ରେଣୀ ଛାତ୍ର ଆହତ ହୋଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ରୋହିତ କହଁର ଆହତ ଛାତ୍ରକୁ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠପଢୁଥିବା ବେଳେ

- ଆହତ ଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଲେ ସରପଞ୍ଚ
- ଆବଶ୍ୟକ ଶିକ୍ଷକ ନିଯୁକ୍ତ ନ ହେଲେ ଆନ୍ଦୋଳନ ଚେତାବନୀ
- ଛାତ୍ରଙ୍କ ଆଖିରେ ଫେଭି-କ୍ୱିକ୍ ଲଗାଇ ପୂର୍ବରୁ ଚର୍ଚ୍ଚାକୁ ଆସିଥିଲା ସ୍କୁଲ

ପରିଚାଳନା ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ, ସ୍କୁଲର ବରିଷ୍ଠ ଛାତ୍ରମାନେ କିଛି କନିଷ୍ଠଙ୍କ ଆଖିରେ ଫେଭି-କ୍ୱିକ୍ ଅଠା ଲଗାଇବା ଭଳି ଘଟଣାକୁ ନେଇ ଏହି ସ୍କୁଲ ରାଜ୍ୟବ୍ୟାପୀ ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ଘଟଣାରେ ପ୍ରଧାନଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଥିଲା। ପରେ ଅନ୍ୟ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଅଣାଯାଇଥିବା ବେଳେ ନୂତନ ପ୍ରଧାନଶିକ୍ଷକଙ୍କ ଅସୁବିଧା ଓ ଦେହ ଅସୁସ୍ଥ ଯୋଗୁଁ ଗୋଟିଏ ଦିନ ଆଗରୁ ଛୁଟିରେ ଥିଲେ। ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷୟିତ୍ରୀ ହଷ୍ଟେଲ ଦାୟିତ୍ୱରେ ଥିଲେ।

ଶିକ୍ଷକ ଅଭାବରୁ ସ୍କୁଲରେ ଏଭଳି ଅଘଟଣ ବାରମ୍ବାର ଘଟୁଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ସରପଞ୍ଚ ରୋହିତ କହଁର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧିକ ଶିକ୍ଷକ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। କିଛି ଦିନ ତଳେ ଜଣେ ଶିକ୍ଷକଙ୍କୁ ଡେପୁଟେସନ୍‌ରେ ଅଣାଯାଇଥିବା ବେଳେ ସଙ୍ଗେସଙ୍ଗେ ପୁଣି ତାଙ୍କୁ ଏଠାରୁ ନିଆଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ପରିସ୍ଥିତିକୁ ଦୃଷ୍ଟି ଦେଇ ତୁରନ୍ତ ଶିକ୍ଷକ ନିଯୁକ୍ତି କରାନଗଲେ, ବିଦ୍ୟାଳୟରେ ତାଲା ପକାଇବା ସହ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଶ୍ରୀ କହଁର ଚେତାବନୀ ଦେଇଛନ୍ତି।

## ଆଜି ଦିଲ୍ଲୀରେ କଂଗ୍ରେସର ବିଶାଳ ସମାବେଶ

# ଓଡ଼ିଶାରୁ ଗଲେ ୨ ହଜାର ନେତା ଓ କର୍ମୀ

**ଭୁବନେଶ୍ୱର, ୧୩।୧୨ (ସମିସ):** ରବିବାର ମଧ୍ୟାହ୍ନରେ ନୂଆଦିଲ୍ଲୀର ରାମଲୀଳା ମୈଦାନ ଗର୍ଜିବ କଂଗ୍ରେସ। ସମଗ୍ର ଦେଶରୁ ଲକ୍ଷାଧିକ କଂଗ୍ରେସ ନେତା ଓ କର୍ମୀ ଏକ ବିଶାଳ ସମାବେଶରେ ଏକାଠି ହେବେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଉକ୍ତ ସମାବେଶରେ 'ସମ୍ବିଧାନ ବଞ୍ଚାଅ', 'ଏସ୍‌ଆଇଆର ବନ୍ଦ କର' ଓ 'ଭୋଟ୍ ଚୋର ଗାଦି ଛାଡ଼' ଆଦି ସ୍ଲୋଗାନ୍ ଦିଆଯାଇ ଦେଶର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ସରକାରଙ୍କୁ ଆହ୍ୱାନ ଦିଆଯିବ। ଏହି କ୍ରମରେ ଓଡ଼ିଶାରୁ ମଧ୍ୟ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀ ଦିଲ୍ଲୀ ଗସ୍ତ କରିଛନ୍ତି।

ଗତ ଅକ୍ଟୋବରରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ଭୋଟ୍ ଚୋରି ବିରୋଧରେ ଦସ୍ତଖତ ଅଭିଯାନ' ନଭେମ୍ବର ୩୦ ତାରିଖରେ ଶେଷ ହୋଇଥିଲା। କୋଟିକୋଟି ଲୋକଙ୍କ ଦସ୍ତଖତ ସଂଗ୍ରହ ହୋଇଥିବା ବେଳେ କେବଳ ଓଡ଼ିଶାରୁ ୧୦,୭୮,୨୭୦ ଜଣଙ୍କ ଦସ୍ତଖତ ସଂଗ୍ରହ ହୋଇଥିଲା। ଦିଲ୍ଲୀ ସମାବେଶରେ ଏ ନେଇ କଂଗ୍ରେସ ଅଧ୍ୟକ୍ଷ ଆନୁଷ୍ଠାନିକ ଭାବେ ଘୋଷଣା କରିବେ। ଏହି ସମସ୍ତ ଦସ୍ତଖତ ସମ୍ବଳିତ ନଥିପତ୍ର ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଓଡ଼ିଶାରୁ ପିସିସି ସଭାପତି ଭକ୍ତଚରଣ ଦାସ, ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଓଡ଼ିଶାର ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ନେତୃତ୍ୱରେ ୨୦୦୦ରୁ ଅଧିକ କଂଗ୍ରେସ ନେତା ଓ କର୍ମୀ ୨-୩ ଦିନ ପୂର୍ବରୁ ଯାଇ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ରବିବାର ପୂର୍ବାହ୍ନ ସାଢ଼େ ୮ଟାରୁ ୯ଟା ମଧ୍ୟରେ ୩୪, ଗୁରୁଦ୍ୱାରା ରକବଗଞ୍ଜ ରୋଡ୍‌ଠାରେ ଓଡ଼ିଶାର ନେତା ଓ କର୍ମୀ ଏକାଠି ହୋଇ ସେଠାରୁ ଏକ ପଦଯାତ୍ରାରେ ବାହାରି ରାମଲୀଳା ମୈଦାନରେ ପହଞ୍ଚିବେ ବୋଲି ଜଣାଯାଇଛି।



## ୧୯ରେ 'ମଟରସାଇକେଲ'

ଡିସେମ୍ବର ୧୯ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ବାବୁ ଭାଇ ପ୍ରଡକସନର ନୂଆ ଓଡ଼ିଆ ସିନେମା 'ମଟରସାଇକେଲ'। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଜ୍ୟୋତି, ଅଭିଷେକ, ଆଲିସା ସାମନ୍ତରାୟ, କୁନା ତ୍ରିପାଠୀ, ପ୍ରୀତି ବିଶ୍ୱାଳ, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ସିନେମାର ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଭାବେ ଅଛନ୍ତି ପ୍ରେରଣା ପ୍ରତୀକ୍ଷା। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ ଓ ପ୍ରଣବ। ଏଥିରେ ଡାକ୍ତର ନିର୍ମଳ ନାୟକଙ୍କ ଗୀତକୁ ସୁନ୍ଦର ଭାବେ ସଂଗୀତରେ ସଜାଇଛନ୍ତି ସୋମେଶ ଶତପଥୀ। ଫ୍ୟାମିଲି ଡ୍ରାମା ଉପରେ ଆଧାରିତ ଏହି ସିନେମାକୁ ଦର୍ଶକେ ପସନ୍ଦ କରିବେ ବୋଲି ପୂରା ଟିମ୍ ଆଶାବାଦୀ ଅଛି। ■



## ଖଳନାୟକ ଚରିତ୍ରରେ ଶୁଭମ୍

ଖୁବଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜରଆସୁଛନ୍ତି। ତେବେ ଚଳଚ୍ଚିତ୍ରରେ ଖଳନାୟକ ଚରିତ୍ରରେ ଜଣେ ନୂଆ ଚେହେରା ଦେଖିବାକୁ ମିଳିବ। ସେ ହେଲେ ଶୁଭମ୍ ପାଢ଼ୀ। ଶୁଭମ୍ ଖୁବ୍ କମ୍ ବୟସରୁ ଖଳନାୟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଗୁରୁଦାୟିତ୍ୱ ମୁଣ୍ଡକୁ ନେଇଛନ୍ତି। ପ୍ରଥମ କରି ସେ ଖଳନାୟକ ଚରିତ୍ରରୁ ତାଙ୍କର ଓଲିଉଡ୍ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ଓଲିଉଡ୍‌ରେ ଶୁଭମଙ୍କ ପ୍ରଥମ ପାଦ ତାଙ୍କୁ କେଉଁ ଆଡ଼କୁ ନେବ, ତାହା ତ ଚଳଚ୍ଚିତ୍ର ଦେଖିବା ପରେ ଜଣାପଡ଼ିବ। ଶୁଭମ ଯୁକ୍ତ ତିନିର ଛାତ୍ର। ସେ ଅଡ଼ଶପୁର ଅଟୋନମୋସ କଲେଜରେ ପାଠ ପଢୁଛନ୍ତି। ପାଠପଢ଼ା ସହ ସେ ତାଙ୍କର ଅଭିନୟ ଯାତ୍ରକୁ ଆଗେଇ ନେବାକୁ ଇଚ୍ଛାକୁ ରଖିଛନ୍ତି। ଚକ୍ରାନ୍ତର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନ୍ଟୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ସୁମନ ମହାନ୍ତି ପ୍ରମୁଖଙ୍କ ସମେତ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି। ■



ଟେଲିଭିଜନ ପ୍ରିମିୟର

## 'ସାହା ହେବେ ମୋତେ ମା ମଙ୍ଗଳା'

ଡିସେମ୍ବର ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ 'ସାହା ହେବେ ମୋତେ ମା ମଙ୍ଗଳା'। କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏବଂ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସବୁବେଳେ ରକ୍ଷା କରେ, ତାହାକୁ ନେଇ ଏହା ଏକ ସୁନ୍ଦର କାହାଣୀ। ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଫିଲ୍ମରେ ତୁଷାର ଏବଂ ସିମରନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟି ଗୌରୀ ନାମକ ଏକ ଝିଅର ବିବାହ ଓ ତା'ର ପରବର୍ତ୍ତୀ ରୋମାଞ୍ଚ ଉପରେ ଏକ ଭିନ୍ନ କାହାଣୀ। ମା' ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀ ଆକସ୍ମିକ ଭାବେ ସୁପରଷ୍ଟାର୍ ରାଜକୁମାର ଚୌଧୁରୀଙ୍କ ସହ ଏକ ମିଛ ବିବାହ ହୋଇଯାଏ। ଏହା ପରେ ଗୌରୀର ଶାନ୍ତ ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ। କାରଣ ଗୌରୀ ଏହି ବିବାହକୁ ପ୍ରକୃତ ବୋଲି ବିଶ୍ୱାସ କରିଛି। ପରିସ୍ଥିତିର ବାଧବାଧକତା ପାଇଁ ରାଜଙ୍କ ପରିବାର ଗୌରୀକୁ ନିଜ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି। ଅନ୍ୟପଟେ ଈର୍ଷାଳୁ ଅଙ୍କିତା ଯିଏକି ରାଜଙ୍କୁ ଭଲପାଏ, ତାକୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡ଼କୁ ମୁହାଁଇ ଥାଏ। ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇ ଟାଳେ। ବର୍ତ୍ତମାନ କେବଳ ଗୌରୀର ଦିବ୍ୟ ଶକ୍ତି ହିଁ ପ୍ରକୃତ ସତ୍ୟକୁ ଉନ୍ମୋଚନ କରିପାରିବ ଏବଂ ତାଙ୍କୁ ରକ୍ଷା କରିପାରିବ। ଏହି ଚଳଚ୍ଚିତ୍ରରେ ଡ. ନିର୍ମଳ ନାୟକଙ୍କ ଲିଖିତ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ। କଣ୍ଠଦାନ କରିଛନ୍ତି ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ୍। ଏହି ସିନେମାଟି ସାର୍ଥକରେ ସପରିବାର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି। ■



## 'ଛୁମନ୍ତର' ଛାଡ଼ିଲେ ଅନନ୍ୟା

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ 'ଛୁମନ୍ତର' ସିନେମାରେ ନଜର ଆସିଥାନ୍ତେ। ଏବେ ସେ ଏହି ସିନେମାକୁ ଛାଡ଼ି ଦେଇଛନ୍ତି। ତେବେ ସେ ଏହି ସିନେମା କାହିଁକି ଛାଡ଼ିଲେ, ତାହାର କାରଣ ବି କହିଛନ୍ତି। ଅନନ୍ୟା 'କଲ ମି ବେ-୨' ସୁଟିଂ ସହିତ ଏହି ସିନେମାର ତାଳମେଳ ରହିବ ନାହିଁ। ତେବେ 'କଲ୍ ମି ବେ-୨' ସିନେମାର ସୁଟିଂ ଆରମ୍ଭ ହୋଇଛି। ତେଣୁ ଏଥିରେ ବ୍ୟସ୍ତ ରହି ଅନନ୍ୟା 'ଛୁମନ୍ତର' ସିନେମାକୁ ସମୟ ଦେଇପାରିବେ ନାହିଁ। ଫଳରେ ସେ ଏଥିରୁ ଓହରି ଯିବାକୁ ଉଚିତ ମଣିଲେ। ଅନନ୍ୟା ସିନେମାରୁ ଓହରି ଯାଇଥିବା ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମନ ଦୁଃଖ ହୋଇଛି। ଏହି ଫାଟାନ୍ସି ରୋମାଣ୍ଟିକ୍ ସିନେମାର ପ୍ରସ୍ତୁତି କାହିଁକେଉଁ ମାସରୁ ଆରମ୍ଭ ହେଲାଣି। ସେହିପରି ଏଥିରୁ ଅନନ୍ୟା ଓହରିବା ପରେ ସିନେମାର କାଷ୍ଟରେ ବି ପରିବର୍ତ୍ତନ ଆସିଥିବା କୁହାଯାଉଛି। ସାଉଥ୍ ସୁନ୍ଦରୀ ଶ୍ରୀଲୀଲା ଏବଂ ଜାନ୍‌ବୀ ବୋଡିୱାଲାଙ୍କୁ ଅନନ୍ୟାଙ୍କ ସ୍ଥାନରେ ଏହାର ନିର୍ମାତା ନେଲେ। ■

## "ଜୀବନ ଥିବା ଯାଏଁ ଅଭିନୟ କରୁଥିବି"

**ସୁଲଗ୍ନା ନାୟକ, ଅଭିନେତ୍ରୀ**

ସେ ମଞ୍ଚରେ ଜୀବନ୍ତ ଅଭିନୟ କରନ୍ତି। ମଞ୍ଚ ନାଟକରେ ଲୋକପ୍ରିୟତା ହାସଲ କରି ସେ ଓଡ଼ିଆ ଧାରାବାହିକରେ ଭାଗ୍ୟ ପରୀକ୍ଷା କରିଥିଲେ। ଅନେକ ଧାରାବାହିକରେ ନାୟିକା ଭାବେ ସେ ଚମତ୍କାର ଅଭିନୟ କରିଛନ୍ତି। ଏହି ପ୍ରତିଭାମୟୀ ଅଭିନେତ୍ରୀ ହେଉଛନ୍ତି ସୁଲଗ୍ନା ନାୟକ। ଭଦ୍ରକ ଜିଲ୍ଲାରେ ତାଙ୍କର ଜନ୍ମ। କଟକରେ ସେ ବଡ଼ ହୋଇଛନ୍ତି। 'ଶଙ୍ଖା ସିନ୍ଦୂର' ତାଙ୍କର ଡେବ୍ୟୁ ଧାରାବାହିକ। ସେ ଅନେକ ଧାରାବାହିକ, ଟେଲିଫିଲ୍ମ, ମ୍ୟୁଜିକ୍ ଭିଡିଓ ଆଦିରେ ଅଭିନୟ କରିଛନ୍ତି। ଧାରାବାହିକ ବା ମଞ୍ଚ ନାଟକ କେଉଁଥିରେ ସୁଲଗ୍ନା ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି ଜାଣିବା ତାଙ୍କ ମୁହଁରୁ।



**ମଞ୍ଚ ଅଭିନେତ୍ରୀରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

- ମୋ ବାପା ଜଣେ ଜଣାଶୁଣା ଥିଏଟର୍ ନିର୍ଦ୍ଦେଶକ ଥିଲେ। ସେ ଚାହୁଁଥିଲେ ମୁଁ ଭବିଷ୍ୟତରେ ନିର୍ଦ୍ଦେଶନା ଦେବି। ହେଲେ ମୋର ମଞ୍ଚ ନାଟକ ପ୍ରତି ପିଲାଦିନରୁ ଦୁର୍ବଳତା ରହିଲା। ସ୍କୁଲରେ ପଢ଼ିବା ସମୟରୁ ମଞ୍ଚନାଟକ ସହିତ ଜଡ଼ିତ ରହିଲି। 'ମାଟିର ମଣିଷ', 'ଚଇତୁ' ଆଦି ନାଟକରେ ଅଭିନୟ କରିଛି। ପରେ ଓଲିଉଡ୍ ଜଗତରେ ଅଭିନୟ କରିବା ପାଇଁ ଅଡିସନ୍ ଦେଇଥିଲି। 'ଶଙ୍ଖା ସିନ୍ଦୂର' ମୋର ପ୍ରଥମ ଧାରାବାହିକ। ଏଥିରେ ମୋର ଚରିତ୍ର ଥିଲା 'ମିଳି'। ଏହି ଚରିତ୍ର ମୋ କ୍ୟାରିୟର ପାଇଁ ଏକ ମାଇଲ୍‌ଷ୍ଟୋନ୍ ଥିଲା। 'ଜ୍ୱାଇଁ ନଂ ୧', 'ମେକାନିକ୍ ଦିଦି', 'ଜୟ ମା ଲକ୍ଷ୍ମୀ'," ଆଦି ଅନେକ ଧାରାବାହିକରେ ଅଭିନୟ କରିଛି। ଟେଲି ଫିଲ୍ମ ' ବାଜି ଲାଗିଛି ମୋ ଶଙ୍ଖା ସିନ୍ଦୂର', 'କବିତା, ବନିତା, ଲତା' ରେ କାମ କରିବାକୁ ସୁଯୋଗ ମିଳିଛି।

**ପ୍ରଥମ ସୁଟିଂ ସେଟ୍‌ର ଅନୁଭୂତି?**

- ମଞ୍ଚରେ ସିଧାସଳଖ ଦର୍ଶକଙ୍କ ସାମ୍ନାରେ ସଂଳାପ ପରିବେଷଣ କରିବାରେ କେବେ ସମସ୍ୟା ହୋଇନି। ହେଲେ 'ଶଙ୍ଖା ସିନ୍ଦୂର'ର ସୁଟିଂ ସେଟ୍‌ରେ ପ୍ରଥମ ଦିନରେ ମୁଁ ଭୟ କରିଥିଲି। ସବୁକିଛି ଭୁଲ୍‌ଭାଲ୍ କରୁଥିଲି। 'ମିଳି' ଚରିତ୍ର ମୋ ନିଜ ସହିତ ସମାନ ଥିବାରୁ ଚରିତ୍ରକୁ ନେଇ ଭୟ ନଥିଲା। ବରଂ ଟେକ୍‌ନିକ୍ ଦୃଷ୍ଟିରୁ ଭୟ ଲାଗିଥିଲା। ଏନେଇ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରମାନେ ମୋତେ ଭୟ ଛାଡ଼ି ଭଲ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ରୋଷେଇ କରିବାକୁ ଭଲ ପାଏ। ଓଡ଼ିଆ ଉପନ୍ୟାସ ପଢ଼େ। ମୁଁ ଜଣେ ପଶୁପ୍ରେମୀ। ଘରେ ଆହତ ବୁଲାକୁକୁର, ବିଲେଇ, ଗାଈଙ୍କର ଯତ୍ନ ନେବାକୁ ଭଲ ପାଏ। ସେଥିରୁ ମୋତେ ଆତ୍ମସନ୍ତୋଷ ମିଳିଥାଏ।

**ଅଭିନୟକୁ ଉଚ୍ଚକୋଟୀର କରିବାକୁ ସୁଲଗ୍ନା କ'ଣ କରନ୍ତି?**

- ଅଭିନୟ ସବୁବେଳେ ଜୀବନ୍ତ ହେବା ଦରକାର। ମଞ୍ଚ ହେଉ କି ସୁଟିଂ ସେଟ୍। କାରଣ ଦର୍ଶକଙ୍କ ପ୍ରଥମ ଶୁଭଦୃଷ୍ଟି ଅଭିନୟ ଉପରେ ହିଁ ପଡ଼ିଥାଏ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଥାଏ, ଏହାକୁ ସଠିକ୍ ଢଙ୍ଗରେ ଉପସ୍ଥାପନା କରେ। ଅଭ୍ୟାସ ଜାରି ରଖେ।

**ଆଗାମୀ ଯୋଜନା?**

- ସମୟ ସୁଯୋଗକୁ କେହି ବି ହାତଛଡ଼ା କରିବାକୁ ଚାହାଁନ୍ତିନି। ଏବେ ମଞ୍ଚ ନାଟକ କରୁଛି। ଆଗାମୀ ଦିନରେ ଭଲ କାହାଣୀର ସିନେମା ମିଳିବାକୁ ଅପେକ୍ଷା କରିଛି। ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। ମଞ୍ଚ ନାଟକରୁ ମୋ କ୍ୟାରିୟର ଆରମ୍ଭ। ଜୀବନ ଥିବା ଯାଏଁ ମଞ୍ଚନାଟକରେ ଅଭିନୟ କରୁଥିବି।

**ଇଣ୍ଡଷ୍ଟ୍ରିରେ ଟିକି ରହିବାର ଉପାୟ?**

- ମୋ ବାପା ଏହି ଲାଇନ୍‌ରେ ଚିହ୍ନା ମୁହଁ ଥିଲେ। ତେଣୁ ଅଭିନେତ୍ରୀ ହେବା ପାଇଁ ମୁଁ କାହାର ସାହାଯ୍ୟ ନେଇନଥିଲି। ନିଜର ପ୍ରତିଭା ଆଉ ଧୈର୍ଯ୍ୟ ବଳରେ ମୁଁ ଏତେ ବାଟ ଆସିପାରିଛି। ତେଣୁ ଏହି ଲାଇନ୍‌ରେ ଟିକି ରହିବାକୁ ହେଲେ ଆତ୍ମବିଶ୍ୱାସ ରଖି କାମ କରିବା ଜରୁରି।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଅଭିନୟରେ ପାରଙ୍ଗମ ହେବାକୁ ହେଲେ ପ୍ରଥମେ ମଞ୍ଚନାଟକ କରିବା ଆବଶ୍ୟକ ବୋଲି ମୁଁ ଭାବେ। ଅଧିକାଂଶ କଳାକାର ହେବାକୁ ଫିଟ୍‌ନେସ୍, ଲୁକ୍, ଅଙ୍ଗଭଙ୍ଗୀ, କଷ୍ଟ୍ୟୁମ ଆଦିକୁ ଅଧିକ ଗୁରୁତ୍ୱ ଦିଅନ୍ତି। ହେଲେ ପ୍ରଥମେ ଅଭିନୟକୁ ଗୁରୁତ୍ୱ ଦିଅନ୍ତୁ। ନିଜକୁ ମିଳୁଥିବା ଚରିତ୍ରକୁ କେତେ ମାତ୍ରାରେ କରିବେ ତାହାକୁ ଧ୍ୟାନ ଦିଅନ୍ତୁ। ଗୁରୁଜନଙ୍କଠାରୁ ଶିଖିବା ମନୋବୃତ୍ତି ରଖନ୍ତୁ। ■

ପରଦା ପଛର କାହାଣୀ

## ଚାରିଧାଡ଼ି ଭାବନାରୁ ନିର୍ମିତ ଫିଲ୍ମ

ସିନେ ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ ଏକ ଚର୍ଚ୍ଚିତ ଫିଲ୍ମ 'ଶୋଲେ'। ବଲିଷ୍ଟାର୍ ଅମିତାଭ ବଚ୍ଚନ ଓ ଧର୍ମେନ୍ଦ୍ରଙ୍କ କ୍ୟାରିୟରରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା ଏହି ଫିଲ୍ମଟି। ସେହିପରି ଫିଲ୍ମର କାହାଣୀ ଲେଖକ ସଲିମ୍ ଖାନ୍ ଏବଂ ଜାଭେଦ ଅଖତରଙ୍କ କ୍ୟାରିୟରରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ତେବେ ଫିଲ୍ମର କାହାଣୀକୁ ନେଇ ଏକ ରୋଚକୀୟ କଥା ରହିଛି। ଏହାର କାହାଣୀ କେବଳ ଚାରିଧାଡ଼ିର ଭାବନାକୁ ନେଇ ନିର୍ମିତ ହୋଇଥିଲା। ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହାର ପଟ୍ଟକଥା ଓ ଚରିତ୍ର ବାସ୍ତବ ଜୀବନ ଉପରେ ଆଧାରିତ। ଫିଲ୍ମର ଲେଖକ ନିଜ ବ୍ୟକ୍ତିଗତ ଜୀବନର ଅନୁଭବକୁ କାହାଣୀର ରୂପ ଦେଇଛନ୍ତି। ମାତ୍ର ଚାରିଧାଡ଼ି ଭାବନାରୁ ନିର୍ମିତ ହୋଇଥିବା 'ଶୋଲେ' ଭାରତୀୟ ଚଳଚ୍ଚିତ୍ର ଇତିହାସରେ କାଳଜୟୀ ହୋଇଗଲା। ସଲିମ୍ - ଜାଭେଦ ମିଳିତ ଭାବେ ଏହି ଫିଲ୍ମର କାହାଣୀକୁ ଗତିଶୀଳ କରାଇଥିଲେ। ଏହାର କାହାଣୀ ଦୁଇଜଣ ଅପରାଧୀ ଜୟ ଏବଂ ବୀରୁ ଉପରେ ଆଧାରିତ। ଏଥିରେ ଜୟ ଚରିତ୍ରରେ ଅମିତାଭ ବଚ୍ଚନ ଓ ଭୀରୁ ଭୂମିକାରେ ଧର୍ମେନ୍ଦ୍ର ଚମତ୍କାର ଅଭିନୟ କରିଥିଲେ। ସଲିମ୍ ଖାନ୍ ନିଜର ଦୁଇ ବନ୍ଧୁଙ୍କ ବାସ୍ତବ ଜୀବନକୁ ନେଇ ଏହି ଫିଲ୍ମର କାହାଣୀ ଲେଖିଥିଲେ। ଦୁହେଁ ସଲିମ୍‌ଙ୍କର କଲେଜ ବନ୍ଧୁ ଥିଲେ। ଜଣେ ଜମିଦାରଙ୍କ ପୁଅ ଥିବାବେଳେ ଅନ୍ୟ ଜଣେ କୃଷକ ଥିଲେ। ସେ ଦୁହିଁଙ୍କଠାରୁ ପ୍ରେରଣା ପାଇ ସଲିମ୍ ଏହି ଫିଲ୍ମର କାହାଣୀ ଲେଖିଥିଲେ। ସେହିପରି 'ଶୋଲେ'ର ଡାକୁ ଗବ୍ବର ସିଂ ଚରିତ୍ର ପାଇଁ ବାସ୍ତବରେ ଜଣେ କୁଖ୍ୟାତ ଅପରାଧୀଙ୍କଠାରୁ ପ୍ରେରଣା ଲାଭ କରିଥିଲେ। ତାଙ୍କ ନାଁ ମଧ୍ୟ ଥିଲା ଗବ୍ବର। ସେ ଖୁବ୍ କୁକୁର ପାଳନ କରୁଥିଲେ। ସଲିମ ଖାନ୍ ତାଙ୍କ ପିତାଙ୍କଠାରୁ ଏହି ଡାକୁର କାହାଣୀ ଶୁଣିଥିଲେ। ଫିଲ୍ମର କାହାଣୀ ପୂରା କରିବା ପାଇଁ ସଲିମ୍- ଜାଭେଦ ନିଜ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ଏଥିରେ ସାମିଲ କରାଇଥିଲେ। 'ଶୋଲେ'ର ବସନ୍ତୀ ଏବଂ ଠାକୁର ଚରିତ୍ର ସେଠାରୁ ସୃଷ୍ଟି ହୋଇଛି। ସେହିପରି 'ଶୋଲେ'ରେ ଠାକୁର ଚରିତ୍ର ସଲିମ୍ ନିଜ ଶ୍ୱଶୁର ବଳଦେବ ସିଂଙ୍କଠାରୁ ପ୍ରେରଣା ପାଇ ସୃଷ୍ଟି କରିଥିଲେ। ଫିଲ୍ମରେ ଏହି ଚରିତ୍ରର ନାମ ବଳଦେବ ସିଂ ଠାକୁର ମଧ୍ୟ ଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ଛଅ ବର୍ଷ ସମୟ ଲାଗିଥିଲା। ଫିଲ୍ମର ଏକ ଦୃଶ୍ୟ ୨୩ ଦିନ ଏବଂ ଆଉ ଦୃଶ୍ୟ ସୁଟିଂ ପାଇଁ ତିନିବର୍ଷ ସମୟ ଲାଗିଥିଲା। ଠାକୁରଙ୍କ ପରିବାର ସଦସ୍ୟଙ୍କୁ ଗବ୍ବର ମାରିବାର ଦୃଶ୍ୟଟି ୨୩ ଦିନରେ ସୁଟିଂ ହୋଇଥିଲା। ସେହିପରି ଜୟ ରାଧାଙ୍କ ଏକ ଦୃଶ୍ୟ ୩ ବର୍ଷରେ ସୁଟ୍ ହୋଇଥିଲା। ୨୦୧୭ ମସିହାରେ ଅମିତାଭ ବଚ୍ଚନ ଏହା ସଂପର୍କରେ କହିଥିଲେ। ୫୦ ବର୍ଷ ପୂର୍ବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୫୦ କୋଟି ଆୟ କରିଥିଲା। ■





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

# ମେସିଙ୍କ ପାଇଁ କୋଲକାତା ପାଗଳ

କୋଲକାତା,୧୩।୧୨(ଏଜେନ୍ସି):

ବିଶ୍ୱବିଖ୍ୟାତ ଫୁଟବଲ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କ ଭାରତ ଗସ୍ତ କିଛି ସମର୍ଥକଙ୍କୁ ଆନନ୍ଦ ଦେଇଥିଲାବେଳେ କୋଲକାତା ସମର୍ଥକଙ୍କୁ ନିରାଶ କରିଛି। ମେସିଙ୍କ ଗସ୍ତବେଳେ କୋଲକାତାରେ ହଙ୍ଗାମା ହୋଇଥିଲା। ଏଥିଲାଗି ତୀବ୍ର ସମାଲୋଚନା ହେବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦର୍ଶକ ଓ ମେସିଙ୍କୁ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକଙ୍କୁ ଗିରଫ କରାଯାଇଛି ଓ ଦର୍ଶକଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦିଆଯିବ ବୋଲି ଘୋଷଣା କରାଯାଇଛି। ଅନ୍ୟ ପକ୍ଷରେ କୋଲକାତା ପରେ ହାଇଦରାବାଦ୍‌ରେ ମେସି ପହଞ୍ଚିବା ପରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସହଜରେ ସବୁକିଛି ଆୟୋଜିତ ହୋଇଥିଲା।

## ଅଢ଼େଇଘଣ୍ଟାର କାର୍ଯ୍ୟକ୍ରମ ଅଧଘଣ୍ଟାରେ ଶେଷ

ଭାରତ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର ଥିଲା। ସହରର ମୁଖ୍ୟସ୍ଥଳରେ ତାଙ୍କର ଏକ ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ସେ ଉନ୍ମୋଚନ କରିଥିଲେ। ଏହା ପରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଓ ତାଙ୍କ ପୁଅ ଆବରାମଙ୍କ ସହ ଫଟୋ ଉଠାଇଥିଲେ। ପରେ ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକଙ୍କ ଉପସ୍ଥିତିରେ ମେସି ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଆୟୋଜକ, ମନ୍ତ୍ରୀ, ବିଧାୟକ, ଭିଆଇପିମାନେ ତାଙ୍କୁ ଘେରି ରହିଥିଲେ। ଅଳ୍ପସମୟ ପରେ ତାଙ୍କୁ ହଠାତ୍ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା। ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ତାଙ୍କ ଅନୁପସ୍ଥିତି ଜାଣିବା ପରେ ବହୁ ଉଚ୍ଚ ଦରରେ ଟିକଟ କିଣି ଉପସ୍ଥିତ ଥିବା ଦର୍ଶକ ଓ ସମର୍ଥକଙ୍କ ମଧ୍ୟରେ ନିରାଶା ଖେଳିଯାଇଥିଲା। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା ଆରମ୍ଭ କରିଦେଇଥିଲେ। ମନ୍ତ୍ରୀ, ଭିଆଇପି ମେସିଙ୍କୁ ଏପରି ଘେରି ଯାଇଥିଲେ ଯେ, ତାଙ୍କୁ ଦେଖିବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଷ୍ଟାଡିୟମ୍‌ରେ ଅରାଜକତା ସୃଷ୍ଟି ହୋଇଯାଇଥିଲା ଓ ଆୟୋଜକମାନେ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ଏହି ଗଣ୍ଡଗୋଳିଆ ଘଟଣା ପରେ ଆୟୋଜକ ଓ ପଶ୍ଚିମବଙ୍ଗ ସରକାରଙ୍କୁ ସବୁଆଡୁ ତୀବ୍ର ସମାଲୋଚନା କରାଯାଇଥିଲା। କୋଲକାତାରେ ମେସିଙ୍କର ଅଢ଼େଇଘଣ୍ଟାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହା ଅଧଘଣ୍ଟାରେ ଶେଷ ହୋଇଯାଇଥିଲା। ସୁରକ୍ଷା ଆଳ ଦେଖାଇ ତାଙ୍କୁ ଆଉ କୌଣସି କାର୍ଯ୍ୟକ୍ରମରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ଅଘଟଣ ପରେ କୋଲକାତା ପୁଲିସ୍ ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଉଚ୍ଚଦର ଦେଇ ଟିକଟ କିଣିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ଦେବାକୁ ଘୋଷଣା କରାଯାଇଛି।



ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ବିଶୃଙ୍ଖଳା

## ରାହୁଲଙ୍କୁ ମେସିଙ୍କ ଜର୍ସି ଉପହାର

ହାଇଦରାବାଦ୍ : କୋଲକାତାରୁ ମେସି ଯାଇ ହାଇଦରାବାଦ୍‌ରେ ପହଞ୍ଚିବା ପରେ ତାଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ସ୍ୱାଗତ କରିଥିଲେ। ବିମାନବନ୍ଦର ବାହାରେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ମେସି ମେସି ସ୍ଲୋଗାନ ଦେଇଥିଲେ। ଏହା ପରେ ମେସି ଏକାଦଶ ଓ ମୁଖ୍ୟମନ୍ତ୍ରୀ ଏକାଦଶ ମଧ୍ୟରେ ୨୦ ମିନିଟିଆ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଅନ୍ୟ ଯୁବ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏହି ବିଶ୍ୱ ଚାମ୍ପିଅନ। ବିରୋଧୀ ଦଳ ନେତା ତଥା ସାଂସଦ ରାହୁଲ ଗାନ୍ଧିଙ୍କୁ ଏକ ଜର୍ସି ଉପହାର ଦେଇଥିଲେ ମେସି। ଏହି ଟୁର୍‌ରେ ସାଥି ଖେଳାଳି ଲୁଇସ୍ ସୁଆରେଜ୍ ଓ ରୋଡ୍ରିଗୋ ଡି ପଲ୍ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ଆସନ୍ତାକାଲି ମେସି ମୁମ୍ବଇ ଓ ସୋମବାର ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଦୀର୍ଘ ୧୪ ବର୍ଷ ପରେ ମେସି ଭାରତ ଆସିଛନ୍ତି। ସୂଚନାଯୋଗ୍ୟ ବିଶ୍ୱର ଏହି ଶ୍ରେଷ୍ଠ ଫୁଟବଲ ଖେଳାଳି ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୨ ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା।




■ ଯୁବ ଏସିଆ କପ୍ କ୍ରିକେଟ୍

## ଆଜି ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ, ୧୩।୧୨ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ସକାଳ ୧୦ଟା ୩୦ରେ ଗ୍ରୁପ୍-ଏ'ର ଏହି ମ୍ୟାଚ୍ ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଉଭୟ ଭାରତ ଓ ପାକିସ୍ତାନ ସେମାନଙ୍କ ପ୍ରଥମ ଗ୍ରୁପ୍ ମ୍ୟାଚରେ ବିଜୟୀ ହୋଇଛନ୍ତି। ଗତକାଲି ଭାରତ ୨୩୪ ରନର ବଡ଼ ବ୍ୟବଧାନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଓପନର୍ ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୯୫ ବଲରେ ୧୭୧ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ସେହିଭଳି ପାକିସ୍ତାନ ଏହାର ପ୍ରଥମ ମ୍ୟାଚରେ ମାଲେସିଆକୁ ୨୯୭ ରନରେ ହରାଇଥିଲା। ରେକର୍ଡ ଉପରେ ନଜର ପକାଇଲେ ଯୁଥ ଦିନିକିଆରେ ଦୁଇଦେଶ ମଧ୍ୟରେ ୨୭ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭାରତ ୧୫ଟି ଓ ପାକିସ୍ତାନ ୧୧ଟି ମ୍ୟାଚ୍ ବିଜୟୀ ହୋଇଛି। ଗୋଟିଏ ମୁକାବିଲା ଟାଇ ରହିଛି।

ଭାରତ-ଦକ୍ଷିଣ ଆଫ୍ରିକା ତୃତୀୟ ଟି-୨୦ ଆଜି

## ବିଶ୍ୱକପ୍ ପୂର୍ବରୁ ଗିଲ୍‌ଙ୍କ ଲାଗି ଅଗ୍ନିପରୀକ୍ଷା

ଧର୍ମଶାଳା,୧୩।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ରବିବାର ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୨ଟି ମ୍ୟାଚ୍ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି। ଏଠାରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ସିରିଜ୍ କବ୍‌ଜା ଉପରେ ଆଉ ପାଦେ ଆଗେଇବ। ଏଣୁ ଏହି ମ୍ୟାଚ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଏବେ ସମସ୍ତେ ଚିନ୍ତିତ। ଘରୋଇ ଦଳର ଟିମ୍ ମ୍ୟାନେଜମେଣ୍ଟ ଲାଗି ଏହା ଯେତିକି ଚିନ୍ତାର କାରଣ ସାଜିଛି, ତା'ଠାରୁ ଅଧିକ ବିପଦରେ ଅଛନ୍ତି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲ୍। ଉଭୟ ଖେଳାଳି ଆଦୌ ଫର୍ମରେ ନ ଥିବାରୁ ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଚୂଡାନ୍ତ କରିବା ଉଭୟ ଜାତୀୟ ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ଲାଗି ସମ୍ଭବପର ହେଉନାହିଁ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ-ମାର୍ଚ୍ଚରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳକୁ ନିଜର ଦକ୍ଷତା ଓ ଦୁର୍ବଳତା ସଜାଡିନେବାକୁ ଆଉ ମାତ୍ର ୮ଟି ମ୍ୟାଚ୍ ରହିଛି। ଏହା ମଧ୍ୟରୁ ଚଳିତ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ର ୩ଟି ମ୍ୟାଚ୍ ରହିଛି। ଏହି ସିରିଜ୍ ଉଭୟ ସୂର୍ଯ୍ୟକୁମାର ଓ ଶୁବମନଙ୍କ ଭାଗ୍ୟ ପରୀକ୍ଷା ହେବ। ବିଶେଷକରି ଗିଲ୍ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ କି ନାହିଁ, ସୂର୍ଯ୍ୟକୁମାରଙ୍କୁ ନେତୃତ୍ୱ ପଦରୁ ହଟାଯିବ କି ନାହିଁ ତାହା ଏହି ୩ଟି ମ୍ୟାଚ୍ ପରେ ସ୍ପଷ୍ଟ ହେବ। ବିଶେଷ କରି ସଞ୍ଜୁ ସାମସନ, ଋଷଭ ପନ୍ତଙ୍କ ପରି ଖେଳାଳି ବେଞ୍ଚରେ ବସିଥିଲାବେଳେ, ରିଙ୍କୁ ସିଂ ଅପେକ୍ଷା କରିଥିଲାବେଳେ ଶୁବମନଙ୍କୁ ଆଉ କେତେଦିନ ଓ କେତେ ସୁଯୋଗ ମିଳିବ ତାହା ଏହି ୩ଟି ମ୍ୟାଚ୍‌ରେ ନିଶ୍ଚିତ ଚୂଡାନ୍ତ ହେବ। ଏହି ସିରିଜର କଟକରେ ଖେଳାଯାଇଥିବା ମ୍ୟାଚ୍‌ରେ ଗିଲ ୪ ଓ ରାୟପୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଖାତା ଖୋଲି ପାରି ନ ଥିଲେ। ଏହି ସ୍କୋର ତାଙ୍କ ଲାଗି ବିପଦ ସାଜିଛି। ସୂର୍ଯ୍ୟକୁମାରଙ୍କୁ ନେଇ ଚିନ୍ତା ଥିଲେ ମଧ୍ୟ ତାଙ୍କ ନିକଟରୁ ଏବେ ନେତୃତ୍ୱ କାଢ଼ିନିଆଯିବ ନାହିଁ।

ଖେଳ ଆରମ୍ଭ : ରାତି ୭ଟା
ଟିଭି ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର




■ ୧୯ ବର୍ଷରୁ କମ୍ ମହିଳା ଦିନିକିଆ

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୩।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ୭ ୱିକେଟ୍‌ରେ ଗୁଜରାଟ ନିକଟରୁ ପରାସ୍ତ ହୋଇଛି। ଅନନ୍ୟା ରାଉତ (୫୭ ରନ)ଙ୍କ ଅର୍ଦ୍ଧଶତକ ବଳରେ ଓଡ଼ିଶା ୪୯.୨ ଓଭରରେ ୧୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଚାର୍ଲି ସୋଲାଙ୍କିଙ୍କ ୯୦ ରନ ବଳରେ ଗୁଜରାଟ ୩୦.୫ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ଜାତୀୟ ସିନିଅର ହ୍ୟାଣ୍ଡବଲ୍ ଆଲୋକଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୧୩।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ଡିସେମ୍ବର ୧୫ରୁ ପଶ୍ଚିମବଙ୍ଗରେ ଆରମ୍ଭ ହେବ। ଏଥିଲାଗି ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆଲୋକ କୁମାର ଭୋଇଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ଅବସରରେ ଶନିବାର କ୍ରୀଡ଼ା ବିଭାଗ ପକ୍ଷରୁ ଓଏସ୍‌ଡି ବିଜୟ ସାହୁ, ଡ. ଶାଶ୍ୱତ କୁମାର ରାଉତ, ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ, କୋଚ୍ ଗୌରୀଶଙ୍କର ମିଶ୍ର ପ୍ରମୁଖ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଓଡ଼ିଶା ଦଳ: ଆଲୋକ ଭୋଇ (ଅଧିନାୟକ), ବିଶ୍ୱରଞ୍ଜନ ପାତ୍ର, ରଜତ ପାତ୍ର, ଦୀପସନ ଖୋରା, ଅମିତ ରାଜ ସାମନ୍ତରାୟ, ଅରୋ ସେବକ ପଣ୍ଡା, କାହ୍ନୁଚରଣ ମହାରଣା, ରାମଶିଷ ଜେନା, ଅନିଷ ବେହେରା, ରମେଶ ପୃଷ୍ଟି, ଶମ୍ଭୁନାଥ ମଣ୍ଡଳ, ଶୁଭମ ରାୟ, ମନୋଜ ବିଶ୍ୱାଳ, ସ୍ୱାଗତ ସାଗର ସ୍ୱାଁ, ରୀତିକ ହୋ, ଦୁର୍ଗା ମାଧବ ଭୂୟାଁ, ରାଜାରାମ ପଣ୍ଡା ଓ ଅନୁରାଗ ଦାସ।

ନାଲ୍‌କୋ ଓପନ୍ ଟେନିସ୍

## କବୀର, ଦେବାଶିଷ ସେମିରେ

ଭୁବନେଶ୍ୱର,୧୩।୧୨(ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲିର ପୁରୁଷ ବିଭାଗ ସେମିଫାଇନାଲରେ କବୀର ହନ୍ସଙ୍କ ସହ ଦେବାଶିଷ ସାହୁ, ପ୍ରତ୍ୟୁଷ ମହାନ୍ତିଙ୍କ ଅମୃତଜୟ ମହାନ୍ତିଙ୍କର ମୁକାବିଲା ହେବ। ମହିଳା ବିଭାଗ ଏକକରେ ପ୍ରିଶା ଦାସ, ସେକ୍ ସାଫ୍‌ଜା, ଶ୍ରୀୟା ମହାପାତ୍ର ଓ ସଂରଚନା ଦାସ ମଧ୍ୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବିଭାଗ ଏକକରେ ଆହାନ ମିଶ୍ର, ଆୟୂଷ ପଟ୍ଟନାୟକ, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ କମଲେଶ ରଥ ସେମିକୁ ଉନ୍ନୀତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଏକକରେ ସେକ୍ ସାଫ୍‌ଜା, ସାଇରୂପି ମହାନ୍ତି, ଶ୍ରେୟା ମହାପାତ୍ର ଓ ସଂରଞ୍ଜନା ଦାସ, ବାଳକ ଏକକରେ ଶୀୟାସ ପଟ୍ଟନାୟକ, ସୂର୍ଯ୍ୟ ନାଏକ, ସୂୟାଂଶ ଥାଟୋଇ ଓ ସଫଳ ଅଗମନ ମଧ୍ୟ ଫାଇନାଲ ଲାଗି ଆସନ୍ତାକାଲି ବା ରବିବାର ଲଢ଼େଇ କରିବେ।

ସତ୍ୟବ୍ରତ ସ୍ମାରକୀ ଫୁଟବଲ

## ଆଜି ୟୁନିଟ ୬-ଫାଓ ଏକାଦଶ ଫାଇନାଲ ଲଢ଼େଇ

ଭୁବନେଶ୍ୱର,୧୩।୧୨(ସମିସ): ଡିଫେଣ୍ଡିଂ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ-୬ ଆଥ୍‌ଲେଟିକ ଆସୋସିଏସନ ଓ କଟକର ଫାଓ ଏକାଦଶ ମଧ୍ୟରେ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଆସନ୍ତାକାଲି ଖେଳାଯିବ। କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ୩-୨ ଗୋଲରେ ପରାସ୍ତ କରି ୟୁନିଟ୍-୬ ଏଏ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଛୋଟୁ ମୁର୍ମୁ ସମସ୍ତ ୩ଟି ଯାକ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ସମ୍ବଲପୁରର ହରି ଦାସ ୨ଟିଯାକ ଗୋଲ ଶୁଝାଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଟକର ସନ୍‌ରାଇଜ୍ କ୍ଲବ୍‌କୁ ୫-୦ରେ ବିପୁଳ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଓ ଏକାଡେମୀ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ହଂସ୍ଦା, ଅର୍ପଣ ଲାକ୍ରା, ଜିଜୁ ମୁଦୁଲି, ଗଣେଶ ସେଠୀ ଓ ଗୌରବ ନେଗୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଜେନେରାଲ ମ୍ୟାନେଜର ରେଖା ମହାନ୍ତି ଅତିଥିଭାବେ ଯୋଗଦେଇ ଛୋଟୁ ମୁର୍ମୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ପଣ ଲାକ୍ରାଙ୍କୁ ଦ୍ୱିତୀୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।




ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲରେ ଉନ୍ନତି-ଈଶାରାଣୀ

ଭୁବନେଶ୍ୱର, ୧୩।୧୨ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏକ ଲକ୍ଷ ୧୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୧ କୋଟି) ପୁରସ୍କାର ରାଶିବିଶିଷ୍ଟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଶନିବାର ସମସ୍ତବର୍ଗର ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। ଏଥିରେ ପୁରୁଷ ସିଙ୍ଗଲ୍ସରେ ଭାରତର କିରଣ ଜର୍ଜ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଦ୍ୱିତୀୟ ସିଡ୍ କିରଣ ୨୧-୧୯, ୮-୨୧, ୨୧-୧୮ ଗେମରେ ସାଥୀ ଭାରତୀୟ ଖେଳାଳି ରୌନକ ଚୌହାନଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ କିରଣଙ୍କ ମୁକାବିଲା ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କ ସହ ହେବ। ଅନ୍ୟ ଏକ ସେମିରେ ମହମ୍ମଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ନିଜ ଦେଶର ବିସମୋ ରାୟା ଓକତୋରାଙ୍କୁ ହରାଇଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଭାରତୀୟ ଖେଳାଳି ଉନ୍ନତି ହୁଡା ଓ ଇଶାରାଣୀ ବରୁଆଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଉନ୍ନତି ସେମିଫାଇନାଲରେ ୧୮-୨୧, ୨୧-୧୬, ୨୧-୧୬ ଗେମରେ ସାଥୀ ଭାରତୀୟ ତସନିମ ମିର୍‌ଙ୍କ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ଇଶାରାଣୀ ୧୮-୨୧, ୨୧-୭, ୨୧-୭ ଗେମରେ ତନୟା ହେମନ୍ତଙ୍କ ହରାଇଥିଲେ। ଇଶାରାଣୀ ପ୍ରଥମଥର ଲାଗି ବିଡବ୍ଲ୍ୟୁଏଫ୍-୧୦୦ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟଙ୍କୁ ସେମିଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ମିକ୍ସଡ ଡବଲ୍ସରେ ମଧ୍ୟ ଭାରତର ସାତ୍ତ୍ୱିକ ରେଡ୍ଡୀ ଓ ରେଶିକା ଯୋଡ଼ି ସେମିଫାଇନାଲରେ ନିରାଶ କରିଛନ୍ତି।





## ମହାରାଜା ସେଭେନ୍ସ ରଗ୍‌ବୀ ଉଦ୍‌ଘାଟିତ

ବାରିପଦା, ୧୩।୧୨(ସମିସ):

ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଶନିବାର ବାରିପଦା ଷ୍ଟାଡିୟମ ପଡିଆରେ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦଘାଟନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବିଭାଗର ୨୦ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିସହ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ପୁରୁଷ ବିଭାଗରେ ପ୍ରଥମ ସେମିଫାଇନାଲ ଦିଲ୍ଲୀର ଫ୍ୟୁଚର ହୋପ୍ ହରକ୍ଲିନ୍ସ ଓ ମୁମ୍ବାଇ ମେଜିସିଆନ ଏବଂ ଦ୍ୱିତୀୟ ସେମିଫାଇନାଲ ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ ଦିଲ୍ଲୀ ହରିକେନ୍ସ ମଧ୍ୟରେ ଖେଳାଯିବ। ସେହିଭଳି ମହିଳା ବିଭାଗରେ ପ୍ରଥମ ସେମିରେ କୋଲକାତାର ଫ୍ୟୁଚର ହୋପ ହରିକେନ୍ସ ଓ ସିଲିଗୁଡିର ସରସ୍ୱତୀପୁର ଲେପୋଡର୍ ସାମ୍ନାସାମ୍ନି ହେବେ। ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ କୋଲକତା ପୁଲିସ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ ବୋଲି ସହ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି।

ଉଦଘାଟନୀ ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ ଓ ସୋମନାଥ ସିଂହ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS